

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 September 2024

Vol.No. 35 ■ No.250 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ଆସିବେ ପ୍ରଧାନମନ୍ତ୍ରୀ: ଦେବେ ସୁଭଦ୍ରା ଭେଟି



ଭୁବନେଶ୍ୱର, ୧୬/୯ (ନି.ପ୍ର): କାଲି ଆସିବେ ପ୍ରଧାନମନ୍ତ୍ରୀ । ସ୍ୱାଗତ ପାଇଁ ସଜେଇ ହୋଇଛି ରାଜଧାନୀ ରାସ୍ତା । ଜନତା ମଇଦାନରେ ପ୍ରସ୍ତୁତି ଶେଷ, ଷ୍ଟେଜ୍ ରେଡ୍ଡି । ଏଣେ ପିଏମ୍‌ଙ୍କ କାର୍ଯ୍ୟକ୍ରମ ନେଇ ବି ଆସିଛି ବିସ୍ତୃତ ବିବରଣୀ । ମଙ୍ଗଳବାର ପୂର୍ବାହ୍ନ ୧୦ଟା ୫୦ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ ମୋଦି । ସେଠୁ ସିଧା ଗାଡ଼କଣ ଗାଁକୁ ଯିବେ । ୧୧ଟା ୧୦ରେ ଗାଡ଼କଣରେ ପହଞ୍ଚି ସେଠି, ୧୧ଟା ୧୫ରୁ ୧୧ଟା ୪୫ ଯାଏ ୨୦ ଜଣ ଆବାସ ହିତାଧିକାରୀଙ୍କ ସହ ପାଖାପାଖି ଅଧ ଘଣ୍ଟା ଧରି ଆଲୋଚନା କରିବେ । ସେଥିପାଇଁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା, ନୂଆ ରୂପ ଦିଆଯାଉଛି ଗାଁର ଭାଗବତ ଟୁଙ୍ଗୀ ଘର । ତା ସହ ହିତାଧିକାରୀଙ୍କ ଘର ଆଗରେ ଲେଖା ଚାଲିଛି ଆବାସ ସମ୍ବନ୍ଧୀୟ ବିବରଣୀ । ଦିନ ୧୧ଟା ୪୫ରେ ଗାଡ଼କଣ ଛାଡ଼ି ୧୧ଟା ୫୫ରେ ଜନତା ମଇଦାନ ପହଞ୍ଚିବେ ମୋଦି । ସେଠି ବହୁ ପ୍ରତିକ୍ଷୀତ ସୁଭଦ୍ରା ଯୋଜନାର ଶୁଭାରମ୍ଭ ସହ ଗୋଠପାଟଣା ସ୍ପୋର୍ଟସ ଭେଲିର ବି ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ । ତା ସହ ପ୍ରଧାନମନ୍ତ୍ରୀ ୧୦ ଲକ୍ଷ ପିଏମ୍ ଆବାସ ଗ୍ରାମୀଣ ହିତାଧିକାରୀଙ୍କୁ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବା ସହ ୨୬ଲକ୍ଷ ପିଏମ୍ ଆବାସ ଗ୍ରାମୀଣ ଏବଂ ସହରାଞ୍ଚଳ ହିତାଧିକାରୀଙ୍କ ଗୃହ ପ୍ରବେଶ କରାଇବେ । ଏହାବାଦ୍ ଦେଶ ଉଦ୍ଦେଶ୍ୟରେ ୨୮ଶହ କୋଟିର ରେଳ ପ୍ରକଳ୍ପ ଏବଂ ୧ ହଜାର କୋଟିର ଜାତୀୟ ରାଜପଥ ପ୍ରକଳ୍ପ ମଧ ଲୋକର୍ପଣ କରିବେ । ଜନତା ମଇଦାନରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୧ଟା ୨୦ରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ମୋଦି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଭୁବନେଶ୍ୱର ଗସ୍ତକୁ ନେଇ କଡ଼ା ସୁରକ୍ଷା ବଳୟରେ ଗାଡ଼କଣ ଗାଁ, ଜନତା ମଇଦାନ ସଭାସ୍ଥଳ ଓ ଏୟାରପୋର୍ଟରୁ କଳିଙ୍ଗ ହସ୍ପିଟାଲ ରାସ୍ତା । ସରିଛି କାରକେଡ୍ ରିହର୍ସଲ । ବିମାନବନ୍ଦରରୁ ଜନତା ମୈଦାନ ଓ ଗାଡ଼କଣ ପର୍ଯ୍ୟନ୍ତ ନୋ ଫ୍ଲାଇଂ ଜୋନ୍ ଘୋଷଣା ହୋଇଛି । ପିଏମ୍‌ଙ୍କ କାରକେଡ୍ ଯେଉଁବାଟେ ଯିବ ସବୁଠି ବ୍ୟାରିକେଡ୍ ଲାଗିଛି, ପୋଲିସ୍ ସଜାଗ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ମୁତୟନ ହେବେ ୮୧ ପ୍ଲାଟୁନ୍ ଫୋର୍ସ । ଯେଉଁଥିରେ ୧୧ ଡିସିପି ରାଙ୍କ ଅଧିକାରୀ, ୨୨ ଅତିରିକ୍ତ ଡିସିପି, ୬୬ ଏସିପିଙ୍କ ସହ ସାଦା ପୋଷାକରେ ବି ରହିବେ ସୁରକ୍ଷା କର୍ମୀ । ୬ କଂପାନୀ ସିଆରପିଏଫ୍ ଜବାନଙ୍କୁ ମଧ ନିୟୋଜିତ କରାଯିବ । କମିଶନରେଟ୍ ପୋଲିସ ପକ୍ଷରୁ ଟ୍ରାଫିକ ଆଡଭାଇଜରୀ ଜାରି ହୋଇଛି । ଆସନ୍ତାକାଲି ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏଁ ଜୟଦେବ ବିହାର-ନାଲକୋ ଛକ-ଜୟଦେବ ବିହାର ରାସ୍ତାରେ କଟକଣା ଜାରି ହୋଇଛି । ଏ ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହୁଥିବାରୁ ଓମଫେଡ୍ ଛକ-ସୈନିକ ସ୍କୁଲ ରାସ୍ତା ଦେଇ ଆଚାର୍ଯ୍ୟ ବିହାର ରାସ୍ତାରେ ଯା-ଆସ କରିବା ପାଇଁ ପୋଲିସ୍ ସୂଚନା ଜାରି କରିଛି । ସେହିପରି ପିଏମ୍‌ଙ୍କ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆସୁଥିବା ଅତିଥିଙ୍କ ଗାଡ଼ି ପାର୍କିଂ ପାଇଁ ପୋଲିସ୍ ରିଜର୍ଭ ଗ୍ରାଉଣ୍ଡ, ସେଭେନଥ୍ ବାଟାଲିଅନ୍ ଗ୍ରାଉଣ୍ଡ ଓ ନୟାପଲ୍ଲୀ କସ୍ତୁର ବା ସ୍କୁଲ ହତାରେ ବ୍ୟବସ୍ଥା ହୋଇଛି । ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ । ତା ସହ ୨୦୨୪ ନିର୍ବାଚନ ପରେ ମୋଦି ପ୍ରଥମ କରି ଓଡ଼ିଶା ଆସୁଛନ୍ତି । ଏହି ଗସ୍ତକୁ ନେଇ ସାଧାରଣ ଜନତାଙ୍କଠୁ ରାଜ୍ୟ ବିଜେପି ଶିବିର ସବୁଠି ପରିଲିକ୍ଷିତ ହୋଇଛି ଉତ୍ସାହ ।

## ବିଲ୍ ପାଇଁ ମହାଭାରତ: କୁଜଙ୍ଗରେ ବିଡିଓଙ୍କୁ ବିଜେଡି ମାଡ଼

ପାରଦୀପ, ୧୬/୯ (ନି.ପ୍ର): ବକେୟା ବିଲ୍ ପାଇଁ ବିଜେଡିର ଅକଲ ଗୁଡୁମ୍ । କୁଜଙ୍ଗରେ ତେଜିଲା ହିଂସା । ବିଡିଓଙ୍କୁ ବିଜେଡି ଜନପ୍ରତିନିଧିଙ୍କ ମାଡ଼ ପରେ ଜୋର୍ ଧରିଲା ପାରାଦୀପ ରାଜନୀତି । ବିଜେଡି ଚେତାବନୀ ଦେଇଛି, ଜାଣିଶୁଣି ବିଲ୍‌କୁ ବନ୍ଦ କଲେ ନିଆଁ ଜଳିବ । ବିଲ୍ ପାଇଁ ମହାଭାରତ ! ସରଗରମ ପାରାଦୀପ ରାଜନୀତି । ବିଡିଓଙ୍କ ଉପସ୍ଥିତିରେ ହାତାହାତି, ଉଚ୍ଚବାଚ । ଗଡ଼ ହରାଇଥିବା ବିଜେଡି ଏବେ ରକ୍ତମୁଖା ! ନିର୍ବାଚନ ମଣ୍ଡଳୀରେ ଭୋଟ୍ ପୂର୍ବର ବିଭିନ୍ନ ପୁରୁଣା କାମର ବିଲ୍ ବନ୍ଦ କରାଯାଇଥିବାରୁ କୁଜଙ୍ଗ ବିଡିଓଙ୍କୁ ବିଜେଡି ଜନ ପ୍ରତିନିଧିମାନେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଖୋଦ୍ ବିଡିଓ । ଏପରିକି ସାଦା କାଗଜରେ ତାଙ୍କଠାରୁ ଦସ୍ତଖତ ନିଆଯାଇଥିବା କଥା ବି ରଓଜରେ ଉଲ୍ଲେଖ କରିଛନ୍ତି । ଗତ ୧୧ ତାରିଖରେ ଏ ଘଟଣା ପରେ ଗଲାକାଲି ପାରାଦୀପର ପୂର୍ବତନ ବିଜେଡି ବିଧାୟକ ସମ୍ବିତ ରାଉତରାୟ ଓ ବାପି ସର୍ଖେଲ ସିଧାସଳଖ ପ୍ରେସମିଟ୍ କରି ଧମକ ଦେଇଛନ୍ତି । କହିଛନ୍ତି ବିଲ୍ କ୍ଲିୟର ନହେଲେ ନିଆଁ ଜଳିବ । ରଣାଙ୍ଗନ ପାଲଟିବ । ଖାଲି ସେତିକି ନୁହେଁ, ବିଲ୍ ବନ୍ଦ ଲାଗି ବିଜେପି ସରକାର ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ଆଣି ତା ବିରୋଧରେ ଆଗାମୀ ୨୦ ତାରିଖରେ କୁଜଙ୍ଗରେ ପ୍ରତିବାଦ କରାଯିବ ବୋଲି କହିଛନ୍ତି । ଏଠି ପ୍ରଶ୍ନ କାହିଁକି ବନ୍ଦ ହେଲା ବିଲ୍ ପେମେଣ୍ଟ ? ଦୁର୍ନୀତିର ଗନ୍ଧ ବାରିଲେ କି ନୂଆ ସରକାର ? ଦୁଇ ମାସ ତଳେ ପାରାଦ୍ୱୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ସାଂସଦ ବିଭୁପ୍ରସାଦ ତରାଇ କୁଜଙ୍ଗ ବ୍ଲକ୍‌ରେ ସମୀକ୍ଷା ବୈଠକ କରିଥିଲେ । ଯେଉଁଥିରେ ଧରାପଡ଼ିଥିଲା କିପରି ୫ଟି ନାଁରେ କାମରେ ଅନିୟମିତତା ହୋଇଥିଲା । କେମିତି ଫଲ୍ସ ବିଲ୍ ଦିଆଯାଇଥିଲା । ▶▶ପୃଷ୍ଠା ୭

## ସନ୍ଦୀପ ଏବଂ ଅଭିଜିତଙ୍କୁ ମୁହାଁମୁହିଁ ପଚରାଉଚରା ପାଇଁ ପ୍ରସ୍ତୁତି

କୋଲକାତା, ୧୬/୯ : ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଡାକ୍ତରୀ ଛାତ୍ରୀଙ୍କ ହତ୍ୟା ଏବଂ ଦୁଷ୍କର୍ମ ମାମଲାରେ ସିବିଆଇ ୂର୍ବତନ ପ୍ରିନ୍ସିପାଲ ସନ୍ଦୀ ଘୋଷ ଏବଂ ଟାଲା ଥାନାର ଓସି ଅଭିଜିତ ମଣ୍ଡଳଙ୍କୁ ମୁହାଁମୁହିଁ ଚରାଉଚରା କରିବାକୁ ଯୋଜନା କରିଛି । ତଦନ୍ତକାରୀ ଟିମ ଦାବି କରିଛନ୍ତି ଯେ ଘଟଣା ଦିନ ଅଗଷ୍ଟ ୯ରେ ଡାକ୍ତରଙ୍କ ମୃତଦେହ ମିଳିବା ପରେ ସନ୍ଦୀ ଏବଂ ଅଭିଜିତଙ୍କ ମଧ୍ୟରେ ସର୍ବାଧିକ ବାର୍ତ୍ତାଳାପ ହୋଇଥିଲା, ଯାହା କଲ୍ ଡିଟେଲ୍ସରୁ ଜଣାପଡିଛି । ସିବିଆଇ ଅଧିକାରୀ କହିଛନ୍ତି ବର୍ତ୍ତମାନ ର୍ଯ୍ୟନ୍ତ ସନ୍ଦୀପଙ୍କୁ ୧୪ ଥରରେ ପାଖାପାଖି ୨୦୦ ଘଂଟା ପଚରାଉଚରା କରାଯାଇଥିବାବେଳେ ,ଅଭିଜିତକୁ ୮ ଥରରେ ପ୍ରାୟ ୪୦ ଘଂଟା ପର୍ଯ୍ୟନ୍ତ ପଚରାଉଚରା କରାଯାଇଛି । ଏହା ବ୍ୟତୀତ ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କୁ ମଧ ପଚରାଉଚରା କରାଯାଇଛି ।

## ବରମୁଣ୍ଡା କାଉଣ୍ଟରରେ ନକଲି ମଦ: ୫୦ ଲକ୍ଷ ସ୍ୱାହା



ଭୁବନେଶ୍ୱର, ୧୬/୯ (ନି.ପ୍ର): ବ୍ରାଣ୍ଡ ଅସଲି, ମଦ ନକଲି । ଚିକିଟି ଅପମିଶ୍ରିତ ମଦମୃତ୍ୟୁ ଘଟଣାକୁ ଦିନ କେଇଟା ଯାଇନି, ନକଲି ମଦକୁ ନେଇ ରାଜଧାନୀରେ ହଇଚଇ । ସବୁଠୁ ବଡ଼ କଥା ହେଉଛି, ବରମୁଣ୍ଡା ସ୍ଥିତ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ଜବତ୍ ହୋଇଛି ବିପୁଳ ପରିମାଣର ନକଲି ମଦ । ଅବକାରୀ ବିଭାଗ ଜବତ୍ କରିଥିବା ପ୍ରାୟ ୫୦ ଲକ୍ଷ ଟଙ୍କାର ନକଲି ମଦରେ ବୁଲଡୋଜର ଚଢ଼ାଇ ଥିଲା ବେଳେ, ଖୋଦ୍ କ୍ୟାପିଟାଲ ସିଟିରେ ନକଲି ମଦ, ସମସ୍ତଙ୍କ ହୋସ୍ ଉଡ଼ାଇ ଦେଇଛି । ହଁ... ରାଜ୍ୟରେ ପୂର୍ବରୁ କେବେ ଘଟି ନଥିଲା ଏଭଳି ଘଟଣା । ଅସଲି ବ୍ରାଣ୍ଡର ମଦ ବୋତଲରେ ନକଲି ମଦ ପୂରାଇ ହେଉଛି ବିକ୍ରି । ଅସଲି ବୋତଲରେ ନକଲି ମଦ ଭରି ମଦ୍ୟପଙ୍କୁ ଚକମା ଦେଉଥିଲେ ସରକାରୀ ମଦ ଦୋକାନୀ । ନକଲି ଠିପି, ନକଲି ସରକାରୀ ଲୋଗୋ । ସବୁ ଏଠି ଜାଲି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡାରେ ଥିବା ଏକ ସରକାରୀ ମଦ କାଉଣ୍ଟରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ରେଡ୍ ବେଳେ ଅବକାରୀ ବିଭାଗ ବି ବିଶ୍ୱାସ କରି ପାରୁ ନଥିଲା ଏଠୁ ଏତେ ପରିମାଣର ନକଲି ମଦ ବାହାରିବ ବୋଲି । ହେଲେ ଯାଞ୍ଚ କରିବା ବେଳେ ପୁରା ଦୋକାନ ଭର୍ତ୍ତି ନକଲି ମଦ ମିଳିଛି । ଯାହା ଅବକାରୀ ଅଫିସରଙ୍କ ହୋସ ଉଡାଇ ଦେଇଛି । ମଦ ବୋତଲରେ ସିଲ ସହ ଠିପି ରହିଛି । ହେଲେ ତାହା ଆପଣା ଛାଏଁ ବାହାରି ଯାଉଛି । ଏପରିକି ସରକାରଙ୍କ ▶▶ପୃଷ୍ଠା ୭

## ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ 'ସୁଭଦ୍ରା' ପଞ୍ଜିକରଣ: ଆଜି ଯିବ ପ୍ରଥମ କିସ୍ତି, ପର୍ଯ୍ୟାୟକ୍ରମେ ଅନ୍ୟମାନେ ପାଇବେ



ଭୁବନେଶ୍ୱର, ୧୬/୯ (ନି.ପ୍ର): ବିଜେପି ସରକାରର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଆଜି ପୁଣିଥରେ ରାଜ୍ୟ ସରକାର ଦୂର କରିବାକୁ ପ୍ରୟାସ କରିଛନ୍ତି । ସୁଭଦ୍ରା ଯୋଜନା ପାଇଁ ହିତାଧିକାରୀଙ୍କ ଆବେଦନ ଓ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତାକାଲି(ସେପଟ୍ଟେମ୍ବର ୧୭) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିବା ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯୋଜନାର ପ୍ରଥମ କିସ୍ତି ଭାବେ ୫ହଜାର ଟଙ୍କା ଯିବ । ଅନ୍ୟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ପ୍ରଥମ କିସ୍ତିର ଟଙ୍କା ଦିଆଯିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ପାଇଁ ପଞ୍ଜିକରଣ ପ୍ରକ୍ରିୟା ଚାଲିବ । ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ ନିମନ୍ତେ ସେମାନଙ୍କ ଆକାଉଣ୍ଟକୁ ଟଙ୍କାଟିଏ ଲେଖାଏଁ ପଠାଯାଇଛି । ଯାହାଙ୍କ ଆକାଉଣ୍ଟକୁ ଟଙ୍କାଟିଏ ଯାଇନି ସେ ଯେ 'ସୁଭଦ୍ରା' ଟଙ୍କା ପାଇବେ ନାହିଁ ସେଭଳି ଦ୍ୱନ୍ଦ୍ୱରେ କେହି ନରହିବା ଉଚିତ୍ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ▶▶ପୃଷ୍ଠା ୭

## ସୁନା ଦୋକାନରେ ପଶି ମାଲିକଙ୍କୁ ଗୁଳି କଲେ ଦୁର୍ବୃତ୍ତ

କାକଟପୁର, ୧୬/୯ (ନି.ପ୍ର): ନମ୍ବର ବିହୀନ ବାଇକ୍‌ରେ ଆସିଲେ । ସୁନା ଦୋକାନରେ ପଶି ମାଲିକଙ୍କୁ ଗୁଳି କରି କାରରେ ପଳାଇଗଲେ । ଆଜି ସନ୍ଧ୍ୟା ବେଳେ ଏପରି ଘଟଣା ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଘଟିଛି । ଏନେଇ ଅଭିଯୋଗ ହେବା ପରେ ଛାନ୍‌ଭିନ୍ ଚଳାଇଛି ପୁଲିସ୍ । କୁଣ୍ଡେଇହାଟ ତିନି ଛକି ବଜାରରେ ରହିଛି ନିରଞ୍ଜନ ସାହୁଙ୍କ ଅଳଙ୍କାର ଦୋକାନ । ଆଜି ସନ୍ଧ୍ୟା ବେଳେ ସେ ଦୋକାନରେ ବସିଥିଲେ । ଠିକ୍ ସେତିକି ବେଳେ କୋଣାର୍କ ପର୍ଶ୍ୱରୁ ୨ ଜଣ ଯୁବକ ମାସ୍କ ପିନ୍ଧି ଏକ ନମ୍ବର ବିହୀନ ହୋଣ୍ଡା ସାଇନ ବାଇକ୍‌ରେ ଦୋକାନ ପାଖରେ ବାଇକ୍ ରଖିଥିଲେ । ତା'ପରେ ଦୋକାନରେ ପଶିଥିଲେ । ▶▶ପୃଷ୍ଠା ୭

## ବିଜେଡି ପାଖରେ ଆଉ ମହିଳା ଭୋଟ ବ୍ୟାଙ୍କ ନାହିଁ : ଲତା ଉଷେଂଡି

ଭୁବନେଶ୍ୱର, ୧୬/୯ (ନି.ପ୍ର): ବିଜେଡି ପାଖରେ ଆଉ ମହିଳା ଭୋଟ ବ୍ୟାଙ୍କ ନାହିଁ । ସେମାନେ ସରକାର ବେଳେ ମହିଳାଙ୍କୁ ଛଳ କରିଛନ୍ତି । ତାଙ୍କର ଶାସନକୁ ପ୍ରତ୍ୟାଖାନ କରି ଆମକୁ ସମର୍ଥନ କରିଛନ୍ତି । ଆସନ୍ତାକାଲି ସୁଭଦ୍ରା ଯୋଜନା ଶୁଭାରମ୍ଭ ପାଇଁ ଓଡ଼ିଶାରେ ପହଂଚିବା ବେଳେ ଏହା କହିଛନ୍ତି ବିଜେପି ସହ ପ୍ରଭାରୀ ଲତା ଉସେଣ୍ଡି । ସେ କହିଛନ୍ତି ଯେ, ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାକୁ ପୂରଣ କରୁଛି । ଓଡିଶାର ଭଉଣୀ ମାନେ ପୁରା ଉତ୍ସାହିତ ଅଛନ୍ତି । ଏବେ ବି ପଞ୍ଜିକରଣ ଚାଲିଛି । ଯେତିକି ହିତାଧିକାରୀ କହିଥିଲୁ ସେତିକି ହିତାଧିକାରୀଙ୍କୁ ନିଶ୍ଚିତ ଭାବେ ସାମିଲ କରାଯିବ । ଆସନ୍ତାକାଲି କାର୍ଯ୍ୟକ୍ରମରେ ଅନେକ କେନ୍ଦ୍ରୀୟ ନେତୃତ୍ୱ ଉପସ୍ଥିତ ରହିବେ ଜନ୍ମଦିନରେ ଓଡିଶାର ମା ଭଉଣୀଙ୍କ ଆଶ୍ରିବାଦ ନେବାକୁ ପ୍ରଧାନମନ୍ତ୍ରୀ ଆସୁଛନ୍ତି । ଯୋଜନାର ସଫଳତା ପାଇଁ ପାର୍ଟି ମଧ ସରକାରଙ୍କୁ ସହଯୋଗ କରୁଛି ।

## ରାହୁଲ ଗାନ୍ଧିଙ୍କ ଜିଭ କାଟିଲେ ମିଳିବ ୧୧ ଲକ୍ଷ: ଘୋଷଣା କଲେ ସିନ୍ଦେ ସେନା ବିଧାୟକ



ନୂଆଦିଲ୍ଲୀ, ୧୬/୯ : ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନାର ବିଧାୟକ ସଞ୍ଜୟ ଗାଏକ୍ୱାଡ ଅତ୍ୟନ୍ତ ବିବାଦୀୟ ବୟାନ ଦେଇଛନ୍ତି । କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଜିଭ ଯିଏ କାଟିବ, ତାଙ୍କୁ ସେ ୧୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦେବେ ବୋଲି ଘୋଷଣା କରିଛନ୍ତି । ସଂରକ୍ଷଣକୁ ନେଇ ରାହୁଲ ଗାନ୍ଧି ଆମେରିକାରେ ଦେଇଥିବା ବୟାନ ବିରୋଧରେ ବିଧାୟକ ଗାଏକ୍ୱାଡ ଏପରି ଘୋଷଣା କରିଛନ୍ତି । ସଞ୍ଜୟ ଗାଏକ୍ୱାଡ କହିଛନ୍ତି, "ଭାରତରେ ସଂରକ୍ଷଣ ଶେଷ କରିବାକୁ ରାହୁଲ ଗାନ୍ଧି ଦେଇଥିବା ବୟାନ ଲୋକଙ୍କ ପ୍ରତି ସବୁଠାରୁ ବଡ଼ ମିଛ । ଗୋଟିଏ ପଟେ ମହାରାଷ୍ଟ୍ରରେ ସଂରକ୍ଷଣ ଦାବି ବଢୁଥିବା ବେଳେ ଅନ୍ୟପଟେ ରାହୁଲ ଗାନ୍ଧି ଦେଶରେ ସଂରକ୍ଷଣ ବ୍ୟବସ୍ଥା ଶେଷ ହେବ ବୋଲି ବୟାନ ଦେଉଛନ୍ତି । ଏବେ ସେ ଦେଶରୁ ସଂରକ୍ଷଣ ଶେଷ କରିବା କଥା କହି କଂଗ୍ରେସର ଅସଲ ଚରିତ୍ର ସାମ୍ନାକୁ ଆଣିଛନ୍ତି । ଯେକୌଣସି ଲୋକ ରାହୁଲ ଗାନ୍ଧିଙ୍କ ଜିଭ କାଟିବ, ମୁଁ ତାଙ୍କୁ ପୁରସ୍କାର ଆକାରରେ ୧୧ ଲକ୍ଷ ଟଙ୍କା ଦେବି ।" ନିକଟରେ ଆମେରିକା ଗସ୍ତରେ ଥିବା ....୭

## କେଜ୍ରିଓ୍ୱାଲଙ୍କ ପରେ କିଏ ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ: ରେସ୍‌ରେ ଆଗରେ ଜଣେ ମହିଳା



ନୂଆଦିଲ୍ଲୀ, ୧୬/୯ : ପଦ ଛାଡିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଏ ନେଇ ଗତକାଲି କେଜ୍ରିଓ୍ୱାଲଙ୍କ ଘୋଷଣା ପରେ ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ଚର୍ଚ୍ଚା ଜୋରଦାର ହୋଇଛି । ମୁଖ୍ୟମନ୍ତ୍ରୀ ଦୌଡ଼ରେ ବହୁ ଆପ୍ ନେତାଙ୍କ ନାଁ ଚର୍ଚ୍ଚାକୁ ଆସୁଛି । ତେବେ ସବୁଠାରୁ ଚର୍ଚ୍ଚାର ଆଗରେ ରହିଛନ୍ତି ଆତିଶି । କେଜ୍ରିଓ୍ୱାଲଙ୍କ ଗିରଫଦାରି ପରେ ଆତିଶି ଆପ ସରକାରର ପ୍ରମୁଖ ଚେହେରା ଭାବେ ଉଭା ହୋଇଥିଲେ । ତାଙ୍କ ହାତରେ ଏବେ ଗୁରୁତ୍ୱପୂର୍ଣ୍ଣ ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମେତ ୧୪ଟି ବିଭାଗ ରହିଛି । ସେହିଭଳି କେଜ୍ରିଓ୍ୱାଲଙ୍କ ପତ୍ନୀ ସୁନୀତା କେଜ୍ରିଓ୍ୱାଲଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି । ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଅନୁପସ୍ଥିତିରେ ସେ ତାଙ୍କ ଚୌକିରେ ବସି ବିଭିନ୍ନ ଭିଡିଓ ବାର୍ତ୍ତା ଦେଉଥିଲେ । ଏପରିକି ଦିଲ୍ଲୀ ଓ ରାଞ୍ଚିରେ ହୋଇଥିବା ଇଣ୍ଡିଆ ମେଣ୍ଟ ବୈଠକରେ ମଧ ସୁନୀତା ସାମିଲ ହୋଇଥିଲେ । ସେପଟେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟଙ୍କ ନାଁ ମଧ ଚର୍ଚ୍ଚାରେ ରହିଛି । ୪୯ ବର୍ଷୀୟ ଗୋପାଳ ତୃଣମୂଳସ୍ତରରେ ନେତା ଭାବେ ଜଣାଶୁଣା । ଦିଲ୍ଲୀର ଶ୍ରମିକ ଶ୍ରେଣୀ ସେ ବେଶ ପରିଚିତ । ଅନ୍ୟ ମାନଙ୍କ ମଧ୍ୟରେ ପରିବହନ ମନ୍ତ୍ରୀ କୈଳାସ ଗେହଲଟ, ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କ ନାମକୁ ନେଇ ମଧ ଚର୍ଚ୍ଚା ହେଉଛି ।

# ବୈଦିକ ନିର୍ଣ୍ଣାୟକ ଦେବଶିଳ୍ପୀ ବିଶ୍ୱକର୍ମା



ଡକ୍ଟର ଲକ୍ଷ୍ମଣ ସାହୁ



ବିଶ୍ୱକର୍ମା ବୈଦିକ ଓ ପୌରାଣିକ ଦେବତା ଅଟନ୍ତି । ବେଦରେ ସେ କେତେବେଳେ ସୂର୍ଯ୍ୟଙ୍କ ସହିତ ଏକ ହୋଇଛନ୍ତି ପୁଣି କେତେବେଳେ ଅଗ୍ନିଙ୍କ ସହିତ ଏକ ହୋଇ ଗଲେଣି । ଋଗବେଦର ଦଶମ ମଣ୍ଡଳରେ ଦୁଇଟି ସୂକ୍ତରେ ବିଶ୍ୱକର୍ମାଙ୍କୁ ସ୍ତୁତି କରାଯାଇଛି । କୁହାଯାଇଛି ବିଶ୍ୱକର୍ମା ବିଶ୍ୱଭୁବନରେ ଯଜ୍ଞ କରନ୍ତି - ସେ ହେତା, ଋଷି, ସେ ଆମ୍ଭ ମାନଙ୍କର ପିତା – 'ଯ ଇମା ବିଶ୍ୱଭୁବନାନି ଜୁହ୍ୱଦୃଷି ହେତା ନ୍ୟସାଦତ୍ ପିତା ନଃ ।' ସେ ପୁଣି ବିଶ୍ୱଚକ୍ଷୁ, ଭୂମି ସୃଷ୍ଟି କରିଛନ୍ତି । ମହତ୍ତ୍ୱ ଦ୍ୱାରା ଆକାଶକୁ ବିସ୍ତୃତ କରିଛନ୍ତି । ସେ ହିଁ ସହସ୍ରଶୀର୍ଷୀ ବିରାଟପୁରୁଷ - ସର୍ବତ୍ର ହିଁ ତାଙ୍କ ମୁଖ, ଚକ୍ଷୁ, ବାହୁ ଓ ପଦ । ସେ ଆକାଶ ପୃଥିବୀର ସ୍ରଷ୍ଟା । ପୁନର୍ବାର ସେ ବାଚସ୍ପତି ବା ବାକ୍ୟର ଅଧିପତି । ସେ ସବୁ କିଛି ନିର୍ମାଣ କରନ୍ତି, ଧାରଣ କରନ୍ତି ଓ ଦର୍ଶନ ମଧ କରନ୍ତି । ଅଥର୍ବ ବେଦରେ କୁହାଯାଇଛି, ବିଶ୍ୱକର୍ମା ବିଶ୍ୱ ଦେବ, ତୁମେ ମହାନ୍, ତୁମେ ଇନ୍ଦ୍ରଙ୍କୁ ଅଭିଭୂତ କରିଛ । ତୁମେ ସୂର୍ଯ୍ୟଙ୍କୁ ପ୍ରକାଶିତ କରୁଥାଅ । ଭାଷ୍ୟକାର ଯାସ୍କ କୁହନ୍ତି ,ବିଶ୍ୱକର୍ମା ସର୍ବସ୍ୱ କର୍ତ୍ତା । ଶୁକ୍ଳ ଯଜୁର୍ବେଦ ବିଶ୍ୱକର୍ମାଙ୍କୁ ଦକ୍ଷିଣା ବୋଲି କହିଛି । ଦକ୍ଷିଣ ଶବ୍ଦର ଅର୍ଥ ପ୍ରସନ୍ନ ।

ଋଷି ବିଶ୍ୱସ୍ରଷ୍ଟା ବିଶ୍ୱକର୍ମାଙ୍କର ପ୍ରସନ୍ନତା କାମନା କରିଛନ୍ତି । ଯଜ୍ଞାଗ୍ନିର ଗୋଟିଏ ନାମ ଦକ୍ଷିଣାଗ୍ନି । ଆଚାର୍ଯ୍ୟ ମହୀଧର କୁହନ୍ତି , ' ଦକ୍ଷିଣା ବିଶ୍ୱକର୍ମା ବାୟୁ - ବିଶ୍ୱ କରୋତି ସର୍ବ ସୃଜତୀତି ବିଶ୍ୱକର୍ମା ବାୟୁରୟଂ ଦକ୍ଷିଣା, ଦକ୍ଷିଣସ୍ୟା ଦିଶି ଆର୍ଯ୍ୟବର୍ଷାତ୍ ଭୂୟୋ ବାତି ।' ବୃହଦେବ ତାଙ୍କ ମତରେ ବିଶ୍ୱକର୍ମା ବର୍ଷାକାଳୀନ ସୂର୍ଯ୍ୟ । ସେ କହନ୍ତି ଗ୍ରୀଷ୍ମମାସ ଅତିକ୍ରାନ୍ତ ହେଲେ ଯାହାଙ୍କ ବିନା ପୃଥିବୀ ରହିପାରେନା, ସେ ବିଶ୍ୱର କର୍ମ (କୃଷିକର୍ମ) ସୃଷ୍ଟି କରନ୍ତି , ଏହି ଦୃଷ୍ଟିରୁ ତାଙ୍କୁ ବିଶ୍ୱକର୍ମା କୁହାଯାଏ । "ବିଶ୍ୱ କର୍ମୈଷ ତେନ ହଃ' । ସେଥିପାଇଁ ବୋଧହୁଏ ବର୍ଷା ଆଗମନେ ଭାଦ୍ରବ ସଂକ୍ରାନ୍ତିରେ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ । ସେ ବର୍ଷାର ଦେବତା ଇନ୍ଦ୍ର ହୋଇଥିବାରୁ ତାଙ୍କର ବାହନ ହସ୍ତୀ।

ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା । ପୁରାଣରେ ଉଲ୍ଲେଖ ଅଛି ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ମତାନ୍ତରେ ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ । ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦେଖାଯାଏ । ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ ଶୋଭା ପାଇଥାଏ । ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ କିଶୋର ପରି ସର୍ବଦା ପ୍ରତିଭାତ ହୁଅନ୍ତି । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି । ବିଶ୍ୱକର୍ମା ସକଳ ଶିଳ୍ପକଳାର ସୃଷ୍ଟିକର୍ତ୍ତା । କୁହାଯାଏ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ । ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ତାଙ୍କଦ୍ୱାରା ବିନିର୍ମିତ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣରେ ଶ୍ରେଷ୍ଠ ନିଦର୍ଶନ ।

ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ମଧ ନାନା ରୂପରେ ପରିକଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏହି କାରଣରୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରାଯାଇ ପୂଜା କରାହୁଏ ।

ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର କଥା ଉଲ୍ଲେଖ ରହିଛି । ଯଥା - ବିରାଟ ବିଶ୍ୱକର୍ମା , ଧର୍ମବଂଶୀ ବିଶ୍ୱକର୍ମା , ଅଗ୍ନିବଂଶୀ ବିଶ୍ୱକର୍ମା , ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଧ ପୁରାଣ ଅନୁଯାୟୀ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ । ବିଶ୍ୱକର୍ମାଙ୍କର ପଞ୍ଚମୁଖ ତଥା ତାଙ୍କର ପଞ୍ଚପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ସମସ୍ତେ ସମାଜର ସେବାକାରୀ ପ୍ରଚଣ୍ଡ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚମୁଖର ନାମକରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିଥିଲେ।

ଦେବଶିଳ୍ପୀ ବିଶ୍ୱକର୍ମା କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ । 'ବିଶ୍ୱ ସ୍ୱସ୍ୟ କର୍ମନ୍' ଇତି ବିଶ୍ୱକର୍ମା । ବିଶ୍ୱକର୍ମା ମଧ ତ୍ୱଷ୍ଟା ନାମରେ ବିଦିତ । ବାମନ ପୁରାଣ ସେ ଚିତ୍ରଙ୍ଗଦାଙ୍କ ପିତା ଥିଲେ । 'ଚିତ୍ରଙ୍ଗଦାୟଃ ପିତରଂ ମାଂ ତ୍ୱଷ୍ଟାରଂ ତପୋଧନେ' (ବାମନ ପୁରାଣ - ୬୫ /୧୦୨) । ତ୍ୱଷ୍ଟା - ତ୍ୱକ୍ଷତତ୍ ଅର୍ଥାତ୍ ତ୍ୱଷ୍ଟା ବଢ଼ାଇ, ନିର୍ମାତା, କାରିଗର ଆଦି ଅର୍ଥରେ ବ୍ୟବହୃତ ହେବା ସହିତ ବିଶେଷକରି ବିଶ୍ୱକର୍ମା ଅର୍ଥରେ ପ୍ରଜୁଯ୍ୟ । ବ୍ରହ୍ମ ବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାନୁଚରିତ ବିବର୍ଣ୍ଣିତ । ପୁନଶ୍ଚ ଉକ୍ତ ପୁରାଣରୁ ଜଣାଯାଏ ଯେ, ଘୃତାଚୀ ସ୍ୱର୍ଗବେଶ୍ୟା ହିଁ ବିଶ୍ୱକର୍ମାଙ୍କ ପତ୍ନୀ ଥିଲେ । 'ଅମର କୋଷ' ବର୍ଣ୍ଣନା ଅନୁସାରେ ସ୍ୱର୍ଗ ବେଶ୍ୟାମାନଙ୍କ ମଧରେ ଘୃତାଚୀ ଅନ୍ୟତମ ଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣମତେ ଏକଦା ଘୃତାଚୀ କାମଦେବଙ୍କ ନିକଟକୁ ରମଣାର୍ଥେ ପୁଷ୍କର ତୀର୍ଥକୁ ଗମନ କରିବା ବେଳେ ଦେବଶିଳ୍ପୀ ବିଶ୍ୱକର୍ମା ଭେଟିଥିଲେ । ଘୃତାଚୀ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ବିଶ୍ୱକର୍ମା ଆସକ୍ତ ହୋଇଥିଲେ । ଘୃତାଚୀ କିନ୍ତୁ କାମଦେବଙ୍କ ସହ ରମଣ ଉଦ୍ଦେଶ୍ୟରେ ଥିବାରୁ ବାରଣ କଲେ । କହିଲେ " ସ୍ୱର୍ଗର ନିୟମ ଅନୁସାରେ ଯେଉଁ ଦିନ ଦେବତାଙ୍କ ପ୍ରତି ସ୍ୱର୍ଗବେଶ୍ୟାମାନଙ୍କ ଅଭିଳାଷ ଥାଏ ସେଦିନ ସେହି ନିର୍ଦ୍ଦିଷ୍ଟ ଦେବତା ହିଁ ପତି ସ୍ୱରୂପ । ଏଣୁ କାମଦେବ ମୋ ପକ୍ଷେ ଆଜି ଦିନର ପତି ସ୍ୱରୂପ । ତୁମେ ବିଶ୍ୱକର୍ମା ମଧ କାମଦେବଙ୍କ ଶିଷ୍ୟ । ଏଣୁ ଗୁରୁପତ୍ନୀ ହରଣ କରିବା ଅବିଧେୟ । ଆସନ୍ତାକାଲି ତୁମେ ମୋର ପତି ହେବ ନିଶ୍ଚୟ ।" ଘୃତାଚୀଙ୍କ ଘୋର ବାରଣ ହେତୁ ବିଶ୍ୱକର୍ମା କ୍ରୋଧାନ୍ୱିତ ହୋଇ ଘୃତାଚୀଙ୍କୁ ମର୍ତ୍ତ୍ୟରେ ଶୂଦ୍ରନାରୀ ଭାବେ ଜନ୍ମହେବାକୁ ଅଭିଶାପ ଦେଲେ । ଘୃତାଚୀ ମଧ ବିଶ୍ୱକର୍ମାଙ୍କୁ ମର୍ତ୍ତ୍ୟରେ ମାନବ ହୋଇ ଜନ୍ମହେବାକୁ ପ୍ରତି ଅଭିଶାପ ଦେଲେ । ବିଶ୍ୱକର୍ମା ଘୃତାଚୀର ଅଭିଶାପ ପ୍ରସଙ୍ଗ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଣାଇଲେ ଓ ତାହାର ନିରାକରଣ ବିଷୟରେ ପ୍ରଶ୍ନକଲେ । କିନ୍ତୁ ବ୍ରହ୍ମା ଘୃତାଚୀର ଭିନ୍ନ ବୃତ୍ତି ସତ୍ତ୍ୱେ ସ୍ୱର୍ଗରେ ପତିବ୍ରତା ସତୀର ମାନ୍ୟତା ଦେବାରୁ ତାହାର ଅଭିଶାପ ନିଷ୍ଫଳ ନୁହେଁ ବୋଲି ବିଶ୍ୱକର୍ମାଙ୍କୁ କହିଲେ ।

ପରବର୍ତ୍ତୀ କାଳରେ ବିଶ୍ୱକର୍ମା ବ୍ରାହ୍ମଣ କୂଳରେ ଜନ୍ମ ନେଇଥିଲେ ଓ ତାଙ୍କର ଜାତିସ୍ମର ଥିବାରୁ ସେ ସବୁକଥା ଜାଣି ପାରୁଥିଲେ । ରାଜାଙ୍କ ଆଦେଶରେ ସେ ପ୍ରୟାଗ ତୀର୍ଥରେ ବହୁ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କରୁଥିବା ବେଳେ ଏକଦା ସେହି ସମୟରେ ଗଙ୍ଗାରେ ସ୍ନାନ କରୁକରୁ ଏକ ଅନିନ୍ଦ୍ୟ ରୂପବତୀ କନ୍ୟାକୁ ଦେଖିଲେ ଜାଣିପାରିଲେ ସେ ଘୃତାଚୀ ବୋଲି । ଘୃତାଚୀ ମଧ ବିଶ୍ୱକର୍ମାଙ୍କୁ ଜାଣିପାରିଲେ । ବ୍ରହ୍ମାଙ୍କ କଥା ଅନୁସାରେ ଉଭୟ ଗଙ୍ଗାତୀରସ୍ଥ ମଳୟ ବନରେ ବିବାହ କରି ଏକାଠି ବାରବର୍ଷ ବିତାଇଲେ । ତାଙ୍କଠାରୁ ନଅଟି ସନ୍ତାନ ଉତ୍ପତ୍ତି ହୋଇଥିଲେ । ପୁତ୍ରମାନଙ୍କ ମଧରେ ମାଳାକାର, କର୍ମକାର, କଂସାରି, ଶଙ୍ଖାରି, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର । ସେହି ପୁତ୍ରଙ୍କ ମଧରୁ ମାଳାକାରଙ୍କୁ ପୁଷ୍ପଶିଳ୍ପ, କର୍ମକାରଙ୍କୁ ଲୌହ ଶିଳ୍ପ, କାଂସ୍ୟକାରଙ୍କୁ କଂସା ଶିଳ୍ପ, ସୂତ୍ରଧରଙ୍କୁ କାଠ ଶିଳ୍ପ, ତନ୍ତୀଙ୍କୁ ବୟନଶିଳ୍ପ, କୁମ୍ଭକାରଙ୍କୁ ମୃତ୍ତିକା ଶିଳ୍ପ, ସ୍ୱର୍ଣ୍ଣକାରଙ୍କୁ ଅଳଙ୍କାର ଓ ଚିତ୍ରକାରଙ୍କୁ ଅଙ୍କନ ଶିଳ୍ପ ବିଦ୍ୟା ଶିକ୍ଷା ଦେଇ ବିଶ୍ୱକର୍ମା ସେମାନଙ୍କୁ ସୁଶିକ୍ଷିତ କରାଇଥିଲେ । କନ୍ୟା ଚିତ୍ରାଙ୍ଗଦା ମଧ ପିତାଙ୍କଠାରୁ ଶିଲେଇ ଶିଳ୍ପ ଶିକ୍ଷାଦାନ ପାଇଥିଲେ ।

ବେଦର ସେହି ବିଶ୍ୱସ୍ରଷ୍ଟା ପୁରାଣର ସେହି ବିଶ୍ୱକର୍ମାଙ୍କୁ ସାଧାରଣତଃ ଦେବଶିଳ୍ପୀ ଭୂମିକାରେ ସେ । ସେ 'କର୍ତ୍ତାଶିଳ୍ପ-ସହସ୍ରାଣମ୍' ସହସ୍ର ସହସ୍ର ଶିଳ୍ପର ସେ ଅଧିକର୍ତ୍ତା । ସେ 'ଦେବାନାଂ କାର୍ଯ୍ୟସାଧକଃ' – ଦେବତା ମାନଙ୍କର ଶିଳ୍ପ କାର୍ଯ୍ୟ ସାଧକ । ବିଶ୍ୱକର୍ମାଙ୍କ ଜନ୍ମ କଥା ବିଭିନ୍ନ ପୁରାଣ ଭିନ୍ନଭିନ୍ନ ମତ ରହିଛି । ବ୍ରହ୍ମ ବୈବର୍ତ୍ତ ପୁରାଣ କହେ ବ୍ରହ୍ମାଙ୍କ ନାଭିଦେଶରୁ ବିଶ୍ୱକର୍ମାଙ୍କ ଜନ୍ମ । କିନ୍ତୁ ବେଦରେ ବିଶ୍ୱକର୍ମାଙ୍କୁ ଅଜାତ ପୁରୁଷ ବା ସନାତନ ପୁରୁଷ ରୂପେ ବର୍ଣନା କରିଛି । ପୁରାଣର ବିଶ୍ୱକର୍ମା ବିମାନ ନିର୍ମାତା ଓ କାରୁକାର ଓ ଚିତ୍ରଶିଳ୍ପକାରକ । ସେ ଅଳଙ୍କାର ଓ ଭୂଷଣ ପ୍ରସ୍ତୁତକାରକ । ମାନବ ଶିଳ୍ପୀମାନେ ବିଶ୍ୱକର୍ମାଙ୍କ ପ୍ରବର୍ତ୍ତିତ ଶିଳ୍ପ ସାଧନାକୁ ଉପଜୀବ୍ୟ କରି ବଞ୍ଚି ରହିଛନ୍ତି । କୁଞ୍ଜର ପର୍ବତରେ ଅବସ୍ଥିତ ଅଗସ୍ତ୍ୟଙ୍କ ଭବନ, କୁବେରଙ୍କ ଅଳକାପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଯଦୁପତି ଶ୍ରୀକୃଷ୍ଣଙ୍କର ସୁରକ୍ଷିତ ସୁରମ୍ୟ ଓ ସୁବ୍ୟବସ୍ଥିତ ରାଜଧାନୀ ଦ୍ୱାରକା ବିଶ୍ୱକର୍ମାଙ୍କ ବାସ୍ତୁବିଦ୍ୟା ଓ ନଗର ପରିକଳ୍ପନା ବିଷୟକ ଜ୍ଞାନର ଉଜ୍ଜଳ ଦୃଷ୍ଟାନ୍ତ ଏସବୁ । ବିଶ୍ୱକର୍ମାଙ୍କ ବିରଚିତ ଭାସ୍କର୍ଯ୍ୟ ଶିଳ୍ପର ଅନୁପମ ଦର୍ଶନ - ତିଲୋତ୍ତମା । ଦେବଦେଶୀ ସୁନ୍ଦ ଓ ଉପସୁନ୍ଦଙ୍କୁ ବିନାଶ କରିବା ନିମିତ୍ତ ବିଶ୍ୱର ସମସ୍ତ ସୌନ୍ଦର୍ଯ୍ୟ ତିଳ ତିଳ କରି ଆହରଣ ପୂର୍ବକ ସେ ଏହି ଲାବଣ୍ୟବତୀ ତିଲୋତ୍ତମାଙ୍କୁ ସର୍ଜନା କରିଥିଲେ । ଅସୁର ଭ୍ରାତୃଦ୍ୱୟ ପରସ୍ପର ଯୁଦ୍ଧ କରି ସେହି ରୂପସୀର ଅନଳେ ଦଗ୍ଧ ହୋଇଛନ୍ତି । ମତ୍ସ୍ୟପୁରାଣରେ ଅନୁସାରେ କୂପ ଓ ତଡ଼ାଗାଦି ଖନନ, ପ୍ରତିମାଦି ଗଠନ, ଗୃହ ଓ ଉଦ୍ୟାନର ପରିକଳ୍ପନା ସମସ୍ତ ଶିଳ୍ପର ଉଦ୍‌ଭାବକ ଓ କାର୍ଯ୍ୟକାରକ ବିଶ୍ୱକର୍ମା । ଦେବତାମାନଙ୍କ ନୂତନ ମାରଣାସ୍ତ୍ର ବିଶ୍ୱକର୍ମା ପ୍ରସ୍ତୁତ କରିଛନ୍ତି । ତାଙ୍କ ନିର୍ମିତ ଧନୁରେ ଶଙ୍କର ତ୍ରିପୁରାସୁରଙ୍କୁ ସଂହାର କରିଥିଲେ, ପର୍ଶୁରାମ ଆୟତଧନୁରେ ଏକୋଇଶଥର ପୃଥିବୀ ନିଃକ୍ଷେତ୍ରିୟ କରିଥିଲେ, ସେହି ଦୁଇଟି ଧନୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ।

ରାମାୟଣ ବର୍ଣ୍ଣନା ଅନୁସାରେ ରାବଣର ସ୍ୱର୍ଣ୍ଣ ଲଙ୍କାପୁର, ହରିବଂଶ ବର୍ଣ୍ଣନା ଅନୁସାରେ ଦ୍ୱାରିକାଧାମ, ସ୍କନ୍ଧପୁରାଣ ବର୍ଣ୍ଣନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ବିଗ୍ରହ ଆଦି ବିଶ୍ୱକର୍ମାଙ୍କଦ୍ୱାରା ବିନିର୍ମିତ ହୋଇଛି । କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । କୁହାଯାଏ ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ ।

ନିଷ୍କର୍ଷରେ କେବଳ କହିହେବ ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସ୍ୱରୂପ । ସେ ଏଭଳି ଦେବତା, ଦେବଶିଳ୍ପୀ, ମହାଭାଗ ଦେବତାମାନଙ୍କର କାରୁକାର୍ଯ୍ୟ ସାଧକ, ସର୍ବାଭିଷ୍ଟ ପ୍ରଦାନକାରୀ ବିଶ୍ୱକର୍ମନ୍, ଏ ସୃଷ୍ଟିର ବ୍ରହ୍ମାରୂପୀ ବିଶ୍ୱକର୍ମା । ହିନ୍ଦୁଙ୍କ ଆରାଧ ଦେବତା , ସୁଚିତ୍ରକର୍ମକାରକ । ତେଣୁ ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ଏଇ ଉତ୍ସବ ପାଳନ କରାଯାଏ । ' ବିଶ୍ୱକୃତ୍ ବିଶ୍ୱଧୃକ୍ ବାସନାମାନଦଣ୍ଡଧୃକ। ଓଁ ବିଶ୍ୱକର୍ମଣେ ନମଃ ।'

+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦୧୫୧୪୭୫

# ଦେବଶିଳ୍ପୀ ଶ୍ରୀ ଶ୍ରୀ ବିଶ୍ୱକର୍ମା



ବିଷ୍ଣୁ ପ୍ରସାଦ ଦାସ



ଆଦିମ କାଳରୁ ସନାତନ ଧର୍ମ ପ୍ରଚଳିତ, ସତ କହିବାକୁ ଗଲେ ପୃଥିବୀର ସର୍ବ ପୁରାତନ ଧର୍ମ ଏହି ସନାତନ ଧର୍ମ । ଅନ୍ୟ ଯେତେ ସବୁ ଧର୍ମ ରହିଲା ସେଗୁଡିକର ଉତ୍ପତ୍ତି ମୂଳତଃ ସନାତନ ଧର୍ମ ରୁ ବୋଲି ବିଶ୍ୱାସ କରାଯାଏ , ହିନ୍ଦୁ ମାନେ ପ୍ରତିମା ପୂଜାରେ ବିଶ୍ୱାସ କରନ୍ତି ଏବଂ ୩୩ କୋଟି ଦେବା ଦେବୀ ଥିବାର ହିନ୍ଦୁ ଧର୍ମ ଗ୍ରନ୍ଥରେ ଲେଖା ଅଛି ବୋଲି ଶୁଣିବାକୁ ମିଳେ । ତେବେ ୩୩ କୋଟି ଦେବା ଦେବୀଙ୍କ ମଧ୍ୟରୁ ସାଧାରଣତଃ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜା ଠାରୁ ସନାତନ ଧର୍ମାବଲମ୍ବୀ ମାନଙ୍କର ପାର୍ବଣ ଋତୁ ଆରମ୍ଭ ହୋଇ ବିଦ୍ୟା ଦାୟିନୀ ମା' ସରସ୍ୱତୀଙ୍କ ପୂଜା ପର୍ଯ୍ୟନ୍ତ ଅନେକ ପୂଜା, ପାର୍ବଣ ବେଶ ଜାକ୍ ଜମକ ରେ ପାଳିତ ହୋଇ ଆସୁଛି , ତନ୍ମଧ୍ୟରୁ ରଥ ଯାତ୍ରା , ବିଶ୍ୱକର୍ମା ପୂଜା , ଦୁର୍ଗାପୂଜା , କାଳୀପୂଜା / ଦୀପାବଳୀ , କାର୍ତ୍ତିକେଶ୍ୱର ପୂଜା, ଶୀତଳ ଷଷ୍ଠୀ, ନୂଆଁ ଖାଇ ସହିତ ବାଲିଯାତ୍ରା ଇତ୍ୟାଦି ଅନେକ ଆଡମ୍ବରରେ ସାଜସଜ୍ଜା ସହିତ ପାଳନ କରାଯାଏ।

ଦେବଶିଳ୍ପୀ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପଦ୍ଧତି ବିଷୟରେ କିଛି ଆଲୋଚନା କରିବା , ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ( ସେପଟ୍ମେର ୧୬ / ୧୭ ତାରିଖ ) ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା ପାଳନ କରାଯାଏ । ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳୀର ନିଦର୍ଶନ ସ୍ୱରୂପ ଏଇ ଉତ୍ସବକୁ ସବୁ ବର୍ଗର ଯାନ୍ତ୍ରିକ ବିଦ୍ୟା ସହିତ ଜଡିତ ହୋଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷ ତଥା ବଡ଼ ଠାରୁ ଆରମ୍ଭ କରି ଛୋଟ ଶିଳ୍ପାନୁଷ୍ଠାନ , କାରଖାନା , ଗାଡି ମଟର ମରାମତି କାରଖାନା , କୁଟୀର ଶିଳ୍ପ ତଥା ମଟର ଗାଡି ମଧ୍ୟ ପୂଜା କରା ଯିବାର ଦେଖିବାକୁ ମିଳେ, ଶ୍ରମିକ ମାନେ ଖୁବ ନିଷ୍ଠାର ସହିତ ଏହି ପୂଜା କରନ୍ତି ।

ପୁରାଣରୁ ଯାହା ଜଣା ଯାଏ ଶ୍ରୀ ଶ୍ରୀ ବିଶ୍ୱକର୍ମା ହେଉଛନ୍ତି ଜଣେ ଦେବ ଶିଳ୍ପୀ ତଥା ସମସ୍ତ ଶିଳ୍ପ ଏବଂ ଶିଳ୍ପୀ ମାନଙ୍କ କୁଳ ଦେବତା । ଆମେ ପୂଜା କରୁଥିବା ମୂର୍ତ୍ତି ମଧ୍ୟରେ ତାଙ୍କ ରୂପ ହେଲା- ଚତୁର୍ଭୁଜ ବିଶ୍ୱକର୍ମା, ତାଙ୍କ ବାମ ଉପର ହାତରେ ବଟାଳି ଏବଂ ବାମ ତଳ ହାତରେ ମାର୍ତ୍ତୁଲ, ଦକ୍ଷିଣ ଉପର ହାତରେ ଚକ୍ର ଏବଂ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଉଥାନ୍ତି । ତାଙ୍କ ଭୂଷଣ ଗୁଡିକ ହେଲା - ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନ ହାର, ଅନୁପମ ରତ୍ନ ଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ କୁଣ୍ଡଳ । ତାଙ୍କର ମୁଖ ମଣ୍ଡଳ କାନ୍ତିମାନ , ତେଜସ୍ୱି ତଥା ଖୁବ ସୁନ୍ଦର ଅଟନ୍ତି । ଶୁଣାଯାଏ ବ୍ରହ୍ମା ଙ୍କ ନିର୍ଦ୍ଦେଶରେ ଶ୍ରୀ ଶ୍ରୀ ବିଶ୍ୱକର୍ମା ସମଗ୍ର ବିଶ୍ୱକୁ ରୂପ ଦେଇ ରଚନା କରିଥିଲେ , ସ୍ୱର୍ଗରେ ମଧ ଅମରାବତୀ ସେ ନିର୍ମାଣ କରିଥିଲେ । ଅସୁର ମାନଙ୍କ ସହିତ ଯୁଦ୍ଧ ନିମନ୍ତେ ଆବଶ୍ୟକ ହେଉଥିବା ଅସ୍ତ୍ର ଶସ୍ତ୍ର, ବିମାନ ତଥା ଯୁଦ୍ଧ ଉପକରଣ ସବୁ ଗୁଡିକ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା । ହିନ୍ଦୁ ମାନେ ବିଶ୍ୱାସ କରନ୍ତି ଯେ, ସେ ହିଁ ହେଉଛନ୍ତି ସୃଷ୍ଟି କର୍ତ୍ତା ବ୍ରହ୍ମା , ପାଳନ କର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ଶିବ, ସେ କେବଳ ରୂପ ବଦଳାଇ ଥା'ନ୍ତି ନିଜ କାର୍ଯ୍ୟ ଶୈଳୀ କୁ ପାଥେୟ କରି, ଏହାହିଁ ହିନ୍ଦୁ ଧର୍ମର ବୈଚିତ୍ର ଏବଂ ଅଟଳ ବିଶ୍ୱାସ ବୋଲି ଧରାଯାଏ । ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଅବତାର ବିଷୟରେ ମଧ ପୁରାଣରେ ଅନେକ କଥା ଲିପିବଦ୍ଧ ହୋଇଛି ତାହାକୁ ଆଧାର କରି ଜଣା ଯାଏ ଯେ, ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର- ସେ ପାଞ୍ଚ ଅବତାର ଗୁଡିକ ହେଲେ - ବିରାଟ ବିଶ୍ୱକର୍ମା , ଧର୍ମବଂଶୀ ବିଶ୍ୱକର୍ମା , ଅଗ୍ନିବଂଶୀ ବିଶ୍ୱକର୍ମା , ସୁଧନ୍ୱା ବିଶ୍ୱକର୍ମା ଏବଂ ଭୃଗୁବଂଶୀ ବିଶ୍ୱକର୍ମା । ସ୍କନ୍ଧ ପୁରାଣକୁ ଯଦି ପାଥେୟ କରି ଦେଖିବା ତେବେ ଶାସ୍ତ୍ର ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ ତଥା ତାଙ୍କର ପଞ୍ଚ ପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଏବଂ ଦେବଜ୍ଞ ଏମାନେ ଜଣେ ଜଣେ ସମାଜର ହିତକାରୀ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚ ମୁଖର ନାମ କରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିବାର ଶ୍ରେୟ ନେଇଛନ୍ତି ।

ଶ୍ରୀ ଜଗନ୍ନାଥ ଙ୍କ ଇତିହାସ ଜାଣିବାକୁ ହେଲେ - କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀ ମାନଙ୍କୁ ଅଣାଇ କାମରେ ଲଗାଇ ଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳା ଯାଇ ପାରିଲା ନାହିଁ, ବରଂ ସେଗୁଡ଼ିକର ଧାର ନଷ୍ଟ ହୋଇ ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ତଥା ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ରଜାଙ୍କ ଦ୍ୱାରା ନ୍ୟସ୍ତ କରାଗଲା । ବୁଢ଼ା ବଢ଼େଇଙ୍କ ସର୍ତ୍ତ ଥିଲା ଯେ , ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବେ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର କାର୍ଯ୍ୟ ହେଉ ଥିବା ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନ ପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରି ଛନ୍ତି ବୋଲି ସେ ଭାବିଲେ ଏବଂ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇ ଯାଇ ଛନ୍ତି , ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବ ଶିଳ୍ପୀ ବିଶ୍ୱକର୍ମା" । ସୃଷ୍ଟିରେ ସେହି ଲୀଳା ମୟଙ୍କ ବିଚିତ୍ର ନୀୟମ ଏବଂ ଆମେ ନିମିତ୍ତ ମାତ୍ର ।

ହିନ୍ଦୁ ଧର୍ମର ବିଭିନ୍ନ ପୂଜା ଦ୍ୱାରା ସ୍ନେହ, ସହାନୁଭୂତି ଏବଂ ଭାତୃ ଭ୍ୱା ବଢିଥାଏ, କର୍ମମୟ ଜଂଜାଳ ଭିତରେ ମନୁଷ୍ୟକୁ ଭକ୍ତି ଭାବନା ମାର୍ଗ ଦିଗକୁ ଆକର୍ଷିତ କରିଥାଏ । ନିଷ୍ଠାର ସହିତ ପୂଜାର୍ଚ୍ଚନା କରିବା, ନିଜର ପରମ୍ପରାକୁ ଉଦ୍ଜୀବିତ କରିବା ସହିତ ନୂତନ ପିଢ଼ିକୁ ସତ୍ ମାର୍ଗରେ ପରିଚାଳିତ କରିବା ପରି ଅନେକ କିଛି ସୁନ୍ଦର, ଯୁଗୋପୋଯୋଗୀ ସମାଜର କଲ୍ୟାଣ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା ମଧ କରାଯାଇ ଥାଏ । ହିନ୍ଦୁ ମାନେ ନିଜର ଇପ୍ସିତ ଭକ୍ତି ଭାବନାକୁ ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ମାଧ୍ୟମରେ ସେହି ପରମାତ୍ମାଙ୍କ ପାଖକୁ ପ୍ରେରିତ କରିଥା'ନ୍ତି, ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ନିର୍ମାଣ ପରେ ନିଷ୍ଠାର ସହିତ ମୂର୍ତ୍ତିରେ ଦେବା ଦେବୀଙ୍କୁ ଆବାହନ କରି ପ୍ରାଣ ପ୍ରତିଷ୍ଠା କରାଯାଏ ତତ୍ପରେ ବିଧି ବିଧାନ ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୁଏ , ନିର୍ଦ୍ଧାରିତ ସମୟରେ ବିସର୍ଜନ କରା ହୁଏ ତତ୍ପରେ ଦେବା ଦେବୀଙ୍କ ମୂର୍ତ୍ତିକୁ ନଦୀ ଜଳରେ ପ୍ଲାବିତ କାର୍ଯ୍ୟ ଖୁବ ନିଷ୍ଠାର ସହିତ ଅନୁଷ୍ଠିତ ହୋଇଥାଏ । ଭକ୍ତର ଧାର୍ମିକ ଭାବନା, ଅନ୍ତର୍ନିହିତ ଭାବାବେଗ ତଥା ବିସର୍ଜନ ହୋଇଥିବା ପ୍ରତିମାଙ୍କୁ ସସମ୍ମାନେ ଶୋଭା ଯାତ୍ରାରେ ଜଳାଶୟ ପର୍ଯ୍ୟନ୍ତ ନିଆ ହୋଇଥାଏ, ଅତୀତ ଏବଂ ବର୍ତ୍ତମାନର ପୂଜାପଦ୍ଧତି କୁ ଯଦି ତର୍ଜମା କରିବା ତେବେ ଆକାଶ ପାତାଳ ର ପାର୍ଥକ୍ୟ ଦେଖିବା । ଏବେ ଭକ୍ତି ଶୂନ୍ୟ ଏବଂ ଶକ୍ତି ତଥା ମନୋରଞ୍ଜନ ପୂର୍ଣ୍ଣ ଭଷାଣି କୁ ଯୁବ ପିଢ଼ି ଆଦରି ନେଇଛନ୍ତି । ବିଭିନ୍ନ ପ୍ରକାରର ନିଶା ଦ୍ରବ୍ୟ ସେବନ ଆମିଷ ଭକ୍ଷଣ, ଅଶ୍ଳୀଳ ସଙ୍ଗୀତ, ଅର୍ଦ୍ଧ ଉଲଗ୍ନ ନର୍ତ୍ତକୀ ମାନଙ୍କ ନାଚ ଗୀତରେ ବର୍ତ୍ତମାନ୍ ଅଧିକାଂଶ ଯୁବ ପୀଢ଼ି ମସଗୁଲ ହୋଇ ଯାଆନ୍ତି ଯାହାକି ଆମ ସନାତନ ଧର୍ମକୁ ଅନ୍ୟ ମାନଙ୍କ ନିକଟରେ ନ୍ୟୁନ କରି ଦେଉଛନ୍ତି । ଭକ୍ତି ଆମକୁ ନତ ମସ୍ତକ କରାଏ, ଶକ୍ତି ଆମକୁ ଅହଙ୍କାରୀ କରି ଥାଏ । ନିଜର ନିଜତ୍ୱ ବଜାୟ ରଖି ସନାତନ ଧର୍ମକୁ ବିଶ୍ୱ ଦରବାରରେ ଉଚ୍ଚାସନ ଦେବକୁ ଅନୁରୋଧ ।

+ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ. ୯୯୩୭୧୭୪୦୯୭

# ଆକର୍ଷଣୀୟ ରାସ୍ତା

**ଗାଡ଼ି ମଟର ହେଉ ବା ପାଦରେ ଚାଲିଚାଲି ବୁଲିବା ପାଇଁ ସୁନ୍ଦର ରାସ୍ତାଟିଏ ଅବଶ୍ୟ ଜରୁରି । ସୁନ୍ଦର ରାସ୍ତାଟିଏ ଯଦି ମିଳିଲା ଲଙ୍ଗ୍ ଡ୍ରାଇଭର ନିଶା ନିଶ୍ଚୟ ଦ୍ୱିଗୁଣ ହେବ । ଆମ ଦେଶରେ ସେମିତି ଆକର୍ଷଣୀୟ ରାସ୍ତା ଅଛି ଯାହା ପର୍ଯ୍ୟଟକଙ୍କ ନିଦ ହଜେଇ ଦେବ..।**



ରୋହତାଙ୍ଗ ପାସ୍-

ମନାଲିଠାରୁ ପ୍ରାୟ ୫୧ କି.ମି. ଉପରକୁ ଗଲେ ରୋହତାଙ୍ଗକୁ ଯାତ୍ରା ଆରମ୍ଭ ହୁଏ । ମନାଲି-ଲେହରୁ ଲେହ ଯିବା ରାସ୍ତା ବେଶ୍ ମନୋରମ । ଯଦ୍ଦ୍ୱାରା ପର୍ଯ୍ୟଟକ ଏଠାକୁ ବାରମ୍ବାର ଆସିବାକୁ ଇଚ୍ଛା କରିଥାନ୍ତି ।



ମନାଲି-ଜେଲାଙ୍ଗ, ଲେହ ହାଇୱେର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମଧ୍ୟରେ ଏହା ସାମିଲ ହୋଇଛି । ରୋହତାଙ୍କ ପାସରେ ଅଧିକ ବରଫ ହେତୁ ଏଠାରେ ରାସ୍ତା ବର୍ଷକୁ ଅନେକଥର ବନ୍ଦ ହୋଇଥାଏ । କିନ୍ତୁ ସାଧାରଣ ଜନତାଙ୍କ ପାଇଁ ଏହି ରାସ୍ତା ଯେତେବେଳେ ଖୋଲାଯାଏ ସେତେବେଳେ ଏଂାକୁ ଆସିବାର ମଜା କିଛି ଅଲଗା ହୋଇଥାଏ । ଏଠାରେ ବହୁ ଫିଲ୍ମ ସୁଟିଂ ହୋଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ବରଫର ଉଚ୍ଚାକାନ୍ଥ ଏହାକୁ ଆକର୍ଷଣୀୟ କରିତୋଳେ । ଏହି ସୁନ୍ଦର ଦୃଶ୍ୟକୁ ପର୍ଯ୍ୟଟକ ମନଭରି ଉପଭୋଗ କରିଥାନ୍ତି ।

ଓଲ୍ଡ ସିଲ୍କ ରୁଟ୍:

ଓଲ୍ଡ ସିଲ୍କ ରୁଟ୍ ଏକ ପ୍ରାଚୀନ ପାହାଡ଼ିଆ ରାସ୍ତା । ଏଠାକୁ ଆସି ଆପଣ ଭିନ୍ନ ଏକ ଦୁନିଆକୁ ଆସିଲା ପରି ଅନୁଭବ କରିବେ । ସୌନ୍ଦର୍ଯ୍ୟରେ ଭରପୁର ଏହି ରାସ୍ତା ବେଶ ବିପଦପୂର୍ଣ୍ଣ । ସାପ ପରି ଅଙ୍କାବଙ୍କା ରାସ୍ତା । ଏଠାକୁ ଥରେ ଆସି ଏଠାର ମନୋରମ ଦୃଶ୍ୟ ଉପଭୋଗ କରିବା ଉଚିତ ।







ମନାଲି-ଲେହ ହାଇୱେ-

ବରଫରେ ଲୁଚିଥିବା ବାଦଲ ଏଠାକୁ ଆସିବାର ମଜାକୁ ଦ୍ୱିଗୁଣ କରିଥାଏ । ଏଠାକୁ ଆସି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନୁଭବ କରିପାରିବେ ।

ଲେହ-ଶ୍ରୀନଗର ହାଇୱେ:

ଉଚ୍ଚାସ୍ଥାନକୁ ପସନ୍ଦ କରୁଥିବା ଲୋକଙ୍କୁ ଲେହ-ଲାଦାଖ ବେଶ୍ ପସନ୍ଦ ଆସିଥାଏ । ବାଇକ ରାଇଟ ପାଇଁ ଏହା ସବୁଠୁ ଭଲ ସ୍ଥାନ । ଏହି ରାସ୍ତା ବିପଦପୂର୍ଣ୍ଣ ହେଲେମଧ ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ । ଏଠାରେ ସୌନ୍ଦର୍ଯ୍ୟ ଦେଖିବାପରେ ଏଠାକୁ ଆସିବାକୁ ଜଣେ ବାରମ୍ବାର ଆକର୍ଷିତ ହୋଇଥାଏ ।

ପବନ ବ୍ରିଜ (ତାମିଲନାଡୁ):

ରାମେଶ୍ୱରମ ଦ୍ୱୀପକୁ ତାମିଲନାଡୁ ସହ ଯୋଡୁଥିବା ପବନ ବ୍ରିଜ ଭାରତର ସବୁଠୁ ସୌନ୍ଦର୍ଯ୍ୟପୂର୍ଣ୍ଣ ବ୍ରିଜ ଭାବେ ଜଣାଶୁଣା । ସମୁଦ୍ର ଉପର ଦେଇ ଯାଇଥିବା ଏହି ବ୍ରିଜ ବହୁତ ସୁନ୍ଦର ଦେଖାଯାଏ । ଦ୍ୱୀପକୁ ଯିବା ସମୟରେ ସମୁଦ୍ର ଉପର ଦେଇ ଯାଇଥିବା ବ୍ରିଜରେ ଯାତ୍ରା ଅବିସ୍ମରଣୀୟ ।

# ଗୌତମ ବୁଦ୍ଧଙ୍କ ୧୦ ବିଚାର



- କୌଣସି ପରିସ୍ଥିତିରେ ବି ସୂର୍ଯ୍ୟ, ଚନ୍ଦ୍ରମା, ଏବଂ ସତ୍ୟ ଏହି ତିନୋଟି ଜିନିଷ ଲୁଚି ରହିପାରିବ ନାହିଁ ।

- ଜୀବନରେ କୌଣସି ଉଦ୍ଦେଶ୍ୟ, ଲକ୍ଷ୍ୟ ପାଖରେ ପହଞ୍ଚିବା ଠାରୁ ବେଶି ମହତ୍ତ୍ୱପୂର୍ଣ୍ଣ ହେଉଛି ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି ତାହାକୁ ପ୍ରଥମେ ଶେଷ କରନ୍ତୁ ।

-ଖରାପକୁ ଖରାପରେ କେବେବି ଶେଷ କରାଯାଇପାରିବ ନାହିଁ । ଘୃଣାକୁ ତ କେବଳ ପ୍ରେମ ଦ୍ୱାରା ହିଁ ସମାପ୍ତ କରାଯାଇପାରିବ ।

- ସତ୍ୟ ମାର୍ଗରେ ଚାଲୁଥିବା ବ୍ୟକ୍ତି କେବଳ ଦୁଇଟି ଭୁଲ କରିପାରେ । ପ୍ରଥମଟି ସମ୍ପୂର୍ଣ୍ଣ ରାସ୍ତା ନବାଛିବା, ଦ୍ୱିତୀୟଟି ରାସ୍ତା ଆରମ୍ଭ ନକରିବା ।

- ଭବିଷ୍ୟତରେ ସ୍ୱପ୍ନରେ ହଜିଯାଅନି, କି ଭୂତକାଳ କଥା ଭାବି ଚିନ୍ତିତ ହୁଅନି ସବୁବେଳେ ବର୍ତ୍ତମାନ ଉପରେ ଧ୍ୟାନ ଦିଅ । ଏହା ହେଉଛି ଜୀବନରେ ଖୁସି ରହିବାର ମୂଳମନ୍ତ୍ର ।

ଯେଉଁଭଳି ଭାବରେ ଗୋଟିଏ ଦ୍ୱୀପରୁ ହଜାର ଦ୍ୱୀପ ଜଳାଇ ଅନ୍ଧକାରକୁ ଦୂର କରାଯାଇଥାଏ, ସେହିପରି ଖୁସି ବାଣ୍ଟିବା ଦ୍ୱାରା ଏହା ସବୁବେଳ ବଢ଼ିଥାଏ ।

- ଜୀବନରେ ଯେତେ ବି ଭଲବହି ପଢ଼ କିମ୍ବା ଭଲ ଶବ୍ଦ ଶୁଣ, କିନ୍ତୁ ଯେ ପର୍ଯ୍ୟନ୍ତ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ ନ କରିଛ ସେ ପର୍ଯ୍ୟନ୍ତ ଏସବୁର କିଛି ଲାଭ ନାହିଁ ।

# କେବଳ ସ୍ୱାଦିଷ୍ଟ ନୁହେଁ ଚକୋଲେଟ୍, ଭରି ରହିଛି ଉପକାରୀ ଗୁଣ

**ଚକୋଲେଟ୍ କେବଳ ସ୍ୱାଦିଷ୍ଟ ନୁହେଁ, ଏହା ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ । ଏଥିରୁ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ, ଫ୍ଲେଭୋନୋଏଡସ, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ପରି ପଷୋକ ତତ୍ତ୍ୱ ମିଳିଥାଏ । ଏହାକୁ ଖାଇବା ଦ୍ୱାରା ହୃଦୟ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିଥାଏ । ଏଥିସହ ଆଉ କି କି ଫାଇଦା ମିଳିଥାଏ, ଜାଣନ୍ତୁ...**

ସବୁଠୁ ବଡ଼ କଥା ହେଉଛି କି, କେଉଁ ଚକୋଲେଟ୍ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବଜାରରୁ ମିଲ୍କ ଚକୋଲେଟଠୁ ଆରମ୍ଭ କରି ଡାର୍କ ଏବଂ ହ୍ୱାଇଟ୍ ଚକୋଲେଟ୍ ମିଳିଥାଏ । ଏଥିମଧ୍ୟରୁ ଡାର୍କ ଚକୋଲେଟକୁ ସ୍ୱାସ୍ଥ୍ୟ ଉପକାରୀ ଭାବେ ବିବେଚନା କରାଯାଏ । କାରଣ ଏଥିରେ ୭୦% କୋକୋ ଥାଏ । ତେବେ ଡାର୍କ ଚକୋଲେଟ୍ ଖାଇବାର ଉପକାରିତା ଜାଣନ୍ତୁ...

କୋଷକୁ ରକ୍ଷାକରେ- ଫ୍ଲାଭୋନାଇଡ ଏବଂ ପଲିଫେନୋଲ ଚକୋଲେଟରୁ ମିଳିଥାଏ, ଯାହା ଫ୍ରି ରେଡିକାଲକୁ ନଷ୍ଟ କରିଥାଏ ଏବଂ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ- ଡାର୍କ ଚକୋଲେଟ ନିୟମିତ ଖାଇବା ଦ୍ୱାରା ରକ୍ତଚାପ ଏବଂ ହୃଦରୋଗ ହେବାର ଆଶଙ୍କା କମିଥାଏ ।

ମନୋବଳକୁ ଉନ୍ନତ କରିଥାଏ- ସେରୋଟୋନିନ୍ ଏବଂ ଏଣ୍ଡୋରଫିନକୁ ପ୍ରୋତ୍ସାହିତ କରୁଥିବା ଉପାଦାନଗୁଡ଼ିକ ଚକୋଲେଟରୁ ମିଳିଥାଏ, ଯାହା ଚାପକୁ ହ୍ରାସ କରିବାରେ ଏବଂ ମନୋବଳକୁ ଦୃଢ଼ କରିବାରେ ସାହାଯ୍ୟ କରିଥାଏ ।

ମସ୍ତିଷ୍କ କାର୍ଯ୍ୟକୁ ବୃଦ୍ଧି କରେ- ଏଥିରେ କ୍ୟାଫେନ୍ ଏବଂ ଥିଓବ୍ରୋମାଇନ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ, ଯାହା ମାନସିକ ସ୍ୱାସ୍ଥ୍ୟକୁ ଏକାଗ୍ର କରିବା ଏବଂ ଉନ୍ନତି କରିବାରେ ସହାୟକ ହୋଇଥାଏ ।

ଚର୍ମ ପାଇଁ ଲାଭଦାୟକ- ଚକୋଲେଟରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ଥାଏ, ଯାହା ଚର୍ମର ଆର୍ଦ୍ରତା ବଜାୟ ରଖେ ଏବଂ ଏହାକୁ ସୂର୍ଯ୍ୟଙ୍କ ଅଲ୍ଟ୍ରାଭାୟୋଲେଟ ରେଡିଏସନ (ଅତିବାଇଗଣୀ ରଶ୍ମୀ)ରୁ ରକ୍ଷା କରିଥାଏ ।

କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରେ- ଡାର୍କ ଚକୋଲେଟ୍ (ଖରାପ) କୋଲେଷ୍ଟ୍ରଲକୁ ହ୍ରାସ କରିପାରେ ଏବଂ (ଭଲ) କୋଲେଷ୍ଟ୍ରଲ୍ ବୃଦ୍ଧି କରିପାରେ ।

ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିଥାଏ- ଡାର୍କ ଚକୋଲେଟରେ ଥିବା ଫ୍ଲେଭୋନୋଏଡ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖେ ।

ଏନର୍ଜି ବୁଷ୍ଟର ଭାବେ କାମ କରେ ଚକୋଲେଟ୍- ଚକୋଲେଟରେ ଫ୍ୟାଟ୍, ସୁଗାର ଏବଂ କଫିନ୍ ଥାଏ, ଯାହା ତତକ୍ଷଣାତ୍ ଏନର୍ଜି ଯୋଗାଇଥା ।

ପ୍ରଦାହକୁ ହ୍ରାସ କରେ- ଚକୋଲେଟରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଶରୀରରେ ପ୍ରଦାହକୁ ହ୍ରାସ କରିପାରେ ।



# ରାଶିକୁ ନେଇ ମେକଅପ୍

**ଜ୍ୟୋତିଷଶାସ୍ତ୍ର ଅନୁସାରେ ମଣିଷ ଜୀବନରେ ରାଶିଚକ୍ରର ଏକ ବଡ଼ ପ୍ରଭାବ ରହିଛି । କେବଳ ଭାଗ୍ୟ ନିର୍ଦ୍ଧାରଣରେ ନୁହେଁ, ଆପଣଙ୍କ ସିଗନେଚର ମେକଅପ ଷ୍ଟାଇଲ ମଧ୍ୟ ରାଶିଚକ୍ରର ଖେଳ ।**



ମେକଅପ ଟିପସ, ଲେଟେଷ୍ଟ ଟ୍ରେଣ୍ଡ ବାହାରେ ମଧ ପ୍ରତ୍ୟେକ ମଣିଷର ଏକ ନିଜସ୍ୱ ଷ୍ଟାଇଲ ଷ୍ଟେଟମେଣ୍ଟ ରହିଛି । ସେଇ ସ୍ୱକୀୟତା ଅନେକାଂଶରେ ନିର୍ଭର କରେ ଜଣକର ରାଶି ଚକ୍ର ଉପରେ । ଆସନ୍ତୁ ଏହା ଉପରେ ଟିକେ ନଜର ପକାଇବା ।

ମେଷ:

ଏହି ରାଶିର ମହିଳାମାନେ ଏକ ଡାଇନାମିକ ବ୍ୟକ୍ତିତ୍ୱର ଅଧିକାରୀ । ଅତ୍ୟନ୍ତ ଆତ୍ମବିଶ୍ୱାସୀ । ଏମାନଙ୍କୁ ଟିକେ ବୋଲଡ ଫ୍ୟାଶନ ଷ୍ଟେଟମେଣ୍ଟ ସହଜରେ ମାନାଯାଏ । ଗାଢ଼ ରଙ୍ଗର ଲିପଷ୍ଟିକ୍ଲୁକ ନେଇ ଏମାନେ ଟ୍ରାଏ କରିବାକୁ ପସନ୍ଦ କରନ୍ତି ।

ବୃଷ:

ଏହି ରାଶିର ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପସନ୍ଦ କରିଥାନ୍ତି । ତେଣୁ ଏହି ରାଶିର ମହିଳାମାନେ ଏମିତି ପ୍ରକାରର ବଡ଼ି ଲୋସନ, ସ୍କିନ ବୁଷ୍ଟର ବ୍ୟବହା କରିବା ଭଲ । ଯେଉଁଥିରେ ତ୍ୱଚାରେ ଜଳୀୟ ଅଂଶ ମହଜୁଦ ରହିପାରେ ।

ମିଥୁନ:

ଏହି ରାଶିର ମହିଳାମାନେ ଯେତେବେଳେ ଯେମିତି ମୁଡ଼ରେ ଥାଆନ୍ତି ସେହି ଅନୁସାରେ ସାଜସଜ୍ଜା କରିବାକୁ ପସନ୍ଦ କରନ୍ତି । ମେକଅପ କିଟ୍ସରେ ରଖନ୍ତୁ ନାନା ରଙ୍ଗର ଆବଶ୍ୟକତା, ଆଇପେନସିଲ, ଲିପଷ୍ଟିକ, ବ୍ଲଶ ଅନ ।

କର୍କଟ:

ଏମାନେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଅଧିକାରିଣୀ । ତେଣୁ ଏମାନେ ଶିମରି ମେକଅପ ଉପରେ ଗୁରୁତ୍ୱ ଦେବା ଭଲ । ବିଶେଷ କରି ବ୍ଲଡ଼ ଅନ ଏମାନଙ୍କ ପାଇଁ ଆଦର୍ଶ ।

ସିଂହ:

ଏହି ରାଶିର ମହିଳାମାନେ ମେକଅପ କରିବା ବେଳେ ଟିକେ ଅଧିକ ସଚେତନ ଥାଆନ୍ତି । ଆଖିର ମେକଅପ ଉପରେ ଜୋର ଦିଅନ୍ତି ଏହି ରାଶିର ମହିଳା । ତେଣୁ ମେକଅପ କିଟରେ ଆଇ ମେକଅପର ସାମଗ୍ରୀ ରହିଥିବା ଭଲ ।

କନ୍ୟା:

ଏମାନେ ପ୍ରାୟ ସବୁ ବିଷୟରେ ଆବଶ୍ୟକତା ଠାରୁ ଅଧିକ ସଚେତନ । ସବୁକିଛି ସୁନ୍ଦର କରିବାକୁ ଚେଷ୍ଟା କରନ୍ତି ଏହି ରାଶିର ମହିଳା । ତେଣୁ ଏମାନଙ୍କ ପାଖରେ ସଂପୂର୍ଣ୍ଣ ମେକଅପ କିଟ ରହିବା ଦରକାର ।

ତୁଳା:

କ୍ଲାସି ଅଥଚ କୁଲ ମେକଅପ ଏହି ରାଶିର ମହିଳାମାନଙ୍କ ଅଧିକ ପସନ୍ଦ । ଏମାନଙ୍କ ପାଇଁ ଦରକାର ଚଟାପଟ ପ୍ରସ୍ତୁତ ହୋଇଯିବା ଭଳି ମେକଅପ । ତେଣୁ ପାଖରେ ଫେସୱାଇପ୍ସ, କମ୍ପାକ୍ଟ ଲିପଷ୍ଟିକ ଏବଂ କାଜଲ ରହିବା ଭଲ ।

ବିଛା:

ଏମାନେ ଆଦୌ ନରମ ସ୍ୱାଭାବର ନୁହନ୍ତି । ମେକଅପରେ ଏମାନେ ସାଧାରଣତଃ ଉଜ୍ଜ୍ୱଳ ଶେଡ଼କୁ ପ୍ରାଧାନ୍ୟ ଦେଇଥାନ୍ତି । ଟିକେ ଗାଢ଼ ରଙ୍ଗର ଲିପଷ୍ଟିକ ଓ ଆଇ ଲାଇନର ବ୍ୟବହାର କରିପାରନ୍ତି ଏହି ରାଶିର ମହିଳାମାନେ ।

ଧନୁ:

ଖୁବ ସ୍ୱାଧୀନଚେତା ଏମାନେ । ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ମେକଅପରେ ଏମାନେ ବିଶ୍ୱାସ କରନ୍ତି ନାହିଁ । ବେସିକ ମେକଅପରେ ନିଜକୁ ସନ୍ତୁଷ୍ଟ ରଖିବାର କଳା ଏମାନଙ୍କୁ ବେଶ୍ ଭଲ ଭାବେ ଜଣା ।

ମକର:

ଏମାନେ ଟିକେ କଳ୍ପନା ବିଳାସୀ । ଛୋଟ ଛୋଟ କଥାରେ ଭାବପ୍ରବଣ ହୋଇଯିବା ଏମାନଙ୍କ ସ୍ୱଭାବ । ତେଣୁ ଏହି ରାଶିର ମହିଳାମାନେ ଏମିତି ପ୍ରସାଧନୀ ବ୍ୟବହାର କରିବା ଦରକାର ଯାହା ଏକ ଡ୍ରାମାଟିକ ଲୁକ ଦେଇପାରୁଥିବ ।

କୁମ୍ଭ:

ଏମାନଙ୍କୁ ସ୍ୱକୀୟତା ପସନ୍ଦ । ତେଣୁ ଏହି ରାଶିର ମହିଳାମାନେ ଏମିତି ମେକଅପ ପସନ୍ଦ କରିବା ଦରକାର ତାହା ଯେମିତି ଟିକେ ବୋଲ୍ଡ କିମ୍ବା ପିଙ୍କ ଲୁକ ଦେଇପାରିବ ।

ମୀନ:

ଏମାନେ ପରୀ କାହାଣୀର ରାଜକନ୍ୟା ଭଳି ସାଜସଜ୍ଜା କରିବାକୁ ପସନ୍ଦ କରନ୍ତି । ଏହି ରାଶିର ମହିଳାମାନଙ୍କ ପାଇଁ ଶିମରି ମେକଅପ, ଫେସ ଇଲ୍ୟୁମିନେଟର ଆଦି ଖୁବ୍ ଭଲ ବିକଳ୍ପ ।



# ମୁହଁରେ ଦେଶୀ ଘିଅ ଲଗାଇଲେ ଯୁବା ଦିଶିବ ତ୍ୱଚା: ନାଭିରେ ଲଗାଇଲେ ବଢ଼ିବ ଉଜ୍ଜ୍ୱଳତା

ଶରୀରର ରଂଗ ଯେପରି ବି ହେଉ, କିଛି ଫରକ ପଡ଼େନା । ମାତ୍ର ଚେହେରାରେ ସାମାନ୍ୟ ଦାଗ ବିଷାଦର କାରଣ ବନିଯାଏ । ମୁଖମଣ୍ଡଳରେ ଯଦି ଦାଗ କିମ୍ବା ଆଖି ତଳ କଳା ପଡ଼ିବା ପରି ସମସ୍ୟା ଉପୁଜେ ତ ମନ ବିଷାଦଗ୍ରସ୍ତ ହୋଇଯାଏ । ଏହି ଦାଗ ଓ ଆଖି ତଳ କଳା ପାଇଁ ଲୋକମାନେ ସେମାନଙ୍କ ବୟସଠାରୁ ବୟସ୍କ ଦେଖାଯିବା ଆରମ୍ଭ କରନ୍ତି । ପ୍ରଦୂଷଣ, ମାନସିକ ଚାପ, ଖାଇବା ଅଭ୍ୟାସ, ଶୋଇବା ଶେ ?ଳୀ ଏବଂ ପାଣିପାଗ ଆମ ଚର୍ମ ଉପରେ ଢେର ପ୍ରଭାବ ପକାଇଥାଏ । ତେଣୁ ଆଖି ତଳ କଳା ପଡ଼ିବା ଚର୍ମର ଏକ ସାଧାରଣ ସମସ୍ୟା । ଯଦିଓ ଏଥିପାଇଁ ଘରୋଇ ଉପଚାର ଅଛି, କିନ୍ତୁ ସଠିକ୍ ପଦ୍ଧତି ଜାଣି ନ ଥିବାରୁ ଆମେ ତାହାର ଲାଭ ଉଠାଇ ପାରନ୍ତି ନାହିଁ । ଚର୍ମକୁ କିପରି ଶକ୍ତ କରିବେ ? ଚର୍ମକୁ ଲୋଚାକୋଚା ହେବାରୁ ବଞ୍ଚାଇବାକୁ ଘରୋଇ ଉପଚାରର ଆବଶ୍ୟକତା ରହିଛି । ତେଣୁ ଆଜି ଆମେ ଆପଣଙ୍କୁ ଏପରି ଏକ ଘରୋଇ ଉପଚାର ବିଷୟରେ କହିବାକୁ ଯାଉଛୁ ଯାହା ଚେହେରାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ । ଆମେ କହୁଛି ଖାଣ୍ଟି ଗୁଆ ଘିଅ ବିଷୟରେ । ଏହାକୁ ଚେହେରାରେ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ । ଖାଲି ସେତିକି ନୁହେଁ, ଏହାକୁ ଆଖି ଚାରିପାଖରେ ଗୋଲ ଗୋଲ କରି ବୁଲେଇ ଲଗାଇବା ଦ୍ୱାରା ଆଖି ଚାରିପାଖ କଳା ପଡ଼ିବା ବି କମ୍ ହୋଇଥାଏ । ଏହାକୁ ଗାଧୋଇବା ବେଳେ ନାଭିରେ ଲଗାଇ ଗାଧୋଇଲେ ମୁଖମଣ୍ଡଳର ଔଜ୍ଜ୍ୱଲ୍ୟ ବଢ଼େ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ଶିକ୍ଷା ନୀତି, ନୂଆ ସମସ୍ୟା

ଏବେ ଏବେ ଲାଗୁ ହୋଇଛି ନୂତନ ଜାତୀୟ ଶିକ୍ଷା ନୀତି। ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗ ଏଥିରେ ଅନେକଗୁଡ଼ିଏ ନୂତନ ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏହାର ପ୍ରକାରଭେଦ ଦେଖିଲେ ଏହା ଖୁବ୍ ଗୋଳମାଳିଆ ମନେ ହୁଏ। ଆଗରୁ ଉଚ୍ଚଶିକ୍ଷା ଧରାବନ୍ଧା ତିନିବର୍ଷିଆ ପାଠ୍ୟକ୍ରମ ଥିବା ବେଳେ ବର୍ତ୍ତମାନ ଏହାକୁ ତିନିରୁ ଚାରି ବର୍ଷ କରାଯାଇଛି। ସେଥିରେ ମଧ ବର୍ଷେ, ଦୁଇ ବର୍ଷ ବା ତିନି ବର୍ଷ ପରେ ପାଠ ଛାଡ଼ିଲେ ସାର୍ଟିଫିକେଟ ପ୍ରଦାନର ବ୍ୟବସ୍ଥା ରହିଛି। ଆନ୍ତର୍ବିଷୟକ ପାଠ୍ୟକ୍ରମ ଚୟନର ପ୍ରକାରଭେଦ ଅବୁଝା। ଗୋଟିଏ ପ୍ରମୁଖ ବିଷୟ ବା ଦୁଇଟି ପ୍ରମୁଖ ବିଷୟ, ପୁନଶ୍ଚ ଗୋଟାଏ ପ୍ରମୁଖ ଓ ଗୋଟିଏ ବା ଦୁଇଟି ଗୌଣ ବିଷୟ ପଢ଼ିବାର ବ୍ୟବସ୍ଥା ମଧ ପ୍ରହେଳିକାପୂର୍ଣ୍ଣ। ଚତୁର୍ଥ ବର୍ଷରେ ଗବେଷଣା ଓ ଭିତ୍ତିପ୍ରବନ୍ଧର ପ୍ରଚଳନ ନୂତନ ପରୀକ୍ଷଣ। ମାତ୍ର ଏଥିନିମନ୍ତେ ଆବଶ୍ୟକ ଭିତ୍ତିଭୂମି ନାହିଁ ଏବଂ ପର୍ଯ୍ୟାପ୍ତ ଅଧ୍ୟାପକ ନାହାନ୍ତି। ଗବେଷଣାର ଦିଗ୍‌ଦର୍ଶକ ଜଣେ ପି.ଏଚ. ଡି. ଡିଗ୍ରୀ ପ୍ରାପ୍ତ ଅଧ୍ୟାପକ ହୋଇ ଥିବା ଆବଶ୍ୟକ ବୋଲି ଉଲ୍ଲେଖ ରହିଥିବା ବେଳେ ଅନେକ ସ୍ଥାନରେ ଏହାର ଅଭାବ ସମସ୍ତଙ୍କୁ ଜ୍ଞାତ। ଅଧିକାଂଶ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଆବଶ୍ୟକୀୟ ଅଧ୍ୟାପକ ନାହାନ୍ତି। କେଉଁଠି ଦୁଇ/ତିନି ଜଣ ଅଧ୍ୟାପକ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ପି ଜି ଶ୍ରେଣୀରେ ମଧ ପଢ଼ାଉଛନ୍ତି। ଅନେଗୁଡ଼ିଏ ମହାବିଦ୍ୟାଳୟ ଏ ଯାଏଁ ଯୁକ୍ତଦୁଇ ଓ ଯୁକ୍ତତିନି ବିଭାଗୀକରଣରେ ସାମିଲ୍ ହୋଇ ପାରି ନାହାନ୍ତି। କିଛି ମହାବିଦ୍ୟାଳୟରେ ନିକଟ ଅତୀତରେ ନିଯୁକ୍ତି ପାଇଥିବା ଏସ ଏସ ବି ଅଧ୍ୟାପକମାନେ ସ୍ନାତକ ଶ୍ରେଣୀ ପାଇଁ ନିଯୁକ୍ତି ପାଇ ମଧ ଯୁକ୍ତଦୁଇ ଶ୍ରେଣୀରେ ପଢ଼ାଉଛନ୍ତି। ପ୍ରଶ୍ନ ଉଠେ, ଯଦି ଯୁକ୍ତଦୁଇ ଓ ଯୁକ୍ତତିନିର ବିଭାଗୀକରଣ ହୁଏ, ତେବେ ଯୁକ୍ତଦୁଇରେ ପଢ଼ାଇବ କିଏ? ପି ଜି ଟି ଅଧ୍ୟାପକ କେବଳ ଯୁକ୍ତଦୁଇ ଶ୍ରେଣୀ ପାଇଁ ନିଯୁକ୍ତି ପାଉଥିବା ବେଳେ ଅନେକ ଡିଗ୍ରୀ କଲେଜ୍‌ରେ ଯୁକ୍ତତିନିରେ କେବଳ ଅସ୍ଥାୟୀ ଅଧ୍ୟାପକ ପଢ଼ାଉଛନ୍ତି। ବିଭିନ୍ନ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟ ମଧ ଏହିପରି ବ୍ୟବସ୍ଥାରେ ଚାଲିଛି। ଏପରି ସ୍ଥଳେ ଚାରିବର୍ଷିଆ ପାଠ୍ୟକ୍ରମକୁ ସମ୍ଭାଳିବ କିଏ? ଏବେ ପାଠ୍ୟକ୍ରମ ବିଷୟକୁ ଆସିବା। ଜଣେ ସର୍ବମୋଟ କେତୋଟି ବିଷୟ ରଖିବା ଉଚିତ୍, ତା'ର କିଛି ସ୍ପଷ୍ଟ ରୂପରେଖ ନାହିଁ। ଜଣେ ବିଜ୍ଞାନର ଛାତ୍ର, କଳାର ବିଷୟ ରଖିଲେ ସେହିସବୁ ଅତିରିକ୍ତ ପାଠପଢ଼ାର ଦାୟିତ୍ୱ ନେବ କିଏ ଏବଂ କେଉଁଠି? ଅଧିକାଂଶ ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନାହିଁ। ସକାଳ ନ'ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପାଞ୍ଚଟା ଯାଏଁ ବିଭିନ୍ନ ଶ୍ରେଣୀରେ ପାଠପଢ଼ା ଜାରି ରହିଲେ ମଧ ପାଠ୍ୟକ୍ରମ ନିର୍ଦ୍ଧାରିତ ସମୟରେ ସରୁ ନାହିଁ। ବର୍ଷରେ ଛ'ଟି ଇଣ୍ଟରନାଲ୍ ଓ ଛ'ଟି ସେମିଷ୍ଟାର ପରୀକ୍ଷା ସମୟ ଅନୁସାରେ ସାରିବା କାଠିକର ପାଠ ହେଇ ପଡୁଛି। ଏବେ ଏହି ସଂଖ୍ୟା ଆଠକୁ ବୃଦ୍ଧି ପାଇଲେ ପାଠ ପଢ଼ା ହେବ କେତେବେଳେ ଏବଂ ପରୀକ୍ଷା ହେବ କେତେବେଳେ? ନୂତନ ଶିକ୍ଷାବର୍ଷର ପାଠ୍ୟକ୍ରମ ବର୍ଷ ଆରମ୍ଭରୁ ଦେବା କଥା। ମାତ୍ର ମାସେ ପାଠ ପଢ଼ା ଆରମ୍ଭ ହେବା ପରେ ତରବରିଆ ଭାବରେ ଏହାକୁ ପ୍ରଚଳନ କରାଗଲା। ପ୍ରଥମ ବର୍ଷ ପାଠ୍ୟକ୍ରମର ଅଧିକାଂଶ ବିଷୟ ବଦଳି ଯିବା ସହ ନୂଆ ପାଠ୍ୟକ୍ରମ ଜାରି ହେଲା। ଯାହା ପଢ଼ା ଯାଇସାରିଥିଲା ସେଗୁଡ଼ିକ ବର୍ତ୍ତମାନ ନୂଆ ପାଠ୍ୟକ୍ରମରେ ନାହିଁ। ତେଣୁ ସମୟ ଗଡ଼ିବା ସହିତ ପଢ଼ା ଯାଇଥିବା ପାଠ ମୂଲ୍ୟହୀନ ହୋଇଗଲା। ନୂଆ ବହିକୁ ପଢ଼ି ପଢ଼ାଇ ଠିକ୍ ସମୟରେ ପରୀକ୍ଷା କରିବାର କଷ୍ଟ ପଢ଼ାଉ ଥିବା ଲୋକ ହିଁ ଜାଣେ। ସ୍ନାତକ ପାଇଁ ନୂଆ ପାଠ୍ୟକ୍ରମରେ ସ୍ନାତକୋତ୍ତର ପାଠ୍ୟକ୍ରମ ଭର୍ତ୍ତି କରାଯାଇଛି। ଉଦାହରଣ ସ୍ୱରୂପ, ଓଡ଼ିଆ ଓ ଇଂରାଜୀରେ ସ୍ନାତକୋତ୍ତରରେ ପ୍ରଚଳିତ 'ଭାଷା ବିଜ୍ଞାନ' ବିଷୟ ଭର୍ତ୍ତି କରାଯାଇଥିବା ବେଳେ ଅଧିକାଂଶ ଅଧ୍ୟାପକ ତାହାକୁ ନିଜେ ସ୍ନାତକୋତ୍ତର ପଢ଼ିବା ସମୟରେ ମଧ ପଢ଼ି ନାହାନ୍ତି। କାରଣ ଏହା ସ୍ନାତକୋତ୍ତର ଦ୍ୱିତୀୟ ବର୍ଷରେ ସ୍ୱତନ୍ତ୍ର ବିଷୟ ଭାବରେ ନିଆ ଯାଇଥାଏ। କଷ୍ଟକର ଭାଷା ସଂରଚନା ଓ ଶବ୍ଦର ଗଢ଼ଣ ଇତ୍ୟାଦି ପରି କଠିନ ବିଷୟକୁ ଏପରି ହାଲୁକା ଭାବରେ କିପରି ନିଆ ଯାଇପାରିବ? ଏଥିନିମନ୍ତେ କିଛି ପ୍ରଶିକ୍ଷଣ ବ୍ୟବସ୍ଥା ଆଗରୁ ରଖିବା କଥା। କମୁନିକେଟିଭ ବା ଗଣଯୋଗାଯୋଗ ବିଷୟ ବାଧ୍ୟତାମୂଳକ ପାଠ୍ୟକ୍ରମରେ ରହିଛି। ଏହାର ଶିକ୍ଷାପ୍ରଣାଳୀ ଆଦୌ ସହଜ କଥା ନୁହେଁ। ଜଣେ ଯଦି ଭଲ ଭାବେ ଶୁଣିବା, ପଢ଼ିବା ଓ କହି ଶିଖିବା ଏହି ବିଷୟର ଆଭିମୁଖ୍ୟ, ତେବେ ଏହାର ଲିଖିତ ପରୀକ୍ଷା କେଉଁ ପ୍ରକାର ସାହାଯ୍ୟ କରିବ ତାହା ଆଦୌ ବୁଝି ହେଉନାହିଁ। ପିଲା ନା କହି ଶିଖିଲା ନା ପଢ଼ି ଶିଖିଲା। ବରଂ ସେ କେମିତି ପଢ଼ିବ, ଶୁଣିବ ଓ କହିବ ତାହାକୁ ମୁଖସ୍ଥ କରି ଖାତାରେ ଉତାରିଲା। ଏହା ତା'କୁ କିପରି ଭାବରେ ସାକ୍ଷାତକର ବେଳେ ସାହାଯ୍ୟ କରିବ? ତେଣୁ ଏହି ତ୍ରୁଟିପୂର୍ଣ୍ଣ ଶିକ୍ଷା ପ୍ରଣାଳୀର ଆବଶ୍ୟକତା ବର୍ତ୍ତମାନ ଥିବାର ଅନୁଭୂତ ହୁଏ ନାହିଁ। ନୂତନ ଶିକ୍ଷା ପଦ୍ଧତିରେ ଇଣ୍ଟର୍ନସିପ୍ ପରି ବ୍ୟବସ୍ଥା ରହିଛି। ପିଲାମାନେ ବୈଷୟିକ ଶିକ୍ଷାନୁଷ୍ଠାନର ପିଲାଙ୍କ ପରି ବିଭିନ୍ନ ସଂସ୍ଥା ସହ ଅନୁବନ୍ଧିତ ହେବେ। ମାତ୍ର ଏହା ତ ମାତ୍ର କେତୋଟି ସହରାଞ୍ଚଳର ମହାବିଦ୍ୟାଳୟ ପକ୍ଷରେ ସମ୍ଭବ ହେବ। ଛୋଟ ସହର ଓ ଗାଆଁ ଗହଳିରେ ଅବସ୍ଥିତ ଅଧିକାଂଶ ମହାବିଦ୍ୟାଳୟ ଏହି ନୀତି ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ ସଫଳ ହେବେ ନାହିଁ। ବିଭିନ୍ନ ପ୍ରଶିକ୍ଷଣ ବା କର୍ମଶାଳା ପାଇଁ ମଧ ମହାବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ନାହିଁ। ସମ୍ମାନ ବା ପାଠଚକ୍ର ଆୟୋଜନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ସେଥିଲାଗି ବ୍ୟୟବରାଦର ବ୍ୟବସ୍ଥା ଶୋଚନୀୟ।

# ପ୍ରଚଣ୍ଡ ରାଷ୍ଟ୍ରଭକ୍ତ 'ମୋଦି'



### ପ୍ରମିଳା ପଣ୍ଡା

ଯେଉଁ ମହାମାନବ ରାଷ୍ଟ୍ର ପ୍ରଣତାରେ ନିଜର ହୃଦୟକୁ ହିମାଳୟ ପରି ଅଚଳ, ଆକାଶ ପରି ଉଦାର ଏବଂ ସାଗର ପରି ଗଭିର ରଖି ଦେଶ ବାସିଙ୍କ ପାଇଁ ନିଜକୁ ସମର୍ପିତ କରିଦେଇଛନ୍ତି ସେ କେହି ନୁହଁନ୍ତି ଆମ୍ଭ ମାନଙ୍କର ପ୍ରିୟ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି । ପୁରା ନାମ ନରେନ୍ଦ୍ର ଦାମୋଦର ଦାସ ମୋଦି, ପିତା- ଦାମୋଦର ଦାସ ମୁଲଚାନ୍ଦ ମୋଦି, ମାତା- ହିରାବେନ । ୧୯୫୦ ମସିହା ସେପ୍ଟେମ୍ବର ମାସ ୧୭ ତାରିଖ ସେତେବେଳର ବମ୍ବେ ରାଜ୍ୟ, ବର୍ତମାନର ଗୁଜୁରାଟର ମହେଶ୍ୱର ଜିଲ୍ଲା ଓ୍ୱାର୍ଡ଼ନଗରରେ ନୂଆ ସମ୍ଭାବନାର ଦିବ୍ୟ ଆଲୋକକୁ ବିଚ୍ଛୁରିତ କରି ଜନ୍ମ ନିଅନ୍ତି ଏହି ରାଷ୍ଟ୍ର ପୁରୁଷ । ଦାରିଦ୍ର ?ୟତାର ତାଡ଼ନାରେ କାଳତିପାତ କରୁଥିବା ପିତା ମାତାଙ୍କର ଦୈନ୍ୟତାର ଉପସମ ପାଇଁ ପିତାଙ୍କ କାର୍ଯ୍ୟରେ ସହଯୋଗ କରନ୍ତି ନରେନ୍ଦ୍ର ମୋଦି । ଓ୍ୱାର୍ଡ଼ନଗର ରେଲୱେ ଷ୍ଟେସନରେ ବାପା ତାଙ୍କର ଚା ବନାଉଥିବା ବେଳେ ପ୍ଲାଟଫର୍ମରେ ରେଳ ଡ଼ବାରେ ଗ୍ରାହକ ମାନଙ୍କୁ ଚା ବଢ଼ାଇ ଦିଅନ୍ତି ମୋଦି । ଷାଠିଏ ଦଶକରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ରେଳ ଡ଼ବାରେ ସୈନ୍ୟ ମାନଙ୍କୁ ଚା ଯୋଗାଇ ନିଜକୁ ଗର୍ବିତ ମନେ କରୁଥିଲେ ମୋଦି । ୧୯୬୭ ରେ ଗୁଜୁରାଟ ବନ୍ୟାରେ ପିଡ଼ିତଙ୍କୁ ସାହାଯ୍ୟ କରିବାରେ ନିଜକୁ ନିୟୋଜିତ କରିଥିଲେ ସେ । ପାଠ ପଢ଼ା ସହିତ ବାପାଙ୍କୁ ସହଯୋଗ କରିବା, ସମାଜର କଲ୍ୟାଣ କରିବା ପାଇଁ ସେ ହୋଇଥିଲେ ସଂକଳ୍ପବଦ୍ଧ । ମାତ୍ର ୮ ବର୍ଷ ବୟସରେ ବାଲସ୍ୱୟଂ ସେବକ ସଂଘରେ ଯୋଗ ଦେଇ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଆରମ୍ଭ କରିଥିଲେ ସେ । ୧୫ ବର୍ଷ ବୟସରେ ଯୋଶୋଦା ବେନଙ୍କ ସହ ତାଙ୍କର ବିବାହ ହୋଇଥିଲା । ଦେଶ ମାତୃକା ପାଇଁ ଯେ ସମର୍ପିତ ସେ ବା ବିବାହ ବନ୍ଧନରେ ଆବଦ୍ଧ ହୋଇ ରହିଥାନ୍ତେ କିପରି ? ଘର ଛାଡ଼ି ପଳାଇ ଆସିଲେ ମୋଦି । ତାଙ୍କ ମତରେ ଜଣେ ଅବିବାହିତ ଯୁବକ ଦୁର୍ନିତି, ଭ୍ରଷ୍ଟାଚାର ବିରୁଦ୍ଧରେ ଯେପରି ଲଢ଼ି ପାରିବ ଦେଶ ମାଟି ସେବା କରିପାରିବ ଜଣେ ବିବାହିତ ପୁରୁଷ ପାଇଁ ତାହା ସମ୍ଭବ ହୋଇ ପାରିବ ନାହିଁ । କାରଣ ଅବିବାହିତ ପୁରୁଷ ପଛରେ ସ୍ତ୍ରୀ, ସନ୍ତାନ କେହି ନଥାନ୍ତି । ୧୯୭୫ ରେ ତତ୍ ?କାଳିନ ସରକାର ଇନ୍ଦିରାଗାନ୍ଧି ଏମରଜେନ୍ସି ଘୋଷଣା କରି ଯେତେବେଳେ ଆର.ଏସ୍ ?.ଏସ୍ ?. ଉପରେ ରୋକ ଲଗାଇଥିଲେ ସେତେବେଳେ ମୋଦି ଗଣତନ୍ତ୍ର ସୁରକ୍ଷା ପାଇଁ ଛଦ୍ମ ବେଶରେ ଆତ୍ମଗୋପନ କରି ଲୋକଙ୍କ ଭିତରେ ସରକାରଙ୍କ ବିରୁଦ୍ଧରେ ଜାଗରଣ ସୃଷ୍ଟି କରୁଥିଲେ । ୧୯୮୫ରେ ବିଜେପିରେ ଯୋଗଦାନ କରି ଗୋଟିଏ ବର୍ଷ ମଧରେ ସେ ଗୁଜୁରାଟର ସାଧାରଣ ସଂପାଦକ ଦାୟିତ୍ୱ ବହନ କଲେ । ନିଜର ଦକ୍ଷତା ପରାକାଷ୍ଠାର ଫଳ ସ୍ୱରୂପ ଗୁଜୁରାଟର ମୁଖ୍ୟମନ୍ତ୍ରୀ କେଶୁ ଭାଇ ପଟେଲଙ୍କ ଇସ୍ତଫା ପରେ ସେ ହେଲେ ଗୁଜୁରାଟର ମୁଖ୍ୟମନ୍ତ୍ରୀ । ଗୋଦ୍ରା ହତ୍ୟାକାଣ୍ଡ ପାଇଁ ୨୦୦୨ରେ ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଥିଲା । ଏଥିପାଇଁ ବିରୋଧି ନରେନ୍ଦ୍ର ମୋଦିଙ୍କୁ ଦାୟି କରି ଇସ୍ତଫା ଦାବି କଲେ । ନରେନ୍ଦ୍ର ମୋଦି ଇସ୍ତଫା ମଧ ଦେଲେ । ପରବର୍ତି ନିର୍ବାଚନରେ ଦୁଇ ତୃତିୟାଂଶ ବହୁମତ ଆଣି ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେଲେ ମୋଦି । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୁଜୁରାଟରେ ଅଭୁତପୁର୍ବ ବିକାଶ ଦେଖି ଆର୍ଶ୍ଚର୍ଯ୍ୟ ହେଲା ସାରା ଦେଶ । କ୍ରମାଗତ ଭାବରେ ୨୦୦୭ ଏବଂ ୨୦୧୨ରେ ଗୁଜୁରାଟରେ ସେ ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କର କାର୍ଯ୍ୟଦକ୍ଷତା ଏବଂ ସଫଳତାକୁ ଦେଖି ୨୦୧୪ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥି ଭାବରେ ଘୋଷଣା କରାଗଲା । ଯାହାର ଫଳ ସ୍ୱରୂପ ତୃତୀୟ ପର୍ଯ୍ୟାୟରେ ମଧ ଭାରତୀୟ ଜନତା ପାର୍ଟି ବିଜୟଲାଭ କରିବା ସହିତ ନରେନ୍ଦ୍ର ମୋଦି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ହୋଇ ପାରିଛନ୍ତି । ପ୍ରଥମ ଥର ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେବା ଅବସରରେ ସେ କହିଥିଲେ ମୁଁ ପ୍ରଧାନମନ୍ତ୍ରୀ ନୁହେଁ ମୁଁ ଏ ଦେଶର ପ୍ରଧାନ ସେବକ । ସଂସଦ ଭବନ ମୋ ପାଇଁ ମନ୍ଦିର । ଏ ଦେଶର ସମସ୍ତ ଜନତା ମୋର ପରିବାର । ଏହାକୁ ଧ୍ୟେ କରି ସେ ଆରମ୍ଭ କରିଥିଲେ ନଜିର କାର୍ଯ୍ୟ ଶୈଳି । ଯାହାର ଫଳ ସ୍ୱରୂପ ଅଭୁତପୂର୍ବ ବିକାଶ ଘଟୁଛି ଭାରତବର୍ଷରେ । ସମଗ୍ର ବିଶ୍ୱ ଆଜି ମସ୍ତକନତ କରୁଛି ତାଙ୍କର କାର୍ଯ୍ୟଦକ୍ଷତା ଏବଂ ଉଦାରତା ନିକଟରେ । ଦେଶରେ ଆର୍ଥିକ ସ୍ୱଛତା ଏବଂ ସ୍ୱଛଳତା ପାଇଁ ଜି.ଏସ୍ ?.ଟି. ଲଗାଇବା ଏବଂ ଡ଼ି ମନିଟ୍ରାଇଜେସନ କରିବା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି । ସର୍ଜିକାଲ ଷ୍ଟ୍ରାଇକ କରି ପାକିସ୍ଥାନକୁ ମୁହଁତୋଡ଼ ଜବାବ ଦେଇଥିଲେ ମୋଦି । କୋଟି କୋଟି ହିନ୍ଦୁ ଏବଂ ସାଧୁ ସନ୍ଥଙ୍କର ୬୦୦ ବର୍ଷର ସଂଘର୍ଷ ପରେ ବି ଅଯୋଧାରେ ହୋଇପାରିନଥିଲା ଶ୍ରୀରାମ ମନ୍ଦିର । ଯାହାକୁ ବିନା ସଂଘର୍ଷରେ ସମ୍ଭବ କରିପାରିଲେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କେବଳ ସେତିକି ନୁହେଁ କାଶ୍ମିରରେ ବିନା ରକ୍ତପାତରେ ୩୭୦ଧାରା ଉଚ୍ଛେଦ କରି ସମଗ୍ର ବିଶ୍ୱକୁ ଆର୍ଶ୍ଚର୍ଯ୍ୟ ଚକିତ କରିଦେଲେ ମୋଦି । ୩ ତଲାକ ପରି ଭୟଙ୍କର ନିୟମରେ ପ୍ରପିଡ଼ିତ ମୁସଲିମ ମହିଳା ମାନଙ୍କୁ ଏଥିରୁ ଉଧାର କଲେ ମୋଦି । ଜମୁନା ନଦୀ କୂଳରେ ରନ୍ ଅଫ ୟୁନିଟି ନାମରେ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ବିଶ୍ୱର ସର୍ବ ବୃହତମ ପ୍ରତିମୂର୍ତି ନିର୍ମାଣ କରି ଭାରତବର୍ଷର ନାମକୁ ଶିଖରରେ ପହଂଚାଇ ପାରିଛନ୍ତି ମୋଦି । ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ସ୍ମୃତି ଉଦେଶ୍ୟରେ ପଂଚତିର୍ଥ ନାମରେ ମଧ୍ୟପ୍ରଦେଶରେ ଜନ୍ମଭୂମି, ଲଣ୍ଡନର ଶିକ୍ଷାଭୂମି, ନାଗପୁରର ଦିକ୍ଷା ଭୂମି, ମୁମ୍ବାଇର ଚୈତ୍ୟଭୂମି ଏବଂ ଦିଲ୍ଲିରେ ନେସନାଲ ମେମୋରିଆଲ ସେଂଟରରେ ସ୍ମାରକି ନିର୍ମାଣ କରି ସମ୍ମାନ ପ୍ରଦର୍ଶନ କରିଛନ୍ତି ମୋଦି । ଯେତେବେଳେ ମଭାରତବର୍ଷରେ କରୋନା ମହାମାରି ଭୟଙ୍କର ରୂପ ଧାରଣ କରିଥିଲା ସେତେବେଳେ ଦିନରାତି ଏକ କରି କରୋନା ପ୍ରପିଡ଼ିତଙ୍କୁ କ୍ୱରେଂଟାଇନରେ ରଖିବା ବ୍ୟବସ୍ଥା କରିବା ସହ ପିପିକିଡ଼ସ୍ ଯୋଗାଇବାର ବ୍ୟବସ୍ଥା କରିବା ଏବଂ ଏଥିପାଇଁ ଭ୍ୟାକସିନ ପ୍ରସ୍ତୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ସହିତ ସଫଳତା ମଧ ପାଇଥିଲେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣାରେ ଚାଉଳ ଯୋଗାଇଦେବା ଏବଂ ଓ୍ୱାନ ନେସନ ଓ୍ୱାନ ରେସନକୁ ମଧ କାର୍ଯ୍ୟକାରି କରିଥିଲେ ମୋଦି । ଜଣେ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଖାଇପାଇ ସୁସ୍ଥର ସହ ବଂଚି ପାରିବା ପାଇଁ ସମସ୍ତ ଯୋଜନା କରିଛନ୍ତି ଭାରତବର୍ଷରେ । ଘରେ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛଭାରତରେ ପାଇଖାନା, ଜଳଜୀବନ ମିସନରେ ପିଇବା ପାଣି, ଉଜ୍ୱାଳା ଯୋଜନାରେ ଗ୍ୟାସ, ଆୟୁସ୍ମାନ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ଼, ଜନଔଷଧି କେନ୍ଦ୍ରରେ ସୁଲଭ ମୂଲ୍ୟରେ ଔଷଧ, ମାତୃବନ୍ଦନ କାର୍ଯ୍ୟକ୍ରମରେ ଗର୍ଭବତି ମହିଳାଙ୍କୁ ସହାୟତା, ରାଷ୍ଟ୍ରୀୟ ପୋଷଣ ଅଭିଯାନ, ପ୍ରତିଘରକୁ ସୌର ବିଦ୍ୟୁତ ଯୋଗାଇ ଦେବାର ବ୍ୟବସ୍ଥା କରୁଛନ୍ତି । କୃଷକ ମାନଙ୍କ ପାଇଁ କିଷାନନିଧି ଯୋଜନା, ଜମିର ମାଲିକାନା ପାଇଁ ପ୍ରଧାନମନ୍ତ୍ରୀ ସ୍ୱାମିତ୍ୱ ଯୋଜନା ମଧ କାର୍ଯ୍ୟକାରି କରୁଛନ୍ତି ମୋଦି, ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରତ୍ୟେକ ମହିଳାଙ୍କୁ ଶୁଭଦ୍ରା ଯୋଜନା ଅନ୍ତର୍ଭୁକ୍ତ କରିବେ ମୋଦି । ମାତୃଶକ୍ତି ସଶକ୍ତ କରିବା ପାଇଁ ଲକ୍ଷ ରହିଛି ଲକ୍ଷପତି ଦିଦି କରିବାର ଆକାଂକ୍ଷା । ଆଜି ତାଙ୍କ ଜନ୍ମଦିନରେ ମହିଳା ମାନଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରି ଶୁଭାରମ୍ଭ କରିବେ ଶୁଭଦ୍ରା ଯୋଜନାର । ଜଣେ ସାଧାରଣ ମଣିଷର ଜୀବନଶୈଳିକୁ ଉନ୍ନତତର କରିବାର ଯୋଜନା ରଖିବା ସହିତ ସମଗ୍ର ଦେଶର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ନିଜକୁ ଉତ୍ସର୍ଗ ଦେଇଥିବା ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ନେତାଙ୍କୁ ପାଇ ଆମେ ଗର୍ବିତ ଏବଂ ସୁରକ୍ଷିତ । ତାଙ୍କର ଏହି ପବିତ୍ର ଜନ୍ମଦିନରେ ଶୁଭ ଅଭିନନ୍ଦନ ଜଣାଇବା ସହିତ ଇଶ୍ୱରଙ୍କ ନିକଟରେ ଦିର୍ଘ ଓ ନିରାମୟ ଜୀବନ କାମନା କରୁଛି ।

ନଗରପାଳ,
ବିଜ୍ଞାପିତ ଅଂଚଳ ପରିଷଦ,
ଉଦଳା

# 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ ହେ ନାଥ ନାରାୟଣ ବାସୁଦେବ....'



### ମୁରଲୀଧର ସାମଲ

ଜୀବନ ଯେଉଁଠି ତୀର୍ଥ, ସେଇଠି ଅଛି ଭାଗବତ। ଯେଉଁଠି ନାହିଁ ଭାଗବତ, ସେଇଠି ଜୀବନ ବ୍ୟର୍ଥ। ଭାଗବତ ବେଦ ରୂପକ କଳ୍ପବୃକ୍ଷ, ଭଗବାନଙ୍କ ଶ୍ରୀମୁଖ ବଚନ, ଶ୍ରୀହରିଙ୍କ ସାକ୍ଷାତ ବାଙ୍ମୟ ମୂର୍ତ୍ତି, ଅତ୍ୟନ୍ତ ରହସ୍ୟମୟ ପୁରାଣରତ୍ନ। ଭାବରୁ ଭାଗବତର ସୃଷ୍ଟି, ଭାବରୁ ଏହାର ବ୍ୟାପ୍ତି। 'ଭାବରୁ ଯାହାଟି ସମ୍ଭୂତ / ଏଣୁଟି ନାମ ଭାଗବତ' (ବ୍ରହ୍ମାଣ୍ଡ ଭୂଗୋଳ, ବଳରାମ ଦାସ)। ଭଗବାନଙ୍କର ହୋଇ ରହିବା ହିଁ ଭାଗବତ। ଯିଏ ଜାଣେ ଭଗବାନ ମୋର, ମୁଁ ତାଙ୍କର - ସେ ହିଁ ଭାଗବତ। ଏହା ଅଷ୍ଟାଦଶ ପୁରାଣ ଶ୍ରେଷ୍ଠ ଜୀବତ୍ରାଣ ମାର୍ଗଦର୍ଶିକା ଧର୍ମଗ୍ରନ୍ଥ। ସକଳ ରସର ମଧୁର ଆସ୍ୱାଦନରେ ମନୋଜ୍ଞ ପରିପ୍ରକାଶ - ଭାଗବତ।

କଳିକ୍ଳିଷ୍ଟ ମଣିଷ ପାଇଁ ଏହା ମହାର୍ଘ ଆଧ୍ୟାତ୍ମିକ ଉପଚାର। ଏହା ଓଡ଼ିଆ ଭକ୍ତିଭାବଧାରା ଓ ଧର୍ମୀୟ ଚିନ୍ତନରେ ଯୁଗାନ୍ତକାରୀ ଉନ୍ମେଷ ଘଟାଉଥିବା ଜ୍ଞାନଗଙ୍ଗା। ଜଣା-ଅଜଣାରେ ପୁଷ୍କଳ ଏହାର ବିବରଣ, ଆଖ୍ୟାନ, ଉପାଖ୍ୟାନ, ଆଧ୍ୟାତ୍ମ ଜୀବନ ପାଇଁ ଅତୀବ ସହାୟକ। ଭାଗବତ ଆମ ଭାଷା, ଭାବ ଓ ପୁରାଣର ଦିଗ୍‌ଦର୍ଶକ; ଏହା ସହଜ, ସରଳ, ବୋଧ୍ୟ ପୁଣି ଗୂଢ଼ ଓ ତତ୍ତ୍ୱପୂର୍ଣ୍ଣ। ଏହାର ପଠନ, ମନନ, ଅନୁଶୀଳନ ଓ ଅନୁଗମନ କଲେ ପାପମୁକ୍ତିର ବିଶ୍ୱାସ ବଢ଼େ; ମାର୍ଜିତ ହୁଏ ଆଚାର ବ୍ୟବହାର। କୁସଙ୍ଗଙ୍କ ମାୟା କାଟିବାର ଏହା ଅମୋଘ ଅସ୍ତ୍ର। ଓଡ଼ିଆ ଜାତି ପାଇଁ ଏହା ଇହକାଳ ଓ ପରକାଳର ସମ୍ପଦ। ସବୁରି ମୂଳେ ଭାଗବତ, ଭାଗବତ ମୂଳେ ସବୁ। ଦୁଃଖରେ ଶୋକରେ, ଭାବରେ ଅଭାବରେ ଶ୍ରଦ୍ଧାଳୁ କହେ - 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ ହେ ନାଥ ନାରାୟଣ ବାସୁଦେବ', ଓଁ ନମଃ ବାସୁଦେବାୟ, ଓଁ ନମଃ ଭାଗବତ ଗୋସାଇଁ । ଭାଗବତ ଗାଦିରେ ସକଳ ଦିଅଁ ଦର୍ଶନ ଦିଅନ୍ତି ବୋଲି ବିଶ୍ୱାସ କରାଯାଏ। ଭାଗବତ - ଜ୍ଞାନ ତଥା ପ୍ରଜ୍ଞାର ବିସ୍ଫୋରଣ, ଏକ ଅମୃତ କଥା।

'ଶ୍ରୀମଦ୍ ଭାଗବତ' ଭଗବାନଙ୍କ ବଙ୍ମୟ ସ୍ୱରୂପ। ଏହାର ପ୍ରଥମ ଓ ଦ୍ୱିତୀୟ ସ୍କନ୍ଧ ପ୍ରଭୁଙ୍କ ପଦଯୁଗଳ, ତୃତୀୟ ଓ ଚତୁର୍ଥ ସ୍କନ୍ଧ- ଉରୁଯୁଗଳ, ପଞ୍ଚମ ସ୍କନ୍ଧ - ନାଭି, ଷଷ୍ଠ ସ୍କନ୍ଧ - ଭୁଜାନ୍ତର ବା ବକ୍ଷ, ସପ୍ତମ ସ୍କନ୍ଧ ଓ ଅଷ୍ଟମ ସ୍କନ୍ଧ - ବାହୁଯୁଗଳ, ନବମ ସ୍କନ୍ଧ - କଣ୍ଠ, ଦଶମ ସ୍କନ୍ଧ - ପ୍ରଫୁଲ୍ଲ ମୁଖପଦ୍ମ, ଏକାଦଶ - ଲଲାଟପଟ, ଏବଂ ଦ୍ୱାଦଶ ସ୍କନ୍ଧ - ଶିର । ଶ୍ରୀ ଶ୍ରୀ ବ୍ୟାସଦେବଙ୍କ ସଂସ୍କୃତ ଭାଗବତର ଓଡ଼ିଆ ଅନୁସୃଜନ ହିଁ ସନ୍ଥ ସେବକ ଜଗନ୍ନାଥ ଦାସଙ୍କ ଭାଗବତ। ଏହା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତି। ଏଥିରେ ଜଗନ୍ନାଥ ଦାସଙ୍କ ସ୍ୱକୀୟତା ଓ ବିଦ୍‌ବତ୍ତାର ପରିଚୟ ମିଳେ। ଭାଗବତ - ଦ୍ୱାଦଶ ଖଣ୍ଡ, ୩୩୫ଟି ପରିଚ୍ଛେଦ, ନବାକ୍ଷରୀ ଗୁଜ୍ଜରୀ ବୃତ୍ତରେ ରଚିତ, ଦୁଇଟି ଚରଣରେ ଗୋଟିଏ ପାଦ। ସୁଲଳିତ ପଦ ରଚନା ପାଇଁ ୩ୟ, ୬ଷ୍ଠ ଓ ୯ମ ଅକ୍ଷର ଉପରେ ଯତିପାତ ଏବଂ ପାଦରେ ଣ, ପ, ବ, ମ, ର, ଳ, ଲ, ଶ, ସ ଆଦିକୁ ଶେଷ ଅକ୍ଷର ରୂପେ ବ୍ୟବହାର କରିଛନ୍ତି ଜଗନ୍ନାଥ ଦାସ। ଏହା ସର୍ବଜନବୋଧ୍ୟ ଲୌକିକ ପ୍ରାକୃତ ଭାଷାର ମିଶ୍ରଣରେ ଲିଖିତ ଏବଂ ଏହାର ଭାଷା ଶୁଦ୍ଧ, ସଂଯତ ଓ ମାର୍ଜିତ। ଏହାର ଧ୍ୱନି ବୀଣାବେଣୁ ଧ୍ୱନିପରି ଚିତ୍ତାକର୍ଷକ। ଏହାର ପ୍ରତ୍ୟେକ ପାଦ ହରି ରସାମୃତ। ସୂତିକାରେ ଯେମିତି, ମୃତିକାରେ ବି ସେମିତି ଏହାର ଆବଶ୍ୟକତା। ଭାଗବତର ପଦଗୁଡ଼ିକ ଆପ୍ତବାକ୍ୟ ପରି, ସାଂସାରିକ ଜଞ୍ଜାଳ, ଦୁଃଖସୁଖ, ବିପଦାପଦରେ ଗୋଟିଏ ଗୋଟିଏ ପଦର ଦୃଷ୍ଟାନ୍ତ ଦେଇ ମଣିଷ, ସମସ୍ୟାର ସମାଧାନ କରିନିଏ। ଜଗନ୍ନାଥ ଦାସ ୧୮ ବର୍ଷ ବୟସରେ ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ାସ୍ଥ ବଟଗଣେଶ ସନ୍ନିକଟ ସ୍ଥାନରେ ଭାଗବତ ରଚନା କରିଥିଲେ। ତାହା ଏଭଳି ଏକ ପବିତ୍ର ସ୍ଥାନ ଥିଲା, ସତେ ଯେମିତି ଜଗନ୍ନାଥଙ୍କ ସହିତ ଓଡ଼ିଆ ଭାଗବତ ଗୋଟିଏ ବିନ୍ଦୁରେ ମିଳିତ ହୋଇଥିଲା। ଭାଗବତ ରଚନା ସହିତ ପଠନ ମଧ ସେଠାରେ ଚାଲିଥିଲା। ଅନୁବାଦବେଳେ ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅଧୀନ ମୟୂର ଗାଁ (ମରେଇ ଗାଁ)ର ଶ୍ରୀଧର ସ୍ୱାମୀଙ୍କ ସଂସ୍କୃତ ଭାଗବତର 'ଭାବାର୍ଥ ଦୀପିକା'କୁ ଜଗନ୍ନାଥ ଦାସ ଅନୁକରଣ କରିଥିବା କଥା ଭାଗବତ ଦ୍ୱାଦଶ ସ୍କନ୍ଦରେ ଲେଖା ଅଛି। ଶ୍ରୀଚୈତନ୍ୟ ମଧ ଶ୍ରୀଧର ସ୍ୱାମୀଙ୍କୁ ଗୁରୁବୋଲି ମାନିଛନ୍ତି। ଜଗନ୍ନାଥ ଦାସ ଭାଦ୍ର ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ଦିନ ଏକ ଦେବ ମୁହୂର୍ତ୍ତରେ ଭାଗବତ ଅନୁବାଦ କରିଥିବାରୁ ଏହି ଦିନଟି ଭାଗବତ ଜନ୍ମ ନାମରେ ଖ୍ୟାତ। ବ୍ୟାସପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ଦିନ ଭାଗବତ ପଢ଼ା ଆରମ୍ଭ ହୋଇଥିଲେ ମଧ ଭାଦ୍ର ପୂର୍ଣ୍ଣିମାରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଥାଏ ।

ଭାଗବତ ନିର୍ଯ୍ୟାସ ହେଲା ପରୋପକାରାୟ ସ୍ୱର୍ଗାୟ, ପାପାୟ ପରପୀଡ଼ନେ। ପରର ଉପକାର ଦିବ୍ୟକର୍ମ ଏବଂ ପର ମନରେ ପୀଡ଼ା ଦେବା ହେଲା ମହାପାପ। ଭାଗବତ ମଣିଷ ସମାଜକୁ ଅନ୍ଧାରରୁ ଆଲୋକକୁ, ମୃତ୍ୟୁପଥରୁ ଅମୃତ ପଥକୁ ନେଇଯିବାକୁ ସକ୍ଷମ। ଭାଗବତ କହେ - ପରର ଉପକାର କରି ନପାରିଲେ ଅପକାର କର ନାହିଁ କି ଅପକାର କଥା ଚିନ୍ତା କରନାହିଁ। ନିଜର ହିତ ସହିତ ସମାଜ, ରାଷ୍ଟ୍ର ଓ ମାନବର ହିତ ପାଇଁ କିଛି କର। ଓଡ଼ିଆଙ୍କ ଘରେ ଘରେ ସର୍ବାଧିକ ସମାଦୃତ ଓ ପୂଜ୍ୟ ଧାର୍ମିକ ଗ୍ରନ୍ଥ ଭାଗବତ ପ୍ରତି ଓଡ଼ିଆ ପ୍ରାଣରେ ସ୍ପନ୍ଦିତ, ପ୍ରୀତି, ସୌହାର୍ଦ୍ଦ୍ୟ, ଶକ୍ତି, ମୈତ୍ରୀ ଓ ପେରଣାର ଉତ୍ସ। ଭାଗବତ ଭକ୍ତି - ଏକ ବିଲକ୍ଷଣ ବିଭାବ ଓ ବିଭବ। ଶୁଦ୍ଧ ଓ ସ୍ୱଚ୍ଛ ଶ୍ରଦ୍ଧାଭକ୍ତି ସମର୍ପଣରୁ କୃପା ମିଳେ। ଭାଗବତ, ସାକ୍ଷରତା ଅଭିଯାନର ଉତ୍‌ପ୍ରେରକ ଥିଲା । ଜନଶିକ୍ଷା ପାଇଁ ଯେଉଁ ଚାଟଶାଳୀ ଥିଲା, ସେଥିରେ ହର, ଗୁଣ, ଫେଡ଼, ମିଶା ସହିତ ଭାଗବତ ପାଠକୁ ଗୁରୁତ୍ୱ ଦିଆଯାଉଥିଲା। ବିଦ୍ୟା ଭାଗବତାବଧି ଥିଲା। ଅକ୍ଷର ଶିଖି ଭାଗବତ ପଢ଼ିପାରିଲେ, ଲୋକ ନିଜକୁ କୃତାର୍ଥ ମଣୁଥିଲା। ଓଡ଼ିଶାରେ ଭାଗବତର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରେରଣାରେ ୧୯୦୧ ଜନଗଣନା ଅନୁଯାୟୀ ଅନ୍ୟ ରାଜ୍ୟ ତୁଳନାରେ ସାକ୍ଷରତା ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ଶ୍ରୀମଦ୍ ଭାଗବତକୁ ସାକ୍ଷାତ ଭଗବତ୍ ବିଗ୍ରହ ବୋଲି ମନେ କରାଯାଉଥିଲା। ଭାଗବତ ପୋଥିକୁ ଗାଦିରେ ରଖି ପୂଜା କରାଯାଉଥିଲା। ଏବେ ବି କେତେକ ଗ୍ରାମରେ ଗାଦିପୂଜା ପ୍ରଚଳିତ। ଭାଗବତ ରାଣଖାଇ ମିଛି କହିବାର ସାହସ କାହାର ନଥିଲା। ପୋଥି ଗୋସେଇଁ ଛୁଇଁ ମିଛ କହିବ କିଏ? କଳିକଜିଆ ଲାଗିଲେ ଦୁଇପକ୍ଷ ସତ୍ୟ ବଖାଣୁ ଥିଲେ ଗାଁ ମୁଖିଆ ବା ମୁରବିଙ୍କ ଆଗରେ। ମାମଲତକାରମାନେ ବିଚାର କରି ଝଗଡ଼ା ମେଣ୍ଟାଇ ଦେଉଥିଲେ। ଭାଗବତ ଭକ୍ତିଭାବରେ ଏତେ ଜନପ୍ରିୟ ଥିଲା ଯେ, ପୋଥି ବସିବା ଗୀତ ବସିବା, ଭାଗବତ ବସିବା ବୋଲି କୁହାଯାଉଥିଲା ଏବଂ କାର୍ଯ୍ୟକ୍ରମ ସମ୍ପନ୍ନବେଳେ କେହି ପଢ଼ା ସରିଲା ବା ଶେଷ ହେଲା କହୁ ନଥିଲେ, ବରଂ ଗୀତ ବଢ଼ିବା, ପୋଥି ଉଠିବା, ଭାଗବତ ବଢ଼ିବା ଇତ୍ୟାଦି କହୁଥିଲେ। ସନ୍ଧ୍ୟା ହେଲେ ରୁଖା ଉପରେ ଦୀପଟିଏ ତେଜି ଲୋକ ରୁଣ୍ଡ ହେଉଥିଲେ ଭାଗବତ ଟୁଙ୍ଗୀରେ। ସେ ସମୟରେ ଏହା ଥିଲା ପୁରାଣ ପାଠଘର, ପାଠଶାଳା, ନୈଶ ବିଦ୍ୟାଳୟ ଓ ଗ୍ରାମ୍ୟ ବିଚାରାଳୟ। ଆଜିର ଲୋକ ଅଦାଲତ ହିଁ ସେ ସମୟର ଭାଗବତ ଟୁଙ୍ଗୀ। ଓଡ଼ିଆଙ୍କ ଭାଗବତ ଜୀବନ ଥିଲା ଭିନ୍ନ। ଦିନର କାମ ସାରି ସଞ୍ଜରେ ଭାଗବତ ଟୁଙ୍ଗୀରେ ଏକାଠି ଭାଗବତ ଶୁଣୁଥିଲେ, ବାସୁଦେବ ଗୋସେଇଁଙ୍କୁ ମୁଣ୍ଡିଆ ମାରି ଭଗବତ୍ ଚେତନା ନେଇ ଘରକୁ ଫେରୁଥିଲେ। ସେଠି ହରି ସ୍ତୁତି ସହଜଲଭ୍ୟ ଥିଲା। ହରିହରି ହୁରି ଓ ହରିବୋଲ ହୁଳହୁଳିରେ ଭାଗବତ ଟୁଙ୍ଗୀ ଉଚ୍ଛୁଳି ଉଠୁଥିଲା। ମଧୁର ରସରେ ରସାପ୍ଲୁତ ହେଉଥିଲା, ଆହ୍ଲାଦିତ ହେଉଥିଲା ଗାଁ। ଘରର ଓରା, ଶେଣୀ, କାନ୍ଥ, କୀର୍ତ୍ତନ ମଣ୍ଡପ, ବିଦ୍ୟାଳୟ, ମନ୍ଦିର ଓ ଦେବସ୍ଥାନରେ ଭାଗବତ ବାଣୀ ଲେଖି ଦୈନନ୍ଦିନ ଜୀବନରେ ଚେତନା ସୃଷ୍ଟି କରୁଥିଲେ ଓଡ଼ିଆ ଲୋକ। ପ୍ରଣାମ କରୁଥିଲେ ଜଗନ୍ନାଥ ଦାସଙ୍କୁ, ଭାଗବତର ପ୍ରୟୋଗଶାଳା ଭାଗବତ ଟୁଙ୍ଗୀ ଓ ଗାଦି ଗୋସେଇଁଙ୍କୁ। ପ୍ରତ୍ୟେକ ଗାଁର ଆଧ୍ୟାତ୍ମିକ ସ୍ପନ୍ଦନ ଥିଲା ଭାଗବତ ଟୁଙ୍ଗୀ। ଗାଁ ପାଇଁ ଏହା ଥିଲା ଏକ ଆଶ୍ୱାସନା ପୀଠ, ସାମାଜିକ ବିଶ୍ୱାସ ଓ ନୈତିକ ଆଦର୍ଶ ପ୍ରଚାରର ନାଭିକେନ୍ଦ୍ର। କାଳେକାଳେ ବ୍ୟକ୍ତି ଓ ସମାଜ ଜୀବନକୁ ଶୃଙ୍ଖଳିତ, ସମନ୍ୱିତ, ସୁଂସହତ, ସମୁନ୍ନତ କରୁଥିବା ଗ୍ରନ୍ଥ ହିଁ ଭାଗବତ।

+ବରିଷ୍ଠ ସାମ୍ବାଦିକ ଓ ସୁଲେଖକ,
ବିନାନାସୀ, କଟକ,
ମୋ : ୭୯୭୮୮୪୧୭୪୧

## କବିତା କୋଣାର୍କ

### ସୃଷ୍ଟିର କରତା ପ୍ରଭୁ ବିଶ୍ୱକର୍ମା
**ନଳିନୀ ଦାଶ**

ସୃଷ୍ଟିର କରତା ପ୍ରଭୁ ବ୍ରହ୍ମାଙ୍କର
ନାଭିରୁ ହୋଇଲ ଜାତ
କିଶୋରଙ୍କ ସମ ତୁମ ରୂପକାନ୍ତି
ହେଉଥିଲା ପ୍ରତିଭାତ ।
ଚତୁର୍ଭୁଜେ ଧରି ଆଶିଷର ମୁଦ୍ରା
ଚକ୍ର ବର୍ତ୍ତୁଳ ବଟାଳୀ
ପ୍ରଜାପିତା ବ୍ରହ୍ମା ଦେଲେହେ ତୁମକୁ
ଶୁଭ ଆଶୀର୍ବାଦ ଢାଳି ।
ରଚନା କରିଲ ସୁନ୍ଦର ସୃଷ୍ଟିକୁ
ଶ୍ରେଷ୍ଠ କାରିଗର ହୋଇ
ଶ୍ରୀ ଜିଉମାନଙ୍କୁ କମନୀୟ କରି
ଗଢ଼ିଲ ଆଦେଶ ପାଇ ।
ଅସ୍ତ୍ରଶସ୍ତ୍ର ଯେତେ ତୁମେ ବିଶ୍ୱକର୍ମା
ନିଜ ହାତେ ଗଢ଼ିଦେଲ
କୃଷ୍ଣଙ୍କ ନିର୍ଦ୍ଦେଶେ ସଖା ସୁଦାମାଙ୍କ
ପାଇଁ ନଅର ତୋଳିଲ ।
ସ୍ୱର୍ଣ୍ଣର ଲଙ୍କାଓ ଲକ୍ଷ୍ମୀଙ୍କ ନିବାସ
ବିଶ୍ୱକର୍ମା ଗଢ଼ିଦେଲ
ପାଣ୍ଡବଙ୍କ ପାଇଁ ଇନ୍ଦ୍ରପ୍ରସ୍ଥ ନଗ୍ର
ଦ୍ୱାରିକା ସ୍ଥାପନ କଲ ।
ଗୁମେ ସର୍ବଶ୍ରେଷ୍ଠ ବିନ୍ଧାଣୀ ଭାବରେ
ମରତେ ହେଲ ନାମିତ
କଳା କଉଷଳେ ଆମ ଏ ଜଗତ
ଦିଶୁଛି କେଡେ ଶୋଭିତ ।
ତୁମ ଜନ୍ମଦିନେ ଚରଣ ବନ୍ଦୁଛୁ
ଆହେ ସୃଷ୍ଟିର ବିନ୍ଧାଣି
ଶୁଭ ଆଶୀର୍ବାଦ ଢାଳିଦିଅ ଆସି
ହସି ଉଠୁ ଏ ଧରଣୀ ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

### ବିଶ୍ୱକର୍ମା ପୂଜା
**ନିରଞ୍ଜନ ସାହୁ**

କନ୍ୟା ସଂକ୍ରାନ୍ତିରେ ବିଶ୍ୱକର୍ମା ପୂଜା
ଏକଥା ସଭିଙ୍କୁ ଜଣା
ଏ ସାରା ସୃଷ୍ଟିରେ ଦେବଶିଳ୍ପୀ ଭାବେ
ହୋଇଥାନ୍ତି ପ୍ରଭୁ ଗଣା ।
ପୁରାଣ ପୃଷ୍ଠାରେ ତାଙ୍କରି ମହିମା
ସର୍ବତ୍ର ହୋଇଛି ଲେଖା
ସୁଧର୍ମା ସଭାଠୁଁ ଲଙ୍କାପୁର ଯାଏ
ତାଙ୍କ କୀର୍ତ୍ତି ହୁଏ ଦେଖା
ତାଙ୍କ ଯାଦୁକାରୀ ନିର୍ମାଣ କୌଶଳ
ସଭିଙ୍କର ମନଜିଣା ।
ଦେବତାଙ୍କ ପୁର ଅତି ଚମତ୍କାର
ସ୍ୱହସ୍ତରେ ଗଢ଼ି ସିଏ
ସର୍ବ ଦେବତାଙ୍କ ପ୍ରିୟ ହୋଇଥାନ୍ତି
ତାଙ୍କ ପରି ହେବ କିଏ
ଶିଳ୍ପୀକୁଳେ ଯେତେ ଜନ୍ମ ହୋଇଛନ୍ତି
ସଭିଙ୍କର ଜଣାଶୁଣା ।
ଯାନ୍ତ୍ରିକ ଯୁଗରେ ଯନ୍ତ୍ରୀମାନଙ୍କର
ଆରାଧ୍ୟଦେବତା ସାଜି



ଭାସ୍କର୍ଯ୍ୟ କଳାରୁ ଶିଳ୍ପାୟନ ଯାଏ
ଅଛି ଯେତେ କୀର୍ତ୍ତିରାଜି
ତାଙ୍କ କୃପା ବିନା ସବୁ କାରିଗର
ହୋଇଥାନ୍ତି ବାଟବଣା ।
ଶ୍ରୀକ୍ଷେତ୍ର ଧାମରେ ଶ୍ରୀଜୀଉମାନଙ୍କୁ
ନିର୍ମାଣ କରିଲେ ପ୍ରଭୁ
ଯାହାଙ୍କ ଦର୍ଶନ କରିକି ଭକତ
ଉଦ୍ଧରି ଯାଏ ଏ ଭବୁ
କନ୍ୟା ସଂକ୍ରାନ୍ତିରେ ପୂଜା କରିଥାନ୍ତି
ଭକ୍ତିଭାବେ ମହାରଣା ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

### କୁବୁଜା
**ଡ.ହରିଶ୍ଚନ୍ଦ୍ର ବେହେରା**

ପିଲାଠୁ ବୁଢ଼ା କିଏ ନ ଚିହ୍ନିଛି
ମଥୁରା ନଗ୍ରରେ ।
ସବୁ କଦାକାରରୁ ଉପାଦାନ ଆଣି
ମୋତେ ତିଆରିଛନ୍ତି ଇଶ୍ୱର
ଅନ୍ତଃପୁର ବାସିନୀଙ୍କ ସୁବେଶ ଲାଗି
ବାଛିଛନ୍ତି ମଥୁରା ନରେଶ
କି ଭାଗ୍ୟ ମୋର ।
ରାଜାଙ୍କ ମାଳି ଟାପରା କରେ
ଫୁଲ ପାଇଁ ମୂଲ ମାଗେ
ଜାଣେ ତା' ସିଆଣା ପଣ
ସବୁ ଜାଣେ ।
ଆଡ଼ମ୍ବରରେ ଆୟୋଜିତ
ହେଉଛି ଧେନୁ ଯାତ୍ରା
ପାଟ ପୀତାମ୍ବରି ପିନ୍ଧି ଅଣ୍ଟାରେ
ବଇଁଶୀ ଖୋସି ତମେ ଆସିଲ
କେଉଁ ଅନାଦି କାଳରୁ ତମ ଆସିବାକୁ
ଅନେଇ ଥିଲି କେଜାଣି !
ମୋ ଭିତରେ କିଏ ଜଣେ ଗାଉଥିଲା
'ଚନ୍ଦନ ବେଶ ମୁଁ କରାନ୍ତି ମୋର
ବୋଲୁଛି ମନ
ଚିତ୍ତ କେ ଧରିବ ଯୁବତୀ
ଚାହିଁ ଚନ୍ଦ୍ର ବଦନ'
ଛିଃ କି ଆସ୍ପର୍ଧା ମୋର
କାହିଁ ଷୋଳ ସସ୍ର ଅପରୂପା
କାହିଁ କୁରୂପା କୁବ୍ଜା ।
ମୁଁ ତ ଚାତକୀଟିଏ
ଆକଣ୍ଠ ଜ୍ୟୋସ୍ନାମୟୀ ହେବାକୁ
ଚାହିଁ ରହିଛି ବର୍ଷ ବର୍ଷ
ଭଙ୍ଗାରୁଜା ସମୟ ସେପଟୁ
ଶ୍ୟାମଳ ପାଦର ରୁଣୁଝୁଣୁ ଶୁଣିବାକୁ- -
କାନ ଡେରିଛି କେଉଁ କାଳୁ ।
ଆହା ମୋ ଚିତ୍ତ ଚୋରା ହଟିଆନାଗର
କେଉଁ ଅଙ୍ଗରାଗ ଥିଲା
ମୋ ପାଖରେ ଯେ
ସ୍ୱଭା ସୁନ୍ଦର ତୁମ ଅନିନ୍ଦ୍ୟ ରୂପକୁ
ଆଉ ଟିକେ ମନଲୋଭା କରିବାକୁ !
ମୋ କଦାକାର ସତ୍ତାକୁ
ଆଉଁଷି ଦେଲତ
ସମ୍ଭାଳୁଆ ରୁ ବାହାରି ଆସିଲା
ଚିତ୍ରଡେଣା ପ୍ରଜାପତି
ଗୋଟାପଣେ ସଅଁପିଦେଲି ସିନା
ରାଜଦ୍ରୋହୀ ଆଶଙ୍କାରେ କହିପାରିଲିନି
କେଉଁ କେଉଁ ଜାଗାରେ
ବସାଯାଇଛି ମରଣର ଯନ୍ତା
ନଈ ଟିଏ ପାଲଟି
ଯାଇଥିଲି ଅଜାଣତେ
କେଳି କଦମ୍ବରୁ ବଂଶୀ
ଶୁଭୁଥିଲା ରହି ରହି
ମେଘବର୍ଣ୍ଣ ଶୂନ୍ୟତା ଭିତରୁ
କିଏ ଜଣେ ଚାହୁଁଥିଲା
ବାଙ୍କ ବାଙ୍କ ଚାହାଣିରେ
କଣେଇ କଣେଇ ।
ଅଗୁରୁ ଚନ୍ଦନରେ ବେଶ କରିଦେଲି
କୋଟି କୋଟି ତାରା ଫୁଲେ
ମଣ୍ଡିଦେଲି ତୁମ ପରମାୟୁ ।
ତମକୁ ସଜଡ ସଜଡ
କେଉଁ କୁହୁକ ଥିଲା
ତମ ହାତ ଛୁଆଁରେ
ମୋ କଦାକାର ରୂପକୁ ସଜେଇ ଦେଲ
କୁଟିକମ ତାରକସିରେ
ଦନ୍ତୁଡା ସାହାଡ଼ା ଗଛରୁ
ଉଲ୍ଲେହି ଆସିଲା
ଅପରୂପା ସାହାଡ଼ା ସୁନ୍ଦରୀ
ଭୁରୁ ଭୁରୁ ପଦ୍ମଗନ୍ଧା ହୋଇ ।

+ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୭ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର

# କବିତାମାଳା

## ଜୋତା
### ଶରତ କୁମାର ଦାସ



ଖରା, ବର୍ଷା, ଶୀତ, କାକର ଓ ପବନ ସହ
ନିଃସର୍ତ୍ତ ସାଲିସକରି
ଆଦିମ ଅନ୍ଧାରରେ ଜୀବନ ଜିଇବା
ବୋଧହୁଏ ମୋର ପ୍ରାରବ୍ଧ।

ଖରାକୁ ପିଠିକରି ନିର୍ମିଶେଷ ନୟନରେ
ଇଚ୍ଛାଟିଏ କରିଛି କେବେକେବେ
ଶୋଇଯିବାକୁ କଳା ବାଦଲର
କଅଁଳ କୋଳରେ ।

ମେଘର ମଲାଟରେ ଆଙ୍କିଛି ମୁଁ ଇନ୍ଦ୍ରଧନୁ
ହାତଠାରି ଡାକିଛି ମୁଁ ଆକାଶକୁ
ଭରିଦେବାକୁ ମୋ ଶୃଙ୍ଖଳା ଓଠରେ
ପ୍ରଶାନ୍ତିର ପୀୟୂଷ।

କେତେଥର ଚେଷ୍ଟା ବି କରିଛି ମୁଁ
ଢାଙ୍କିବାକୁ ମୋ ଫୁଙ୍ଗୁଳା ଦିହରେ
ଚୈତ୍ରର ଚିତ୍ରିତ ପଣତ ।

ଫଗୁଣକୁ ମାଗିଛି କୃଷ୍ଣଚୂଡ଼ାର ରଙ୍ଗ
ମାଗିଛି ରାତିକୁ ମୁଁ ଅସରନ୍ତି ନିଦ
ସମୟକୁ ମାଗିଛି ଅମାପ ଧୈର୍ଯ୍ୟ ଓ ସାହାସ।

କିନ୍ତୁ... ହାୟ... !
ମୋ ଜନ୍ମ ଜାତକ ଓ ଗ୍ରହ ନକ୍ଷତ୍ର
ସବୁ ପରା ପୂର୍ବ ନିର୍ଦ୍ଧାରିତ
ଦୂବଘାସର ସ୍ୱପ୍ନ ସହ
ମୋ ସ୍ୱପ୍ନସବୁ ଅନୁବନ୍ଧିତ ପ୍ରାୟ ।

ତଥାପି ହାରିନି ମୁଁ ଯୁଝିବାରେ ଜୀବନ ଯୁଦ୍ଧ
ପଛେଇଯାଇନି ପାଳନକରିବାରେ
ମୋ ନିଜସ୍ୱ ଧର୍ମ ଓ କର୍ମ ।

ଥକିପଡ଼ିନି କେବେ ଅତିକ୍ରମ କରିବାରେ
ବନ,ଗିରି ଓ ଦୁର୍ଗମ ପଥ;
ଠୋ' ଠୋ' ହସିଛି ମୁଁ
ପାହାଡ କାନ୍ଥରେ ଲେଖି
ମୋ ଲୁହଲହୁ ଭର୍ତ୍ତି ବେଦନାର ତିକ୍ତ
ଇତିହାସ।

ଅନ୍ତରଙ୍ଗତାର ରଙ୍ଗମାଖି
ଆପଣାପଣର ସୂତାଖିଅରେ ବାନ୍ଧିରଖିବାର
ଯାଦୁକାରୀ ମନ୍ତ୍ରଟିଏ ଶିଖିଛିବୋଲିତ
ସହିଛି ମୁଁ ହସିହସି ତୁମ ଶରୀର ବୋଝ
ଆଉ ମୁଠାମୁଠା କ୍ଲେଶ ।

ଜାଣିଛି ମୁଁ ମୋ ଭାଗ୍ୟ ଭବିତବ୍ୟ
ପରାଧୀନତାର ଶିକୁଳିରେ ବନ୍ଧା
ମୋ ଆପାଦମସ୍ତକ।

ଚମଡାରୁ ଜାତ ବୋଲି ମୁଁ କ'ଣ ଅଭିଶପ୍ତ ?
ସେଇଥିପାଇଁ କ'ଣ ମନା ମୋତେ
ଘରର ଏରୁଣ୍ଡିବନ୍ଧ,
ଚଉଁରାମୂଳ, ବଡଦେଉଳ, ବାଇଶିପାହାଚ,
ପୁଣି ମହାର୍ଘ ପ୍ରସାଦ ?

ନିଜକୁ ତିଳତିଳ ଦଗ୍ଧ କରିବାରେ
ଟିକେ ଦୁଃଖ ନାହିଁ ମୋର ।
ଦୁଃଖନାହିଁ ମୋର ଭୋଗିବାକୁ
ମୋ ଛିନ୍ନ ଅବୟବ, ରକ୍ତାତ ଅଧର ।

ହେ ଈଶ୍ୱର .....!
ଶେଷ ଇଚ୍ଛା ମୋର ଘେନିବ ନିଶ୍ଚୟ
ମାଟିରେ ମିଶିବା ପୂର୍ବରୁ
ଖୋଜୁଥିବି ହସିହସି ମୁକ୍ତିର
ତମ ଦିବ୍ୟ ପାଦଚିହ୍ନ
ଆଉ ପଢୁଥିବି ନିର୍ବାଣର ସରଳ
ବର୍ଣ୍ଣବୋଧ।

♥ ଅଧାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ମୁଁ
### ପ୍ରିୟନାଥ ପାଣି



ନ ଥାଏ ସର୍ତ୍ତ କି ସନ୍ଧିକ୍ଷଣ
ମୁଁ ହାରୁଥାଏ ନିଜ ପାଖରେ
ଅହଂର ତରବାରୀ ବୁଲଉଥାଏ
ଉଲ୍ଲସିତ ହେଉଥାଏ ସାମାନ୍ୟ ଜିତିବାରେ ସିନା
ହେଲେ ନ ଥାଏ ଭାଗ୍ୟରେ
ରାଜତିଳକ, ରାଜ୍ୟାଭିଷେକ
ଖାଲି ମୁଠା ମୁଠା
ମିଛ ଆଶ୍ୱସ୍ତିରେ ମନ ପୁରାଏ
ପାଦ ବଢାଏ ଖୁବ୍ ଆଗକୁ
ଆଉ ଏକ ମମତ୍ୱର ସାମ୍ରାଜ୍ୟକୁ ।

ଏତେ ସହଜ ନୁହେଁ
ଉତ୍ସର୍ଗ କରିଦେବା ଆତ୍ମସ୍ୱାର୍ଥ
ଜଗତ କଲ୍ୟାଣରେ
ମୋହକୁ ଉଝେଇ ଦେବା
ଭ୍ରାତୃତ୍ୱର ଭରା ନଇରେ
ଆତ୍ମିକ ସୁଖକୁ ଛିଣ୍ଡାଇ ପକାଇଦେବା
ତଥାକଥିତ ସମ୍ପର୍କରେ ।

'ମୁଁ' ଏକ ଅହଂ ସର୍ବସ୍ୱ ବୀଜମନ୍ତ୍ର
'ମୁଁ' ଏକ ଆତ୍ମକୈନ୍ଦ୍ରିକ ସୁଖଦ ଆଳାପ
'ମୁଁ' ଏକ ବିସର୍ଜନହୀନ ଆବାହନ
'ମୁଁ' ଏକ ପତନୋନ୍ମୁଖୀ କୃଷ୍ଣ ଗହ୍ୱର
ଏଇ ଯେମିତି ମୋ ଛାଇ
ମୋ ନିଶ୍ୱାସ ପ୍ରଶ୍ୱାସ
ସେମିତି 'ମୁଁ' ମୋ ସହ ବସେ, ମିଷ୍ଟ ଭାଷେ
ମୋ ଅପ୍ରତିହତ ଆବେଗରେ
ପ୍ରସ୍ଫୁଟିତ ହୋଇ ।

♥ କଦଳିଆ, ବୈଶିଙ୍ଗା,
ମୟୂରଭଞ୍ଜ- ୭୫୭୦୨୮
ମୋ- ୯୯୩୭୧୨୫୧୫୧

## ପ୍ରେମ
### କାଳିକିଙ୍କର



କେବଳ ଶ୍ରମକରେ ଭଗବାନିଆ
ରାତିର ଅନ୍ଧାର
ରୂପସୀ ବେଶ ହୋଇ ତାକୁ ଆଉଁସିଦିଏ
ସେ ଶୋଇପଡ଼େ
ଏବେ ଆଉ କୁକୁଡ଼ା ଭାଡ଼ିରୁ
ସେ ଶଣ୍ଢାଗୁଡା
କୁ-କୁ-କୁ କରୁନାହାନ୍ତି
କାରଣ ତାଙ୍କ ବଂଶ ପ୍ରାୟତ ନିଶ୍ଚିହ୍ନ
ତେବେ ସେ ଉଠିପଡ଼େ ତାକୁ ଉଠାଏ
ମଶାଣି ନିଆଁର ଆଖି
ସତେଜ ଦିଶୁଥିବା ମଣିଷର ଶରୀର
ଶବହେଲାପରେ ଜାଳିଦିଏ
ସେମିତି ମୃତ୍ୟୁ ଭଳି
ମାଲିକର ହିଂସ୍ର ଆଖି ଦୁଇଟି
ଶୋଷକର ଜାଗତିକ
କାମନାର ଭୟରେ ତାକୁ ଉଠେଇ ଦିଏ
ସେ ଦୌଡ଼ ଲଗାଏ
ଶ୍ରମଦେଇ ଦାନ ନେବା ପାଇଁ...

କାରଣ ଶୋଷକ
ଆଜିର ଦୁନିଆଁରେ ନିଜକୁ କହନ୍ତି ଦାନୀ
ପ୍ରତାରକମାନେ ପୁଣ୍ୟବାନ
ଲୁଣ୍ଠନକାରୀ କହନ୍ତି ସଦାଚାରି
ମୂର୍ଖ ମଧ ବୋଲାଇ ହୁଅନ୍ତି ମହାଜ୍ଞାନୀ ।

ଭଗବାନ ବୋଲି ଜନ୍ମହେଲାପରେ
ତା ନାଁ ଦେଇଥିଲେ ବାପମାଆ
ଟେକିଦେଇଥିଲେ
ଭଗବାନଙ୍କ ଉଦ୍ଦେଶ୍ୟରେ
ମିନତୀ କରିଥିଲେ , ହେ କରୁଣାନିଧାନ !
ମୋତେ ତ ଶ୍ରମିକ ମୂଲିଆ କରି ଜୀବନ ସାରା
ଦୁଃଖ ଦେଲ, ଶୋଷଣ କଷଣରେ
ଜିଇଁବାକୁ ଦେଲ,
କିନ୍ତୁ ମୋ ପୁଅର ସେମିତି ହେବନି
କାରଣ ମୁଁ ତା ନାଁ ତୁମ ନାଁରେ ଦେଇ ଦେଇଛି
ତୁମ ନାଁର ଲାଜ ରଖିବ ନିଶ୍ଚୟ ।

ବାପ ମରି ପାଉଁଶ ହୋଇ ମାଟିରେ
ମିଶିଗଲାଣି କେତେକାଳୁ
ଭଗବାନ ହୋଇଯାଇଛି ଭଗବାନିଆ
ଦିନ ମଜୁରିଆ ଶ୍ରମିକ ଭଗବାନିଆ
ମାଲିକର ମାଡ଼ଗାଳି ସେ ଖାଉଛି
ଅଇଁଠା ପତର ଗୋଟାଉଛି
ତାର କଠିନ ଶ୍ରମର ମୂଲ୍ୟକୁ
ମହାଦାନୀ ଭାବି କେତେ ଟଙ୍କା ମାତ୍ର
ତା' ହାତରେ ଗେଂଜିଦେଉଛନ୍ତି
ରାତିର ଦିନର ବଳକା
ସଜ ଅଇଁଠା ଖାଦ୍ୟ କିଛି ସମର୍ପି ଦେଉଛନ୍ତି ।

ଏବେ ସେ ବହୁତ କୃତାର୍ଥ ମଣୁଛି ନିଜକୁ
ନିଜ ଶ୍ରମକୁ,
ତାକୁ ମାଗଣା ସରକାରୀ ଚାଉଳ କିଛି
ମିଳୁଛି
ବେଳେବେଳେ ବୃଦ୍ଧାବସ୍ଥାପାଇଁ ହଜାରେ
ଟଙ୍କାର ଭତ୍ତା ରୋଗ ହେଲେ
ସରକାରୀ ହସ୍ପିଟାଲର ବାରଣ୍ଡାରେ
ଗଡିଗଡି କିଛି ମାଗଣା ଔଷଧ
ମରିଗଲେ ଜଳି ପାଉଁଶ ହେବାପାଇଁ
ଦୁଇହଜାର ଟଙ୍କା
କାରଣ ସେ ଭଗବାନିଆ ଶ୍ରମିକ ଦିନ
ମଜୁରିଆ ।
ସେ ଭଗବାନ ହୋଇପାରିନାହିଁ
ତା' ବାପର ଇଚ୍ଛା ପୂରଣ ହୋଇନି
ଅବଶ୍ୟ ଏବେ ତା'ର
ଭୋଟ୍ ଖଣ୍ଡେ ପାଇଁ ତାକୁ ଦାମ ମିଳୁଛି
ରାସନ କାର୍ଡ,
ଶ୍ରମକାର୍ଡ ଜରିଆରେ ଦାନାପାଣି
ନାଁ କିନ୍ତୁ ବଦଳିନି,
ସେଇ ଭଗବାନିଆ ହୋଇ ବଞ୍ଚିଛି

କାରଣ ସେ ବୁଝିଛି
ଯେମିତି ଭଗବାନଙ୍କର ମୃତ୍ୟୁ ନାହିଁ
ନାଁ ବଦଳେନି
ସେମିତି ଶ୍ରମିକର ମୃତ୍ୟୁନାହିଁ
ନାଁ ବଦଳେନି
ଭଗବାନିଆର ନାଁ ବଦଳେନି ।

♥ ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪, ମୋ-
୮୨୪୯୨୧୬୦୬୭ ।

## ପ୍ରେମ
### ପ୍ରଭାତ କୁମାର ଆଚାର୍ଯ୍ୟ



ପ୍ରେମ କ'ଣ ଆସିଥାଏ
ଋତୁଚକ୍ରର ବର୍ଷ ବନ୍ଧନୀ ରେ
ନା କେବେ ଆସିଯାଏ
ସମୟ ପରିଧିର ବର୍ଦ୍ଧିତ ଅଂଶରେ ?
ବା ଏମିତି ଆସିଯାଏ
ନିର୍ଦ୍ଦିଷ୍ଟ ତିଥି ବା ନିର୍ଘଣ୍ଟ ତାରିଖରେ ?
ପ୍ରେମ ଚିହ୍ନା ଅଚିହ୍ନା ଭିତରେ ଥିବା
ଶୂନ୍ୟ ସ୍ଥାନ ଟିଏ।
କେହି ତାକୁ ଗଣିଥାଏ
ଜ୍ୟୋତିଷ ଶାସ୍ତ୍ରର ଜାତକ ଅଙ୍କରେ
କା ପାଇଁ ବି ମନସ୍ତତ୍ତ୍ୱରେ
କେହିବି କହିଥାଏ
ଶାସ୍ତ୍ରରେ ନଥିବା ଏକ ଭିନ୍ନ ରସାୟନ।
ତଥାପି ପ୍ରେମ ଆସେ
ଶତକଡା ଅଙ୍କ ଶହେରୁ ଶହେରେ
କେବେ ପକ୍ଷୀରାଜ ଘୋଡ଼ା ଚଢ଼ି
ଶୂନ୍ୟ ଆକାଶ ବା ଶୂନ୍ୟ ସମୟରେ
କେବେ ଆସିଯାଏ ବଢ଼ିପାଣି ସୁଅ ତ
ଭଙ୍ଗା ବୋଇତରେ।
କବେ ବି ଆସେ ଝୁମ୍ପୁଡିର
ଛିଣ୍ଡା କନ୍ଥା ଶେଯ ଅନ୍ଧାରରେ,
ଆସେ ବି ସେ କୃଷ୍ଣଚୂଡ଼ାର
ଋତୁଭରା ଫୁଲ ପାଖୁଡ଼ାରେ
କେବେ ପୁଣି
ତେଲେଙ୍ଗା ମାଇପିଙ୍କ
ଗଭାରେ ଝଟକୁ ଥିବା
ଫୁଲର ଝରାରେ।
ପ୍ରେମ ଆସେ ପୁଣି ମା'ର ମମତାରେ
ପଡ଼ି ଉଠି ଚାଲି ଶିଖୁଥିବା
ଶିଶୁଟିର ଦରଦି କଥାରେ,
ସକାଳ ଫୁଲରେ
ଆଷାଢ଼ର ବଉଦ ସମ୍ଭାରରେ
କେକୀର ନୃତ୍ୟରେ
ରିମ୍ ଝିମ୍ ବରଷାରାଣୀର
ପାଉଁଜି ଛନ୍ଦରେ
ହେ ପ୍ରେମ ! ସୃଷ୍ଟିର ଅନନ୍ୟ ଯାଦୁଗର
ତୁମ ଛୁଆଁ ଦେଇଥାଏ ଖାଲି
ଆନନ୍ଦ ହିଁ ଆନନ୍ଦ,
ଆନନ୍ଦ ତ ଈଶ୍ୱର
ତୁମେ ପରମେଶ୍ୱର।

♥ ସଂସ୍କୃତ ଶିକ୍ଷକ, ଭୋଗରାଇ,
ବାଲେଶ୍ୱର

## ଅନ୍ତରଙ୍ଗ ପିଲାଦିନ
### ବୃନ୍ଦାବନ ଦାସ



ସ୍ମୃତିର ଉହକ ଖରାରେ ଭିଜୁଥିବି
ଝୁରୁଥିବି
ଆଉ ଫେରିବନି ପିଲାଦିନ ।

ଦିନେ କୋଇଲି କୁହୁରେ
ବାଟବଣା ହେଉଥିଲା ଚଇତି ବାଆ
ପତ୍ରସବୁ ଗୁଣଗୁଣେଇ ଗାଉଥିଲେ ଗୀତ
ସେଠି ଆଜି
ପରିତ୍ୟକ୍ତ ବନ୍ଧ୍ୟା ଭୂଇଁ
ଗଛ ନାହିଁ ତୋଟା ନାହିଁ ଛାଇ ନାହିଁ
ଆଗ୍ନେୟ ଲାଭାରେ ଜଳୁଛି ଦିହ ।

ରାତି ନପାହୁଣୁ
କଢିସବୁ ନିଦ ମଳମଳ ଆଖିରେ
କାହା ଅପେକ୍ଷାରେ ବସୁଥିଲେ
ସୁରୁଜ ମୁରୁଜ ଢାଳିଲା ବେଳକୁ
ପୋଖରି ଭର୍ତ୍ତି କଇଁଙ୍କ ମୁହଁରେ ଥିଲା ଖାଲି
ଖିଲିଖିଲି ହସ
ଚହଲା ପାଣିରେ
ଚକ୍କର କାଟୁଥିଲେ ଦଳ ଦଳ ମୀନ ।

କେତେବେଳେ ଯେ କଇଁ ଫୁଟି ମଉଳି ଯାଏ
କେତେ ଯେ ଜହ୍ନରାତି ପାହିଯାଏ
ତା'ର ହିସାବ ନାହିଁ କି
ଭୋଗିବାକୁ ବେଳ କାହିଁ !
ଅନବରତ ଦୌଡରେ
ପଛ ରହିଯାଏ ଏତେ ପଛରେ ଯେ
ହାତ ପାଏନାହିଁ ।

ଭୋକଥିଲା ଭିକ ନଥିଲା
ଦେହ ଥିଲା ଭେକ ନଥିଲା
ସବୁଥିଲା ପରି ବୋଉ ଥିଲା ବାପା ଥିଲେ
ଥିଲା ବୋଉର କାନି
ଥିଲା ବାପାଙ୍କ ତାଗିଦ୍
ସାଙ୍ଗମେଳ ବାଟି ଖେଳ ବୋଉଚୋରି
କଙ୍କିଧରା ନିଛାଟିଆ ଖରାବେଳ
ବର ଓହଳ ଦୋଳି, ସବୁ ଥିଲା ଭର୍ତ୍ତି ଭର୍ତ୍ତି ।

ଆଜି କେବଳ ଘୋର୍ ଶୂନ୍ୟତା
ତା' ଭିତରେ
ଅସଂଖ୍ୟ ଅଚିହ୍ନା ଅଚିହ୍ନା ମୁହଁ
ଖୁବ୍ ଘାରେ ବେଶି ବାଧେ
ଲମ୍ବି ଆସୁଥାଏ ଗୋଟେ ଲୋମଶ ହାତ
କ୍ଷତବିକ୍ଷତ କରୁଥାଏ ଦେହ ମନ ହୃଦୟ
ଏତିକି ବେଳେ
କଅଁଳ ଶିଶୁର ଦରୋଟି ହସ ପରି
ମୁହଁ ଦେଖାଏ ପିଲାଦିନ
ଲାଗେ, ଦେହକୁ ଭିଜେଇ ଦେଲାକି ଅସରାଏ
ବର୍ଷା !

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

## ସ୍ତ୍ରୀଲୋକ
### ନମିତା ପାଇକରାୟ



ଏ ସଂସାରରେ ସ୍ତ୍ରୀଲୋକଟିଏ ହେବା
ବିଲକୁଲ ନୁହେଁ ସହଜ
ଯେଉଁ ମାନେ ସ୍ତ୍ରୀଲୋକକୁ
ଧୀକ୍କାରି ଥାଆନ୍ତି
ସେମାନଙ୍କ ମଥାରେ ନଥାଏ ମଗଜ
ସ୍ତ୍ରୀଲୋକ ଟି ସକାଳୁ ସଜ ରନ୍ଧାରେ
ସମସ୍ତଙ୍କ ପେଟ ପୁରାଇଲା ପରେ
ନିଜେ ବାସି ଖାଏ ଖୁସିରେ
ତରକାରୀ ସରିଗଲେ ଦିପହରରେ
ବିନା ଦ୍ୱିଧାରେ ଚଳାଏ ଲୁଣଲଙ୍କାରେ
ଭଲପାଏ ସମସ୍ତଙ୍କୁ ଖୁଆଇବାରେ
ଅନ୍ୟକୁ ଖୁଆଇ ଭୋକ ନାହିଁ ବୋଲି କହେ
ବାଛି ବାଛି ପୋଡ଼ା ରୁଟି ଖାଏ ରାତିରେ
ବାଢ଼ି ଦିଏ ଚଉଦ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ
ସାରା ପରିବାରକୁ ଆନ୍ତରିକତା ସହ
ସଫା ସୁନ୍ଦର ବାସନରେ
ସେମାନେ ଖାଇ ପିଇ ଆନନ୍ଦରେ
ଜିରାରୁ ଶିରା କକ୍ଷଡ଼ନ୍ତି
ହାତ ଚାଟି ଚୁଟି ଖାଇ ସାରିଲା ପରେ
କୁହନ୍ତି କିଛି କିଛି କମ୍ ବେଶୀ ହେଲା
ଯେତେ ସବୁ ସ୍ୱାଦୁ ବ୍ୟଞ୍ଜନରେ
ସେ ସ୍ତ୍ରୀଲୋକ ଟିଏ ତାକୁ ପ୍ରତିକ୍ରିୟା
ଦେବାକୁ ମନା
ସେ ସ୍ତ୍ରୀଲୋକ ଟିଏ ସବୁ ବୁଝି
ତାକୁ ରହିବାକୁ ହୁଏ ଆନମନା
ସେ ବିଲକୁଲ ମନରେ
ମାନ ଅପମାନକୁ ଧରିପାରେନା
ଛାତି ତଳେ ଦୁଃଖ ର ଘର
ଓଠ ତଳେ ହସର ଜୁଆର
ମା' କାନେ କାନେ କହିଛି
ଐଶ୍ୱର୍ଯ୍ୟର ସ୍ୱର୍ଗ ପରା ଶାଶୁଘର
ତେଣୁ ପ୍ରତି ସ୍ତ୍ରୀଲୋକ କୋଳେଇ
ଧରେ ଶ୍ୱଶୁର ଘର
ସାରା ଜୀବନ ସେ କର୍ତ୍ତବ୍ୟ କରେ
ନିଜକୁ ତୁଳନା କରି ପାରେନା କାହା ସାଙ୍ଗରେ
ଅଧିକାର ଅଛି କି ନାହିଁ ଜାଣି ପାରେନା
ମନରେ
ଭାରି ନରମ ହୃଦୟରେ
ସ୍ତ୍ରୀଲୋକ ସବୁ ସହି ଥାଏ
ବାପଘର ଶାଶୁଘର ସମସ୍ତଙ୍କୁ
ଅପଣାର କହେ
ସ୍ୱପ୍ନକୁ ସଜାଉ ଥାଏ ପଲକରେ
ଜୀବନକୁ ସଜାଡୁ ଥାଏ
ଭୟ ସହ ନିର୍ଭୟରେ
ଅନ୍ତହୀନ ପ୍ରତିକ୍ଷା କେବଳ ସ୍ତ୍ରୀଲୋକ ହିଁ
କରିପାରେ
ସାଧୁସନ୍ଥଙ୍କ ଭାଷାରେ ଅନେକ
ତପସ୍ୟା ପରେ
ସ୍ତ୍ରୀଲୋକ ଜନ୍ମ ନିଏ ଚଉରାଶି ଜନ୍ମ ପରେ
ପରିବାରର ସେବା କେବଳ ସ୍ତ୍ରୀଲୋକ ହିଁ
ପୂର୍ଣ ପ୍ରାଣରେ କରିପାରେ
ପୁରୁଷ କହି ପାରେନା
ଲୁଚାଇ ରଖେ ଡରକୁ ମନ ଭିତରେ
ସ୍ତ୍ରୀଲୋକର ଜନ୍ମକୁ ପ୍ରତି ପୁରୁଷ ଭୟ କରେ
ଦୁର୍ଲଭ ସ୍ତ୍ରୀଲୋକ ଜନ୍ମ କେବେ
ମିଳେନି ସହଜରେ ।

♥ ନିଳାଦ୍ରୀବିହାର, ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬

## କ୍ଷମତା !
### ରାଧାଶ୍ୟାମ ରାଉଳ



କ୍ଷମତା ହାସଲ ପାଇଁ କେତେ କ'ଣ ଚାଲେ;
ମିଛିମିଛିକା ସମ୍ପର୍କରୁ ସତସତିକା ସନ୍ତ୍ରାସ !
ଝିମିଟି ଖେଳରୁ ସମ୍ପୂର୍ଣ୍ଣ ମହାଭାରତ !

ଯେଉଁମାନଙ୍କ ହାତରେ କ୍ଷମତା ଅଛି,
ସେମାନେ ଭଲଭାବରେ ଜାଣିଛନ୍ତି;
କେମିତି ପ୍ରୟୋଗ କରିବାକୁ ହୁଏ କ୍ଷମତା !

ତେବେ ପ୍ରଶ୍ନ;
କ୍ଷମତା ବଦଳାଉଛି ବ୍ୟବସ୍ଥାକୁ
ନା ବ୍ୟବସ୍ଥା ସହିଚାଲିଛି,
କ୍ଷମତାର ଅଦଉତିକୁ ?

ଇତିହାସ ସାକ୍ଷୀ ଅଛି,
ଯେଉଁଠି କ୍ଷମତାକୁ ନେଇ, କନ୍ଦଳ ଉପୁଜିଛି,
ସେଇଠି ପରିବର୍ତ୍ତନର ଆହ୍ୱାନରେ
ସଭ୍ୟତା /ସାମ୍ରାଜ୍ୟ ବଦଳିଛି !

ଆଇନକାନୁନର କମାଣ ଭିତରେ
କ୍ଷମତାକୁ ବିସ୍ଫୋରକ ପଦାର୍ଥ ଭାବରେ
ବ୍ୟବହାର କରାଯାଉଛି ଯେଉଁଠି,
ସେଠାରେ ଅପରାଧ, ଦୁର୍ନୀତିର
ଗୋଲାବର୍ଷଣ ଭିତରେ,
ଅସହାୟ ଗରିବ ଜନତା,
ନିଜନିଜର ପରିଚୟ ବିନା,
ପ୍ରତ୍ୟହ ପୋକମାଛି ପରି ମରିବା ହିଁ ସତ୍ୟ !

ଆଉ କ୍ଷମତାର ଦୁରୁପଯୋଗ
କରିଚାଲିଥିବା କ୍ଷମତାଧାରୀମାନେ,
ସେମିତି ଦୃପ୍ତଠାଣିରେ ସଂଳାପ କହୁଥିବେ;
'ହେ ପ୍ରିୟ ଦେଶବାସୀ,
ଗଣତନ୍ତ୍ର ଶାସନରେ,
ସବୁକିଛି ତ ଠିକଠାକ୍ ଚାଲିଛି,
ପ୍ରଗତିପଥରେ ବି ଆମ ଦେଶ
ଦ୍ରୁତ ଆଗେଇଚାଲିଛି !!

♥ 'ଇନ୍ଦ୍ରଧନୁ', ୧୦/ବି,ବୀମାବିହର
ମର୍କତନଗର,ସେକ୍ଟର:୬
କଟକ- ୭୫୩୦୧୪
ମୋ: ୯୪୩୭୦୯୦୯୮୫

## ଚିଲିକା
### ଡ଼. ଭରତ ଚନ୍ଦ୍ର ଦାଶ



ରହ ରହ କ୍ଷଣେ ହେ ବିଦ୍ୟୁତ ଯାନ,
ଚିଲିକାର ଶୋଭା ଦେଖିବାକୁ ମନ ।
କିପରି ଦେଖିଲେ କବି ରାଧାନାଥ,
ଲେଖିଲେ କବିତା ସଂସାରେ ବିଖ୍ୟାତ ।

ତୁମ ପ୍ରେମେ ପଡ଼ି ଗୋପବନ୍ଧୁ ଦାସ,
ଶୋଭାଦେଖି ପ୍ରାଣ ହୋଇଲା ସନ୍ତୋଷ ।
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ,
ଚିଲିକାରେ ରୂପ ହୋଇଲା ବର୍ଣ୍ଣନ ।

ଭାଲେରି ଶିଖରେ ଏବେ ସଂଧ୍ୟା ତାରା ,
କବି ପ୍ରାଣେ ତାହା ସଦା ଅପାଶୋରା ।
ମୀନଜୀବୀ ନାବେ ଜଳୁନି ମଶାଲ,
ବିଦ୍ୟୁତ୍‌ରେ ଏବେ ହୁଏ ଝଲମଲ ।

କବିସୂର୍ଯ୍ୟଙ୍କର ଦିବ୍ୟ ଚମ୍ପୁ ଗୀତାମୃତ ,
ମତ୍ସ୍ୟଜୀବୀ କଣ୍ଠେ ହେଲାଣି ସେ ମୃତ ।

♥ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ମୋ: ୮୯୮୪୪୩୯୧୬୬

## ବିଜନ ବେଳାରେ
### ପ୍ରଦ୍ୟୁମ୍ନ ପଟ୍ଟନାୟକ



ବିଜନ ବେଳାରେ
ନିଶି ଅଭିସାରେ
ହଜିଗଲା ପାଦ ନୂପୁର
ନୀଳ ବୀଚିମାଳା
ଧୋଇ ନେଇ ଗଲା
ଗଢିଥିବା ପ୍ରୀତି ମନ୍ଦିର ।

ଲାଜୁକି ଅଧରେ
ଆଙ୍କିଥିଲ ଯେଉଁ
ଅନୁରାଗ ଭରା ଛବି
ସେ ଛବିରେ ରଙ୍ଗ
ଭରିବା ଆଗରୁ
ଅସ୍ତ ହେଲା ପ୍ରେମ ରବି
ଲିଭାଇବି କୁହ
ଏ ମନୁ କେମିତି
ପ୍ରଥମ ପ୍ରେମର ସ୍ୱାକ୍ଷର ।

ଏ ଦେହ ଭୁଲିନି
ସେ ଦେହର ଛୁଆଁ
ମନ ମନ ଦିଆ ନିଆ
ଚୁପି ଚୁପି କଥା
ଏବେବି ଶୁଭୁଛି
ଶୁଣି ଦେଲେ ତୁମ ନାଆଁ
ଲଭିଲାଣି ସେଠୁ
ଆମ ପାଦ ଚିହ୍ନ
ତଥାପି ପଚାରେ ସାଗର ।

♥ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ
ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଦୁନିଆର ବାସ୍ତୁକାର, ଭଗବାନ ବିଶ୍ୱକର୍ମା



ଗୋପାଳ ମହାପାତ୍ର

ଭଗବାନ ବିଶ୍ୱକର୍ମାଙ୍କୁ ଦୁନିଆର ସର୍ବପ୍ରଥମ ଇଞ୍ଜିନିୟର ଏବଂ ବାସ୍ତୁକାର ବୋଲି କୁହାଯାଇଥାଏ। ବ୍ରହ୍ମାଣ୍ଡର ରଚୟିତା ବିଶ୍ୱକର୍ମାଙ୍କ ଜନ୍ମ ଦିବସକୁ ବିଶ୍ୱକର୍ମା ଜୟନ୍ତୀ ବା ବିଶ୍ୱକର୍ମା ପୂଜା ଭାବେ ପାଳନ କରାଯାଇଥାଏ। ଭାରତର ବିଭିନ୍ନ ରାଜ୍ୟରେ ଏହି ଜୟନ୍ତୀ ବା ପୂଜା କିନ୍ତୁ ଭିନ୍ନ ଭିନ୍ନ ତିଥିରେ ପାଳନ କରାଯାଇଥାଏ। ଭାରତର ଉତ୍ତର ତଥା ପଶ୍ଚିମାଞ୍ଚଳରେ ମାଘ ମାସ ଶୁକ୍ଳପକ୍ଷ ତ୍ରୟୋଦର୍ଶୀ ତିଥିରେ ବିଶ୍ୱକର୍ମାଙ୍କର ଜୟନ୍ତି ପାଳନ କରାଯାଇଥାଏ। ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ଏହି ତିଥିରେ ମଧ ବିଶ୍ୱକର୍ମାଙ୍କ ଜୟନ୍ତୀ ପାଳନ କରାଯାଏ। କିନ୍ତୁ ପୂର୍ବ ଭାରତ ବା ଝାଡଖଣ୍ଡ, ପଶ୍ଚିମବଂଗ, ଓଡ଼ିଶା, ତ୍ରିପୁରା ଆଦି ରାଜ୍ୟରେ ଭାଦ୍ରବ ମାସର ଅନ୍ତିମ ତିଥିରେ ବିଶ୍ୱକର୍ମାଙ୍କ ପୂଜା କରାଯାଏ। ପୌରାଣିକ ତଥ୍ୟ ଅନୁସାରେ ବ୍ରହ୍ମାଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱକର୍ମା ବିଶ୍ୱ ବ୍ରହ୍ମାଣ୍ଡର ନିର୍ମାଣ କରିଥିଲେ, ପୁରାଣ ଅନୁସାରେ ବ୍ରହ୍ମାଙ୍କ ସପ୍ତମ ପୁତ୍ର ହେଉଛନ୍ତି ବିଶ୍ୱକର୍ମା। କିନ୍ତୁ ବିଶ୍ୱକର୍ମାଙ୍କ ଉତ୍ପତ୍ତି ପ୍ରସଙ୍ଗରେ ଅନେକ ଭିନ୍ନ କଥା ରହିଛି। ସୃଷ୍ଟିର ପ୍ରାରମ୍ଭରେ ଯେତେବେଳେ ସର୍ବପ୍ରଥମେ ଭଗବାନ୍ ବିଷ୍ଣୁ କ୍ଷୀର ସାଗରରେ ଶେଷ (ସାପ ଉପରେ ଶୋଇଥିବା ଅବସ୍ଥାରେ)ରେ ପ୍ରକଟ ହୋଇ ଥିଲେ ତାଙ୍କ୍ ନାଭି କମଳରୁ ବ୍ରହ୍ମା ଦୃଷ୍ଟି ଗୋଚର ହୋଇଥିଲେ। ବ୍ରହ୍ମାଙ୍କ ପୁତ୍ର ଧର୍ମ ଏବଂ ଧର୍ମଙ୍କ ପୁତ୍ର ବାସ୍ତୁଦେବ ଜନ୍ମ ନେଇଥିଲେ। ବାସ୍ତୁଦେବଙ୍କ ଅଙ୍ଗିସ୍ତି ନାମକ ପତ୍ନୀଙ୍କ ଔରସରୁ ବିଶ୍ୱକର୍ମା ଜନ୍ମ ନେଇଥିଲେ। ପିତା ବାସ୍ତୁ ଦେବଙ୍କ ଭଳି ବିଶ୍ୱକର୍ମା ବାସ୍ତୁକଳାରେ ଅଦ୍ୱିତୀୟ ଥିଲେ।

ଧର୍ମଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ବା ଅବତାର ବିଶୟରେ ବର୍ଣ୍ଣନା ରହିଛି। ପ୍ରଥମ ସ୍ୱରୂପ ହେଉଛି ବିରାଟ ବିଶ୍ୱକର୍ମା, ଏହାଙ୍କୁ ସୃଷ୍ଟିର ରୂପ-ଆକାର ଦେଉଥିବା ଦେବତା କୁହାଯାଏ। ଦ୍ୱିତୀୟ ସ୍ୱରୂପ ହେଉଛି ଧର୍ମବଂଶୀ ବିଶ୍ୱକର୍ମା। ଏହି ଅବତାରକୁ ମହାନ ଶିଳ୍ପକାର, ବିଜ୍ଞାନ ବିଧାତା ପ୍ରଭାତଙ୍କ ପୁତ୍ର ବୋଲି କୁହାଯାଏ। ତୃତୀୟ ସ୍ୱରୂପ ବା ଅବତାର ଅଙ୍ଗିରାବଂଶୀ ବିଶ୍ୱକର୍ମ। ଏହାକୁ ବିଜ୍ଞାନ- ବ୍ୟାଖ୍ୟାକର ବସୁଙ୍କ ପୁତ୍ର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ଚତୁର୍ଥ ସ୍ୱରୂପଙ୍କୁ ସୁଧନ୍ୱା ବିଶ୍ୱକର୍ମା। ଏହି ଅବତାରଙ୍କୁ ମହାନ ଶିଳ୍ପାଚାର୍ଯ୍ୟ ଋଷି ଅଥର୍ବିଙ୍କ ପୁତ୍ର ଏବଂ ପଞ୍ଚମ ସ୍ୱରୂପଙ୍କୁ ଭୃଗୁବଂଶୀ ବିଶ୍ୱକର୍ମା କୁହାଯାଏ ଯାହାଙ୍କୁ ଶୁକ୍ରାଚାର୍ଯ୍ୟଙ୍କର ପୌତ୍ର ବା ନାତି ରୂପରେ ବର୍ଣ୍ଣନା କରାଯାଇଛି। ଭଗବାନ ବିଶ୍ୱକର୍ମାଙ୍କର ଅନେକ ରୂପ ଯଥା- ଦୁଇ ବାହୁ, ଚାରିବାହୁ, ଦଶବାହୁ ରହିଥିବା କଥା ଭିନ୍ନ ଭିନ୍ନ ଧର୍ମଗ୍ରନ୍ଥରେ ଉଲ୍ଲେଖ ଥିବାବେଳେ ଏକମୁଖ, ଚାରିମୁଖ ଏବଂ ଦଶ ମୁଖର ବର୍ଣ୍ଣନା ମଧ ରହିଛି। ବିଶ୍ୱକର୍ମାଙ୍କ ବଂଶାବଳୀ ବାବଦରେ ମଧ ଧର୍ମଗ୍ରନ୍ଥ ମାନଙ୍କରେ ଯାହା ବର୍ଣ୍ଣିତ ଅଛି ତାହା ହେଉଛି ତାଙ୍କର ୫ପୁତ୍ର ଯଥା- ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଏବଂ ଦୈବଜ୍ଞ ଥିଲେ, ଏମାନେ ସମସ୍ତେ ଶିଳ୍ପ ଶାସ୍ତ୍ରରେ ନିପୁଣ ଥିଲେ। ମନୁ ସାନଗ ଗୋତ୍ରୀୟ ଥିଲେ। ଏହାଙ୍କୁ ଲୌହ କର୍ମର ଅଧିଷ୍ଠାତା କୁହାଯାଏ। ମୟ ସନାତନ ଗୋତ୍ରର ଥିଲେ ଓ ମୟ କୁଶଳ କାଷ୍ଠ ଶିଳ୍ପୀ ଥିଲେ। ଅହମନ ଗୋତ୍ରୀୟ ଥିଲେ ତ୍ୱଷ୍ଟା ଯାହାଙ୍କୁ କାଂସ୍ୟ ଓ ତମ୍ବା ଧାତୁର ଆବିଷ୍କାରକ ଭାବେ ବର୍ଣ୍ଣନା କରାଯାଇଛି। ବିଶ୍ୱକର୍ମାଙ୍କ ଚତୁର୍ଥ ପୁତ୍ର ଶୀଳ୍ପୀ ପ୍ରଯତ୍ନ ଗୋତ୍ରର ଥିଲେ ଓ ମୂର୍ତ୍ତୀକାର ଭାବେ ଖ୍ୟାତ ଥିଲେ। ପଞ୍ଚମପୁତ୍ର ଦୈବଜ୍ଞ ସୁବର୍ଣ୍ଣ ଗୋତ୍ରୀୟ ଏବଂ ସ୍ୱର୍ଣ୍ଣକାର ଭାବେ ବର୍ଣ୍ଣିତ। ବୈଦିକ ଦେବତା ବିଶ୍ୱକର୍ମାଙ୍କୁ ଜଗତର ସୁତ୍ରଧର ବୋଲି କୁହାଯାଏ – "ଦୈବୈ ସୈ। ସୁତ୍ରଧାର :- ଜଗଦାଖିଳ ହିତ ଧାୟତେ ସର୍ବ ସର୍ତ୍ତେ।"

ଋଗ୍ ବେଦରେ ବିଶ୍ୱକର୍ମାଙ୍କ ପ୍ରସଙ୍ଗରେ ମଧ ଉଲ୍ଲେଖ ରହିଛି।



ଋଗ୍‌ବେଦରେ ବିଶ୍ୱକର୍ମାଙ୍କୁ ଋଷି ଭାବେ ବର୍ଣ୍ଣନା କରାଯାଇଛି। ଋଗ୍ ବେଦରେ ଯେଉଁ ୧୪ ଋଚ୍‌ର ସୁକ୍ତ ରହିଛି ସେଥିରେ ବିଶ୍ୱକର୍ମା ଅଛନ୍ତି। କିନ୍ତୁ ମହାଭାରତ ସମେତ ସବୁ ପୁରାଣ ପ୍ରଭାତ ପୁତ୍ର ବିଶ୍ୱକର୍ମାଙ୍କୁ ଆଦି ବିଶ୍ୱକର୍ମା ବୋଲି ଉଲ୍ଲେଖ କରିଛନ୍ତି। ସ୍କନ୍ଦ ପୁରାଣର ପ୍ରଭାତ ଖଣ୍ଡରେ ଉଲ୍ଲେଖ ଅଛି –

"ବୃହସ୍ୱତେ ଭଗିନୀ ଭୁବନା ବ୍ରହ୍ମବାଦିନୀ।
ପ୍ରଭାସସ୍ୟ ତସ୍ୟ ଭାର୍ଯ୍ୟା ବସୁନାମ ମଷ୍ଟ ମସ୍ୟ ଚ।
ବିଶ୍ୱକର୍ମା ସୁତସ୍ତସ୍ୟ ଶିଳ୍ପ କର୍ତ୍ତା ପ୍ରଜାପତି।"

ମହାଭାରତରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ବିଶ୍ୱକର୍ମାଙ୍କ ପୂଜା ବାବଦରେ ଉଲ୍ଲେଖ ଅଛି। ଅନେକ ଶାସ୍ତ୍ରରେ ମାଘମାସର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ବିଶ୍ୱକର୍ମାଙ୍କ ପୂଜାର ବିଧାନ ରହିଛି। ବିଶ୍ୱକର୍ମାଙ୍କ ଜୟନ୍ତୀ ବାବଦରେ ଯେଉଁ ଭିନ୍ନ ଭିନ୍ନ କଥା ରହିଛି ତାହା ଭ୍ରମ ନୁହେଁ। ଶାସ୍ତ୍ର ଅନୁସାରେ ପ୍ରଭାସ ପୁତ୍ର ବିଶ୍ୱକର୍ମା, ଭୁବନପୁତ୍ର ବିଶ୍ୱକର୍ମା ତଥା ତ୍ୟଷ୍ଟାପୁତ୍ର ବିଶ୍ୱକର୍ମା ଆଦି ଅନେକ ବିଶ୍ୱକର୍ମା ରହିଛନ୍ତି।

କିନ୍ତୁ ସବୁ ପରେ ଶାସ୍ତ୍ରରେ ଏକଥା ଉଲ୍ଲେଖ ରହିଛି ଯେ ବିବାହ, ଯଜ୍ଞ, ଗୃହପ୍ରବେଶ ଆଦି କାର୍ଯ୍ୟରେ ବିଶ୍ୱକର୍ମାଙ୍କ ପୂଜା କରାଯିବା ଉଚିତ୍। ଏହି ପୂଜା କଲ୍ୟାଣକାରୀ କିନ୍ତୁ ଏବେ ଶିଳ୍ପୀ, କାରିଗର, ଶ୍ରମିକ ଏବଂ ଶିଳ୍ପସଂସ୍ଥା ମାନେ ଭଗବାନ ବିଶ୍ୱକର୍ମାଙ୍କ ପୂଜା କରୁଛନ୍ତି। ପୌରାଣିକ ତଥ୍ୟ ଅନୁସାରେ ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ରାବଣର ସ୍ୱର୍ଣ୍ଣଲଙ୍କା, ଭଗବାନ ଶ୍ରୀକୃଷ୍ଣଙ୍କ ସମୁଦ୍ର ନଗରୀ ଦ୍ୱାରକା, ପାଣ୍ଡବଙ୍କ ରାଜଧାନୀ ହସ୍ତିନାପୁରର ନିର୍ମାଣ କରିଥିଲେ ବିଶ୍ୱକର୍ମା। ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି ଯେ ଶିଳ୍ପ କୌଶଳରେ ଉନ୍ନତ ତଥା ଅପ୍ରମିତ ମନ୍ଦିର ପୁରୀର ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ଅନୁପମ ଶିଳ୍ପ ରଚନାରେ ମୁଗ୍ଧ ହୋଇ ଭଗବାନ ବିଷ୍ଣୁ ବିଶ୍ୱକର୍ମୀଙ୍କୁ ଶିଳ୍ପାବତାର ଭାବେ ସମ୍ମାନୀତ କରିଥିଲେ।

ଯେତେବେଳେ ସୂର୍ଯ୍ୟ ସିଂହରାଷିରୁ ଯାଇ କନ୍ୟାରାଷିରେ ପ୍ରବେଶ କରନ୍ତି ସେହି ଦିନଟି ଶିଳ୍ପ ସଂସ୍ଥା, କଳାକାର, ଶ୍ରମିକ, ଇଞ୍ଜିନିୟର ଆଦିଙ୍କ ପାଇଁ ଅଧିକ ମହତ୍ୱ ପୂର୍ଣ୍ଣ ଓ ସେହି ଦିନ ବିଶ୍ୱକର୍ମା ଜୟନ୍ତୀ ବା ପୂଜା ପାଳନ କରାଯାଇଥାଏ। ଭାରତର ପଡ଼ୋଶୀ ଦେଶ ନେପାଳରେ ମଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୁଏ। ମାନ୍ୟତା ରହିଛି ଯେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ବିନା କୌଣସି ବୈଶୟିକ ଜ୍ଞାନ କୌଶଳର କାର୍ଯ୍ୟ ଆରମ୍ଭ କରାଯାଏ ନାହିଁ। ସେହି କାରଣରୁ ହିଁ ଶିଳ୍ପ ସଂସ୍ଥା ମାନଙ୍କରେ କନ୍ୟା ସଂକ୍ରାନ୍ତ ଦିନ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରାଯାଏ। ବିଶେଷ କରି ବ୍ୟବସାୟରେ ସଫଳତା ପାଇଁ ଏହି ପୂଜା କରାଯାଏ। ବିଶ୍ୱକର୍ମାଙ୍କୁ ପ୍ରସନ୍ନ କରିବା ପାଇଁ ତାଙ୍କ ଧ୍ୟାନ କରିବାସହ "ଓମ୍ ଆଧାର ଶକ୍ତୟେ ନମଃ, ଓମ୍ କୁମାୟି ନମଃ, ଓଁ ଅନନ୍ତମ୍ ନମଃ, ପୃଥିବୈ ନମଃ ମନ୍ତ୍ରକୁ ୧୧, ୨୧, ୫୧ ବା ୧୦୮ ଥର ଜପ କରିବା ଆବଶ୍ୟକ। ଏଭଳି ମନ୍ତ୍ରକୁ ଜପ କଲେ ବିଶ୍ୱକର୍ମା ଭଗବାନ କୃପା କରିଥାନ୍ତି। ସମସ୍ତ ପ୍ରାଚୀନ ଗ୍ରନ୍ଥ, ଉପନିଷଦ ଏବଂ ପୁରାଣ ଆଦିରେ ବିଶ୍ୱକର୍ମାଙ୍କ ଗାଥା ବର୍ଣ୍ଣନା କରାଯାଇଛି। ତାଙ୍କର ବିଶେଷ ଜ୍ଞାନ ଏବଂ ବିଜ୍ଞାନ କାରଣରୁ ସେ କେବଳ ମନୁଷ୍ୟ ନୁହେଁ ଅପିତୁ ଗନ୍ଧର୍ବ ମାନଙ୍କ ଦ୍ୱାରା ପୂଜିତ ଏବଂ ବନ୍ଦିତ ମଧ। ବିଶ୍ୱକର୍ମା ବୈଦିକ ଦେବତା ଭାବେ ମାନ୍ୟ କିନ୍ତୁ ତାଙ୍କର ପୌରାଣିକ ସ୍ୱରୂପ ଭିନ୍ନ ବୋଲି ପ୍ରତୀତ ହୁଏ। ସୃଷ୍ଟିର ପ୍ରାରମ୍ଭ କାଳରୁ ବିଶ୍ୱକର୍ମାଙ୍କ ପ୍ରତି ଦେବ, ଗନ୍ଧର୍ବ ଓ ମାନବ ସମାଜର ସମ୍ମାନ ରହିଛି। ତାଙ୍କୁ ଗୃହସ୍ଥ ଭଳି ସଂସ୍ଥା ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧାର ନିର୍ମାତା ଏବଂ ପ୍ରବର୍ତ୍ତକ ବୋଲି ମଧ କୁହାଯାଇଥାଏ। ସୃଷ୍ଟିର ସର୍ଜନାର ନିର୍ମାଣ କଳାର ସେ ହେଉଛନ୍ତି ପ୍ରଥମ ସୂତ୍ରଧର। କେତେକ ଧର୍ମଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ସ୍ୱାୟମ୍ଭୁବ ମନୁ (ଆଦିମନୁ) କାଳରୁ ଷଷ୍ଠ ମନ୍ୱନ୍ତର (ଚାକ୍ଷୁଷ) କାଳ ପର୍ଯ୍ୟନ୍ତ ସାରା ବ୍ରହ୍ମାଣ୍ଡ ବିଶ୍ୱକର୍ମା ମୟ ଥିଲା। ଏହାକୁ ଆଦିକାଳ ମଧ କୁହାଯାଏ। ପୁରାଣ ଏବଂ ଲୋକକଥା ଅନୁସାରେ ଅତିବିଶିଷ୍ଟ ନିର୍ମାଣ କାର୍ଯ୍ୟର ଶ୍ରେୟ ବିଶ୍ୱକର୍ମାଙ୍କୁ ଦିଆଯାଇଥାଏ। ଏକ ଐତିହାସିକ ତଥ୍ୟ ଅନୁସାରେ ବିଶ୍ୱକର୍ମା ପୂଜାର ସ୍ୱରୂପ ଅତି ପୁରୁଣା ନୁହେଁ। ଏହାର ପ୍ରଚଳନ ସମ୍ଭବତଃ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଆସିବା ପରଠାରୁ ହୋଇଛି ଯାହା ଉପରେ ଅଧିକ ଗବେଷଣା କରାଯିବାର ଆବଶ୍ୟକତା ରହିଛି।

+ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ

ଡ଼ଃ.ଅରୁନ୍ଧତୀ ଦେବୀ





ଜଗନ୍ନାଥ : ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ। ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଞ୍ଚ ଥିଲେ। ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇ ସର୍ତ୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ। ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବେ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି। ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି। ଗୁଣ୍ଡିଚାରାଣୀଙ୍କ ଅନୁରୋଦରୁ ଦ୍ୱାର ଉନ୍ମୁକ୍ତ କରାଗଲା। ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି। ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି। ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ। ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା।

ଲକ୍ଷ୍ମୀଙ୍କ ଗୃହ : ଲକ୍ଷ୍ମୀ ପୁରାଣରୁ ମଧ ଜଣଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟାଚଣ୍ଡାଲୁଣୀ ଘରକୁ ଜଗତ ଜନନୀ ମା'ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ।

ସୁଦାମା : ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ। ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ। ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର। ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି। ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ।

ଦେବାଦେବୀଙ୍କ ବ୍ୟବହାର୍ଯ୍ୟ : ବସ୍ତୁ : ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ। ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା।

ସୂର୍ଯ୍ୟ କିରଣ ସୃଷ୍ଟି : ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି। ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ ଦେଖିବାକୁ ମିଳେ। ବିଶ୍ୱକର୍ମାଙ୍କୁ କମ୍ବାସୁତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ। ହଂସ ଉପରେ ଆରୁଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ। ବିଶ୍ୱର ସର୍ବପ୍ରଥମ ଟେକ୍‌ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ। ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ। ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି। ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ,
କଟକ,
ମୋ: ୯୯୩୭୧୭୨୮୧୦

# ବାନର ହେଲେ ବିଶ୍ୱକର୍ମା



ସୁଧାଂଶୁ ଶେଖର ଦ୍ୱିବେଦୀ

ଥରେ ଋଷି ଋତୁଧ୍ୱଜ ବିଶ୍ୱକର୍ମାଙ୍କ ଉପରେ କ୍ରୋଧିତ ହୋଇ ବାନର ହୋଇଯିବାକୁ ଅଭିଶାପ ଦେଲେ। ବିଶ୍ୱକର୍ମା ତୁରନ୍ତ ବାନର ରୂପରେ ପରିବର୍ତ୍ତିତ ହୋଇଗଲେ।ତାପରେ ସେ ମେରୁ ପର୍ବତ ନିକଟରେ ବହି ଯାଇଥିବା ସାଲୁକିନି ନଦୀ ନିକଟବର୍ତ୍ତୀ ଜଙ୍ଗଲରେ ରହିଲେ।

ଦିନେ ସେ ଦେଖିଲେ ଯକ୍ଷ ନିଜ କନ୍ୟା ନନ୍ଦୟନ୍ତୀ ସହ ଆସୁଛନ୍ତି। ଦୁହିଙ୍କୁ ଦେଖିବା କ୍ଷଣି ବାନର ମସ୍ତିଷ୍କରେ ସାଇତାନ ବୁଦ୍ଧି ଜାଗ୍ରତ ହେଲା। ନନ୍ଦୟନ୍ତୀଙ୍କ ନିକଟକୁ ଦାନ୍ତ କଟ୍ କଟ୍ କରି ଦୌଡ଼ିଲା।ନନ୍ଦ ୟନ୍ତି ବାନରର ଉଗ୍ର ରୂପ ଦେଖି ଭୟଭୀତ ଅବସ୍ଥାରେ ନଦୀକୁ କୁଦି ପଡିଲା।ପରେ ପରେ ନଦୀ ଧାରାରେ ଦୂର ସ୍ଥାନକୁ ବହିଗଲା। ତାକୁ ଯେତେବେଳେ ହୋଶ ଆସିଲା ନଦୀ କୂଳରେ ନିଜକୁ ଠାବ କଲା। ସେଠାରୁ ସେ ଉଠି ନିକଟସ୍ଥ ବଟବୃକ୍ଷ ତଳେ ବସି କାନ୍ଦି କାନ୍ଦି କହି ହେଲା-ଭାଗ୍ୟର ଲୀଳା କେଡେ ବିଚିତ୍ର! ମୋତେ ରାଜରାଣୀ ହେବାର ବରଦାନ ମିଳିଥିଲା ହେଲେ ଆଜି ଏ ଦୁର୍ଦ୍ଦଶା! ତତକ୍ଷଣାତ୍ ବଟବୃକ୍ଷ ଉପରୁ କଣ୍ଠସ୍ୱର ଶୁଭିଲା-ମୋତେ ରକ୍ଷାକର! କେହି କଣ ନାହାନ୍ତି ମୁଁ ଏ ବଟବୃକ୍ଷରେ ବନ୍ଧନ ଅବସ୍ଥାରେ ଅଛି ବୋଲି ଋଷି ଋତୁଧ୍ୱଜଙ୍କୁ ଖବର ଦେଇପାରିବ? କଣ୍ଠସ୍ୱର ଶୁଣି ନନ୍ଦୟନ୍ତୀ ବିଚଳିତ ହୋଇ ଏପଟ ସେପଟ ଦେଖି ବାକୁ ଲାଗିଲା।କାହାର ଏ କଣ୍ଠସ୍ୱର ସେ କିଛି ବୁଝିପାରୁ ନଥାଏ। ପୁଣିଥରେ ସେଇ କଣ୍ଠସ୍ୱର ଶୁଭିଲା-ମୁଁ ଋଷିଧ୍ୱଜଙ୍କ ପୁତ୍ର ଜାବାଳି। ବଟବୃକ୍ଷ ଶିଖରରେ ବନ୍ଧନ ଅବସ୍ଥାରେ ଅଛି।ନନ୍ଦୟନ୍ତୀ ବଟବୃକ୍ଷ ଉପରକୁ ଚାହିଁଲା। ବୃକ୍ଷର ଜଟାରେ ଜଣେ ବାଳକ ବନ୍ଧନ ଅବସ୍ଥାରେ ଥାଏ। ଏହା ଦେଖି ସେ ପଚାରିଲା-ତୁମର ଏଭଳି ଅବସ୍ଥା କିଏ କରିଛି।ଜାବାଳି କହିଲା-ଗୋଟେ ଦୁଷ୍ଟ ବାନର।ମୁଁ ନଦୀକୁ ସ୍ନାନ କରିବାକୁ ଆସିଥିଲି ବାନର ମୋତେ ଧରି ଏଇ ବଟ ବୃକ୍ଷ ଜଟାରେ ବାନ୍ଧି ଦେଇଛି। ଏହା ଦେଖି ନନ୍ଦୟନ୍ତୀର ମନ ଦୟାରେ ଆତୁର ହେଲା। ଯେଉଁ ବାନର ପାଇଁ ସେ ବି ରାଜରାଣୀ ହେବାରୁ ବଞ୍ଚିତ ସେହି ବାନର ବାଳକ ଜାବାଳିକୁ ବଟବୃକ୍ଷରେ ବାନ୍ଧି ଦେଇଛି।ଅବଶ୍ୟ ଏ ସନ୍ଦେଶ ଋଷି ଋତୁଧ୍ୱଜଙ୍କ ନିକଟରେ ପହଞ୍ଚାଇବାକୁ ପଡିବ।ତୁରନ୍ତ ସେ ଏକ ତାଳ ପତ୍ରରେ ଗଛର କଣ୍ଟା ସାହାଯ୍ୟରେ ଜାବାଳି ବନ୍ଧନରେ ଅଛି ବୋଲି ଲେଖି ନଦୀରେ ଭଷେଇଦେଲା। ଋଷି ଋତୁଧ୍ୱଜ ପୁତ୍ର ଜାବାଳିକୁ ଜଙ୍ଗଲର ପ୍ରତିଟି ସ୍ଥାନ ଖୋଜି ସାରିଥାନ୍ତି। ତାକୁ ନପାଇ ଦୁଃଖ ମନରେ ନଦୀରେ ଝାସ ଦେବାକୁ ଆସି ଦେଖନ୍ତି ତ ଏକ ତାଳପତ୍ର ନଦୀ ଧାରାରେ ଭାସି ଆସୁଛି। ତୁରନ୍ତ ସେ ତାକୁ ଉଠେଇନେଇ ସେଥିରେ ଲେଖାଥିବା ସନ୍ଦେଶକୁ ପାଠ କରି ଜାଣିପାରିଲେ ବଟବୃକ୍ଷ ଉପରେ ତାଙ୍କ ପୁତ୍ର ଜାବାଳି ବନ୍ଧନ ଅବସ୍ଥାରେ ଅଛି। ଋତୁଧ୍ୱଜ ତୁରନ୍ତ ରାଜା ଇକ୍ଷାକୁଙ୍କ ନିକଟ ରେ ପହଞ୍ଚି ସମସ୍ତ ବିଷୟରେ ଅବଗତ କରାଇଲେ।ରାଜା ଇକ୍ଷାକୁ ଜ୍ୟୋଷ୍ଠ ପୁତ୍ର ଶକୁନିଙ୍କୁ ଋତୁଧ୍ୱଜଙ୍କ ସହାୟତା ନିମନ୍ତେ ପଠାଇଲେ।ଯଥାଶୀଘ୍ର ରାଜକୁମାର ଶକୁନି ଓ ଋଷି ଋତୁଧ୍ୱଜ ଉକ୍ତ ସ୍ଥାନକୁ ଖୋଜି ବାହାର କଲେ।ବଟବୃକ୍ଷର ଶିଖରରେ ଜାବାଳି ବନ୍ଧନ ଅବସ୍ଥାରେ ଥାଏ।

ରାଜକୁମାର ଶକୁନି ଧନୁରେ ତୀର ଜୋଖି ଏଭଳି ଚଳେଇଲେ ଯେମିତି ଜାବାଳିର କିଛି ଅନିଷ୍ଟ ନହେଉ। ଗୋଟେ ପରେ ଗୋଟେ ତୀର ଚଳେଇ ଚାଲିଥାନ୍ତି କିନ୍ତୁ ବଟ ବୃକ୍ଷର ଲତାକୁ କାଟି ବନ୍ଧନ ମୁକ୍ତ କରିବା ସମ୍ଭବ ହୋଇପାରୁ ନଥାଏ।ଋଷି ଋତୁଧ୍ୱଜ ପୁତ୍ର ମୋହ ରେ ଆତୁର ହୋଇ ବୃକ୍ଷ ଉପରକୁ ଚଢି ବନ୍ଧନ ଖୋଲିବାକୁ ବହୁ ପ୍ରୟାସ କଲେ ମାତ୍ର ବୃକ୍ଷର ଜଟା ଦ୍ୱାରା ଏଭଳି ବନ୍ଧା ହୋଇଥାଏ ଯେ ସେ ଆଦୌ ଖୋଲିପାରିଲେ ନାହିଁ। ଶେଷରେ ଶକୁନି ଅନ୍ୟ ତୀର ମାରି ଜାବାଳି ଯେଉଁ ଡାଳରେ ବନ୍ଧା ହୋଇଥାଏ ତାହା ତିନି ଭାଗ କରିଦେଲେ।ଜାବାଳି ତଳକୁ ଆସିଲା ହେଲେ ତା' ମୁଣ୍ଡରେ ବଟ ବୃକ୍ଷର ଡାଳ ବନ୍ଧନଯୁକ୍ତ ହୋଇ ରହି ଥାଏ।ପିତାଙ୍କ ସହିତ ସେ ଆଶ୍ରମକୁ ଫେରିଗଲା।ଧ୍ୟାନ, ପାଠ,ପୂଜା-ଉପାସନାରେ ସମୟ ବ୍ୟତୀତ କଲା।କିନ୍ତୁ ତା' ମୁଣ୍ଡରେ ବନ୍ଧା ହୋଇଥିବା ଡାଳକୁ ଦେଖି ଅନ୍ୟମାନେ ପରିହାସ କରି ନାନା ପ୍ରକାର କଥା କହି ତାଚ୍ଛଲ୍ୟଭରା ହସ



ହସନ୍ତି।ଅନେକ ଲୋକ ଉକ୍ତ ବନ୍ଧନକୁ ଖୋଲିବାକୁ ଚେଷ୍ଟା କରିଛନ୍ତି ହେଲେ କେହି ଖୋଲିପାରି ନାହାନ୍ତି। ଋଷି ଋତୁଧ୍ୱଜ ପୁତ୍ରର ସ୍ଥିତି ଦେଖି ଅହରହ ଦୁଃଖରେ ରହୁଥାଆନ୍ତି।ଦିନେ ସେ ନିଜ ଆଶ୍ରମରେ ପୁତ୍ର ଏବଂ ଅନ୍ୟ ଋଷିମାନଙ୍କ ସହିତ ଜ୍ଞାନର ଚର୍ଚ୍ଚା କରୁଥାନ୍ତି ହଠାତ୍ ଗୋଟେ ବାନର ଗଛ ଉପରୁ ଡିଆଁ ମାରି ଜାବାଳି ନିକଟକୁ ଆସିଲା। ଜାବାଳି ଭୟଭୀତ ହୋଇ ଚିତ୍କାର କଲା - ଏଇ ସେ ଦୁଷ୍ଟ ବାନର... ମୋତେ ବଟବୃକ୍ଷରେ ବାନ୍ଧି ଦେଇଥିଲା। ସମସ୍ତ ଋଷିଗଣ ମଧ ଶଙ୍କିତ ହୋଇପଡିଲେ। କିନ୍ତୁ ଋଷି ଋତୁଧ୍ୱଜ ତାକୁ ଆଦର ସହକାରେ କହିଲେ-ଆସ କପି!ତୁମ ଶକ୍ତି ପାଖେ ଆମେ ସମସ୍ତେ ପରାସ୍ତ।ଏବେ ଜାବାଳିର କଷ୍ଟ ଦୂର କରିବାକୁ ତୁମେ ହିଁ ସାହାଯ୍ୟ କରିପାରିବ।ଋଷିଙ୍କ କଥା ଶୁଣି ବାନର ଆଗକୁ ବଢ଼ିଲା। ଦେଖୁ ଦେଖୁ ଜାବାଳିର ମୁଣ୍ଡରେ ବନ୍ଧା ହୋଇଥିବା ଡାଳକୁ ଖୋଲିଦେଲା।ଉପସ୍ଥିତ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହେଉଥାନ୍ତି।ଋତୁଧ୍ୱଜ ପ୍ରସନ୍ନ ହୋଇ କହିଲେ-ବର ମାଗ କପି!ତୁମେ ଯାହା ବି ବର ମାଗିବ ମୁଁ ଦେବାକୁ ପ୍ରସ୍ତୁତ। ବାନର ରୂପୀ ବିଶ୍ୱକର୍ମା ମୁଣ୍ଡ ଝୁକେଇ କହିଲେ-ଯଦି ଆପଣ ମୋତେ ବରଦାନ ଦେବାକୁ ଚାହୁଁଛନ୍ତି ତେବେ ସ୍ୱୟଂ ଦେଇଥିବା ଅଭିଶାପକୁ ଫେରାଇ ନିଅନ୍ତୁ।ମୋତେ ଆପଣ ଚିହ୍ନିପାରୁ ନାହାନ୍ତି? ଆପଣଙ୍କ ଦ୍ୱାରା ଦିଆ ହୋଇଥିବା ଅଭିଶାପରେ ବାନର ହୋଇଛି।

ଏହା ଶୁଣି ଋତୁଧ୍ୱଜ କ୍ଷଣିକ ପାଇଁ ଚିନ୍ତାମଗ୍ନ ହେଲେ।ପୁଣି ସ୍ମିତ ହସି କହିଲେ-ତୁମେ ଅତ୍ୟନ୍ତ ଚତୁର ବିଶ୍ୱକର୍ମା।ଏଭଳି ପରିସ୍ଥିତି ସୃଷ୍ଟି କଲ ଯେ ମୁଁ ଦେଇଥିବା ଅଭିଶାପକୁ ଫେରାଇ ଆଣିବାକୁ ପଡିବ।ଯାଅ ଯଥାଶୀଘ୍ର ନିଜର ବାସ୍ତବିକ ରୂପକୁ ଆସିଯାଅ।ବିଶ୍ୱକର୍ମା ବାନରରୁ ନିଜ ଅସ୍ତିତ୍ୱକୁ ଫେରି ଋଷିଙ୍କୁ ପ୍ରଣାମ କରି ଚାଲିଗଲେ।

+ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

# ବୁଢାବଳଙ୍ଗ ନଦୀରେ ବନ୍ୟା ଆଶଙ୍କା

## ■ସ୍ଥିତି ପରଖିଲେ ଜିଲ୍ଲାପାଳ
## ■ଦେଓ ଡ୍ୟାମରେ ଖୋଲିଲା ୩ଗେଟ



ବାରିପଦା , ୧୬/୯ (ନି.ପ୍ର): ଲଗାତର ଲଘୁଚାପ ବର୍ଷାକୁ ନେଇ ମୟୂରଭଞ୍ଜ ଜିଲ୍ଲା ରେଡ ଆଲର୍ଟରେ ରହିଛି । ଅତି ପ୍ରବଳ ନହେଲେ ମଧ ରବିବାର ଠାରୁ ଜିଲ୍ଲାରେ ଲଗାତର ଭାବରେ ଝିପିଝିପି ବର୍ଷା ଲାଗି ରହିଛି । ମଧୁବନ ଦେଇ ଯାଇଥିବା ବୁଢାବଳଙ୍ଗ ନଦୀରେ ଧିରେ ଧିରେ ଜଳସ୍ତର ବୃଦ୍ଧି ପାଉଛି । ଏହି ପରିପେକ୍ଷିରେ ନଦୀ କୂଳିଆ ଅଞ୍ଚଳର ଲୋକଙ୍କୁ ଆଶ୍ରୟ ସ୍ଥଳକୁ ଉଠିଯିବା ପାଇଁ ଡାକବାଜି ଯନ୍ତ୍ରରେ ସତର୍କ ସୂଚନା ଦିଆଯାଇଛି । ଆଜି ସକାଳୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ବନ୍ୟା ଆଶଙ୍କାନେଇ ମଧୁବନ ଠାରେ ବୁଢାବଳଙ୍ଗ ନଦୀର ସ୍ଥିତି ପରଖିଛନ୍ତି । ତେବେ ଗତ ଶୁକ୍ରବାର ଠାରୁ ଜିଲ୍ଲା ପ୍ରଶାସନ ସମସ୍ତ ଜରୁରୀକାଳୀନ ପଦକ୍ଷେପ ସହିତ ବନ୍ୟା ଲାଗି ପୂର୍ବ ପ୍ରସ୍ତୁତି କରି ପରିସ୍ଥିତି ଉପରେ ନଜର ରଖିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର କୌଣସି ସ୍ଥାନରେ ସେଭଳି ଚିନ୍ତାଜନକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ । ହେଲେ ରବିବାର ରାତିରେ ଶିମିଳିପାଳ ଅଭ୍ୟନ୍ତରର କିଛି ଅଞ୍ଚଳରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବାରୁ ଆଜି ସମ୍ଭାବ୍ୟ ବନ୍ୟାର ଆଶଙ୍କା ସୃଷ୍ଟି ହୋଇଛି । ଶିମିଳିପାଳ ଅଭୟାରଣ୍ୟର ନଅଣା ଠାରେ ୧୨୦.୪ମିମି, ଡୁକୁରା ଠାରେ ୧୦୦.୮୩ମିମି, ଚହଲା ଠାରେ ୧୫୧.୬ମିମି, ରମତୀର୍ଥ ଠାରେ ୧୪୪.୭୮ମିମି, କେନ୍ଦୁମୁଣ୍ଡି ଠାରେ ୧୦୫.୪୧ମିମି ଓ ବାରେହିପାଣି ଠାରେ ସର୍ବାଧିକ ୧୮୩.୮୯ ମିମି ବର୍ଷା ରେକର୍ଡ ହୋଇଛି । ଅନ୍ୟପଟେ ଦେଓ ନଦୀବନ୍ଧରେ ଜଳସ୍ତର ବଢିଛି । ବନ୍ଧର ତିନି ଗୋଟି ଗେଟରେ ଜଳ ନିଷ୍କାସନ ହେଉଛି । ତିନି ଗେଟରେ ସେକେଣ୍ଡ ପ୍ରତି ୪୫୦ କ୍ୟୁସେକ ଜଳ ନିଷ୍କାସନ ହେଉଛି । ବନ୍ଧର ବିପଦ ସଂକେତ ୪୧୧ ମିଟର, ବର୍ତ୍ତମାନ ୪୧୦ ମିଟରରେ ରହିଥିବାର ସୂଚନା ମିଳିଛି । ତେବେ ଆଜି ଦିନ ବେଳେ ବର୍ଷା ର ପରିମାଣ ଟିକେ କମିଥିବାରୁ ନଦିଗୁଡିକର ଜଳସ୍ତର ପ୍ରାୟତଃ ସ୍ଥିର ରହିଛି । ଯଦି ଆଜି ରାତିରେ ବର୍ଷା ର ପରିମାଣ ବଢ଼େ ତେବେ ବନ୍ୟା ଆବଶ୍ୟମ୍ଭାବି ବୋଲି ନଦୀକୁଳିଆ ଲୋକେ କହିଛନ୍ତି ।

## ଖାଇବା ତେଲ ଦର ବୃଦ୍ଧିକୁ ନେଇ ଖାଉଟି ଚିନ୍ତାରେ

ଖୋର୍ଦ୍ଧା, ୧୬/୯ (ନି.ପ୍ର): ପନିପରିବା ଓ ପିଆଜ ଦର ବୃଦ୍ଧି ପରେ ଏବେ ମହଙ୍ଗା ହୋଇଛି ଖାଇବା ତେଲ । ଲିଟର ପିଛା ୨୦ ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ଫଳରେ ହାଣ୍ଡିଶାଳରେ ସିଧାସଳଖ ଚଡ଼କ ପଡ଼ିଛି । ତେବେ ପାମୋଲିନ୍, ସୂର୍ଯ୍ୟମୁଖୀ ଓ ସୋୟାବିନ୍ ଭଳି ତେଲ ଉପରେ ଆମଦାନୀ ଶୁଳ୍କ ବଢାଇଛନ୍ତି ସରକାର । ଏହାର ସିଧାସଳଖ ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡ଼ିଛି । ଖୁଚୁରା ବଜାରରେ ବିଭିନ୍ନ ପ୍ରକାରର ଖାଇବା ତେଲ ଦରରେ ୨୦ଟଙ୍କା ବୃଦ୍ଧି ପାଇବାରୁ ଏବେ ସୋରିଷ ତେଲ ୧୬୦ଟଙ୍କାରେ ପହଂଚିଛି । ଏପରିକି ସନ ଫ୍ଲାୱାର ତେଲ ପୂର୍ବରୁ ଲିଟର ପିଛା ୧୦୦ରୁ ୧୧୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୧୨୦ରୁ ୧୩୦ ଟଙ୍କା ଦାମରେ ବିକ୍ରି ହେଉଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ...

ଆକାଉଣ୍ଟକୁ ଏହି ଟଙ୍କା ଯିବ । କାହାରି ପ୍ରଲୋଭନ କିମ୍ବା ଗୁଜବରେ ବିଶ୍ୱାସ ନକରିବାକୁ ଶ୍ରୀମତୀ ପରିଡ଼ା ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରି ସୂଚନାରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିବେ । ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ । ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ସଚଳ ଅଛି କି ନାହିଁ ତାହା ଯାଂଚ କରିବାକୁ ଏବେ ଏକ ଟଙ୍କା ଲେଖାଏଁ ପଠାଯାଇଛି । ଏହି ଟଙ୍କା ପଠାଯିବା ପରେ ହିତାଧିକାରୀଙ୍କୁ ଏସଏମଏସ ମାଧ୍ୟମରେ ଅବଗତ କରାଯାଉଛି । ଆକଉଣ୍ଟକୁ ଏକ ଟଙ୍କା ପ୍ରଦାନ ଏକ ନିରନ୍ତର ପ୍ରକ୍ରିୟା । ଯେଉଁମାନଙ୍କ ଆକାଉଣ୍ଟକୁ ଏହି ଏକ ଟଙ୍କା ଯାଇ ନାହିଁ ସେମାନଙ୍କ ଫର୍ମ ଏବେ ବିଚାରାଧୀନ ରହିଛି । ଆବେଦନ ଫର୍ମଗୁଡ଼ିକର ଯାଂଚ ପରେ ଅନ୍ୟ ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଧ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବ । ତେବେ ଏହି ବ୍ୟବସ୍ଥାକୁ ଆଳ କରି କିଛି ଠକ ଓ ଖଳ ପ୍ରକୃତିର ଲୋକ ବ୍ୟାଙ୍କ ନାଁରେ ଫୋନ୍ କରି ଆବେଦନକାରୀଙ୍କୁ ଗୋଟିଏ ଲିଙ୍କରେ କ୍ଲିକ୍ କରି ତଥ୍ୟ ପ୍ରଦାନ କଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ମଧ ଏକ ଟଙ୍କା ଯିବ ବୋଲି ଦାବି କରୁଛନ୍ତି । ମାତ୍ର ସରକାରଙ୍କ ପକ୍ଷରୁ ଓ ବ୍ୟାଙ୍କ ପକ୍ଷରୁ ଏଭଳି କୌଣସି ଫୋନ୍ ଓ ଲିଙ୍କ୍ ପଠାଯାଉନାହିଁ ବୋଲି ବିଭାଗ ସ୍ପଷ୍ଟ କରିଛି । ଏଭଳି ଫୋନ କଲକୁ ବିଶ୍ୱାସ ନକରିବାକୁ ଓ କୌଣସି ଲିଙ୍କରେ କ୍ଲିକ୍ ନକରିବା ନିମନ୍ତେ ସାଧାରଣ ଲୋକଙ୍କୁ ସରକାର ପରାମର୍ଶ ଦେବା ସହ ସତର୍କ କରାଇଛନ୍ତି ।

### ବରମୁଣ୍ଡା କାଉଣ୍ଟରରେ ...

ପକ୍ଷରୁ ଲଗାଯାଇଥିବା ସିଲ ମଧ ସଂପୂର୍ଣ୍ଣ ନକଲି । ଅଚାନକ ରେଡ୍ ପରେ ଦୋକାନରୁ ଅବକାରୀ ଟିମ୍ ପାଖାପାଖି ୫୦ ଲକ୍ଷ ଟଙ୍କାର ନକଲି ମଦ ଠାବ କରିଥିଲା । ଆଉ ତାପରେ ତୁରନ୍ତ ଆକ୍ସନ୍ ନେଇ ସବୁ ମଦକୁ ରାସ୍ତା ଉପରେ ରଖି ଜେସିବିରେ ଚାପି ନଷ୍ଟ କରିଥିଲା । କେବଳ ସେତିକି ନୁହେଁ ମଦ ଅପମିଶ୍ରଣ ପାଇଁ ସଂପୃକ୍ତ ମଦ ଦୋକାନକୁ ସିଲ୍ କରାଯିବା ସହ ଲାଇସେନ୍ସ ବାତିଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଅପରପକ୍ଷେ କେବେଠୁ ଏଠି ଏମିତି ନକଲି ମଦ କାରବାର ଚାଲିଥିଲା, ବ୍ରାଣ୍ଡେଡ୍ ମଦରେ କେବଳ ପାଣି ନା ଅନ୍ୟ କୌଣସି କେମିକାଲ ମିଶା ଯାଉଥିଲା, ଜାଣିବା ପାଇଁ ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି । ଦୋକାନରେ କାମ କରୁଥିବା ସମସ୍ତଙ୍କୁ ଗିରଫ କରାଯାଇଥିଲା ବେଳେ ମାଲିକ କିନ୍ତୁ ଫେରାର ଅଛନ୍ତି । ଖୋଦ୍ ରାଜଧାନୀର ଏକ ସରକାରୀ ମଦ ଦୋକାନରୁ ନକଲି ମଦ ଠାବ ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ବେଳେ, ଏକ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

### ବିଲ୍ ପାଇଁ...

ସେପଟେ ବିଜେଡିକୁ କାଉଣ୍ଟର କରି ଆଜି ବିଜେପି ପାରାଦ୍ୱୀପରେ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ ଆଣିଛି, ବିଜେଡି ନିଜ ଦୁର୍ନୀତିକୁ ଲୁଚାଇବାକୁ ବିଜେପିକୁ ଦାୟୀ କରୁଛନ୍ତି । ଗୁଣ୍ଡାଗର୍ଦ୍ଦିର କଥା କହୁଛନ୍ତି । ସତ୍ତା ହରାଇଥିବାରୁ ବିଜେଡି ନେତା ବାଉଳି ହେଉଛନ୍ତି ବୋଲି ପାଲଟା ଅଭିଯୋଗ ଆଣିଛି ବିଜେପି । ପ୍ରତିବାଦ କରିବାକୁ ବିଜେଡି ସଜବାଜ ହେଉଥିବା ବେଳେ ଦେଖିବା କଥା ଏହାକୁ କେମିତି କାଉଣ୍ଟର କରୁଛି ବିଜେପି ।

### ସୁନା ଦୋକାନରେ ...

ସେମାନଙ୍କୁ ଦୋକାନ ମାଲିକ ଶ୍ରୀ ସାହୁ ବାରଣ କରିଥିଲେ । ହେଲେ ସେମାନେ ବନ୍ଧୁକ ବାହାର କରି ଶ୍ରୀ ସାହୁଙ୍କ ଉପରକୁ ୨ ରାଉଣ୍ଡ ଫାୟାରିଂ କରିଥିଲେ । ଗୋଟିଏ ଗୁଳି ଶ୍ରୀ ସାହୁଙ୍କ କଙ୍କାଳ ଦେଇ ବାହାରି ଯାଇଥିବା ବେଳେ ଆଉ ଏକ ଗୁଳି ତାଙ୍କର କଙ୍କାଳରେ ରହିଥିବା ଅନୁମାନ କରାଯାଉଛି । ଶ୍ରୀ ସାହୁ ରକ୍ତାକ୍ତ ହୋଇଥିଲେ ସୁଦ୍ଧା ନିଜ ଉପସ୍ଥିତ ବୁଦ୍ଧି ଖଟାଇ ସେମାନଙ୍କ ଉପରକୁ ନାଇଟ୍ରିକ୍ ଏସିଡ୍ ଫିଙ୍ଗି ଦେଇଥିଲେ । ଯେଉଁଥିପାଇଁ ସେମାନେ ବାଇକ ଛାଡି ଅନ୍ୟ ଏକ କାରରେ କୋଣାର୍କ ଅଭିମୁଖେ ପଳାଇ ଯାଇଥିଲେ । ଗୁରୁତର ଶ୍ରୀ ସାହୁଙ୍କୁ ଅନ୍ୟ ଦୋକାନୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଅଭିଯୋଗ ହେବା ପରେ କାକଟପୁର ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ଛକ ଛାନଭିନ୍ ଚଳାଇଛି । ହେଲେ ଅଭିଯୁକ୍ତଙ୍କୁ ଧରିବା ବିଫଳ ହୋଇଛି ।

### ରାହୁଲ ଗାନ୍ଧିଙ୍କ ଜିଭ...

ରାହୁଲ ଗାନ୍ଧି ସର୍ବ ଭାରତୀୟ ସ୍ତରରେ ଜାତିଗତ ଗଣନାର ଆବଶ୍ୟକତା ଉପରେ ମତ ରଖିଥିଲେ । ସେ କହିଥିଲେ, "ଭାରତ ଭଲ ସ୍ଥାନରେ ଯେତେବେଳେ ପହଞ୍ଚିଯିବ ସେତେବେଳେ ଆମେ ସଂରକ୍ଷଣ ଉଚ୍ଛେଦ ସମ୍ପର୍କରେ ଚିନ୍ତା କରିବୁ । ଭାରତ ଏବେ ଭଲ ସ୍ଥିତି ନାହିଁ ।" ଏହି ବୟାନକୁ ଆଧାର କରି ବିଧାୟକ ଗାଏକ୍ୱାଡ ଆପତ୍ତିଜନକ ବୟାନ ଦେଇଛନ୍ତି । ମହାରାଷ୍ଟ୍ରରେ ସିନ୍ଦେ ସେନାର ସହଯୋଗୀ ବିଜେପି କିନ୍ତୁ ଏହି ବୟାନ ଠାରୁ ନିଜକୁ ଦୂରେଇ ରଖିଛି । ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାୱାନକୁଲେ କହିଛନ୍ତି, "ମୁଁ ଗାଏକ୍ୱାଡଙ୍କ ବୟାନକୁ ସମର୍ଥନ କରୁ ନାହିଁ । ତଥାପି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ସଂରକ୍ଷଣର ବିରୋଧରେ ମତ ରଖିଥିଲେ ବୋଲି ଆମେ ଭୁଲି ନାହୁଁ ।"

# 'ମୋନା'ର ସଂଗ୍ରାମ ବାସ୍ତବରେ ପ୍ରଶଂସନୀୟ : ଅଶୋକ କୁମାର ମହାନ୍ତି

ଉଦଳା , ୧୬/୯ (ନି.ପ୍ର): ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା) ଯେଉଁଭଳି ଭାବରେ ସଂଗ୍ରାମ ଜାରି ରଖିଛି, ଏହାକୁ ଉଦଳା ରୋଟାରି କ୍ଲବର ପ୍ରାକ୍ତନ ସଭାପତି ଅଶୋକ କୁମାର ମହାନ୍ତି ପୂର୍ଣ୍ଣ ସମର୍ଥନ କରିବା ସହିତ ପ୍ରଶଂସା କରିଛନ୍ତି । ମଦ୍ୟପାନକୁ କେନ୍ଦ୍ର କରି ଯେଉଁଭଳି ଭାବରେ ବିପଦ ମାଡ଼ି ଆସୁଛି ଏଥିରୁ ଦେଶକୁ ବଂଚାଇବାକୁ ହେଲେ ଆନ୍ଦୋଳନ ବର୍ତ୍ତମାନ ଜରୁରି ହୋଇ ପଡ଼ିଛି ବୋଲି ସେ କହିଛନ୍ତି । ସମଗ୍ର କପ୍ତିପଦା ଉପଖଣ୍ଡକୁ ନଜର ପକାଇଲେ ମଦ୍ୟପାନ ଦ୍ୱାରା ନିୟମିତ ବହୁ ସଂଖ୍ୟାରେ ଲୋକ ରୋଗଗ୍ରସ୍ତ ହେବା ସହିତ ମୃତ୍ୟୁମୁଖରେ ପଡୁଥିବାର ଖବର ମିଳୁଛି । ଏପରିକି ଉପଖଣ୍ଡ ମଧରେ ବହୁଳ ଭାବରେ ମଦ୍ୟପାନ ଯୋଗୁଁ କେତୋଟି ବିଧବା ଗ୍ରାମ ସୃଷ୍ଟି ହୋଇଛି । ମଦ୍ୟପାନ କରି ଅଳ୍ପ ବୟସରେ ପୁରୁଷ ଲୋକେ ମୃତ୍ୟୁମୁଖରେ ପଡ଼ିବା ଫଳରେ ଗ୍ରାମରେ ବିଧବାଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଉପଖଣ୍ଡ ମଧରେ ଥିବା ନଛିପୁର, ରାଇଡ଼ିହା ଓ ସୁଣ୍ଢଳ ଗ୍ରାମ ବର୍ତମାନ ବିଧବା ଗ୍ରାମ ଭାବରେ ପରିଚୟ ସୃଷ୍ଟି କରିଛି । ଏହା ଆମ ସମସ୍ତଙ୍କ ପାଇଁ ଯେତିକି ଲଜ୍ୟାକର ସେତିକି ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି । ତେବେ 'ମୋନା' ତରଫରୁ ଚଳିତ ସେପଟ୍ଟେମ୍ବର ୨୭ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯେଉଁ ଧାରଣା ପର୍ବର ଡ଼ାକରା ଦିଆଯାଇଛି ଏହାକୁ ସମର୍ଥନ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ଭାଲେରଠାରେ ବ୍ଲକସ୍ତରୀୟ ଖୋଖୋ ଚୟନ ଶିବିର

ବଲାଙ୍ଗିର, ୧୬/୯ (ନି.ପ୍ର): ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ ଭାଲେର ଠାରେ ବ୍ଲକ ସ୍ତରୀୟ ଖୋଖୋ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଆଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଷୀ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ ମୁଖ୍ୟବକ୍ତା, ଖୋଖୋ ପ୍ରଶିକ୍ଷକ ପଦ୍ମ ଚରଣ ଦାସ ସମ୍ମାନିତ ଅତିଥି, ପଂଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଡପଣ୍ଡା ସମ୍ମାନିତ ଅତିଥି, ବ୍ଲକ କ୍ରୀଡା ସମ୍ପାଦକ ସୁଶାନ୍ତ କୁମାର ନାଗ ପ୍ରଭୃତି ମଂଚାସୀନ ଥିଲେ । ଏହି ଶିବିରରେ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ୧୩ଟି ଉଚ୍ଚ ବିଦ୍ୟାଳୟରୁ ୧୫୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମନୋନୀତ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସୁରଧନୁ ଉଚ୍ଚ ବିଦ୍ୟାଳୟ, କୁତୁର୍ଲା ଠାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଖେଳ ଶିକ୍ଷକ ହେମନ୍ତ ପଧାନ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଅନିଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚେତନତା ଅଭାବ ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ମୁହଁ ଫେରାଉଛନ୍ତି ଚାଷୀ

ଜୟପୁର, ୧୬/୯ (ନି.ପ୍ର): ସଚେତନତା ଅଭାବ ଯୋଗୁଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ମୁହଁ ଫେରାଉଛନ୍ତି ଚାଷୀ । ଋଣୀ ଚାଷୀମାନେ ସ୍ୱତଃ ପଂଜୀକୃତ ହୋଇଥାନ୍ତି । ତେବେ ଅଣ ଋଣୀଚାଷୀମାନେ ପଂଜୀକୃତ ପାଇଁ ଜନସେବା କେନ୍ଦ୍ର, ବ୍ୟାଙ୍କ, ପ୍ରାଥମିକ କୃଷି ଋଣ ସମବାୟ ସମିତି ଓ ବୀମା କମ୍ପାନୀ କାର୍ଯ୍ୟାଳୟରେ କିମ୍ବା ବୀମା କମ୍ପାନୀର ଅଧିକୃତ ଏଜେଣ୍ଟଙ୍କ ନିକଟରେ ପଂଜୀକରଣ କରି ପାରିବେ । ୨ ହେକ୍ଟର ଜମି ପର୍ଯ୍ୟନ୍ତ ପ୍ଲଟ ପିଛା ଏକ ଟଙ୍କା ମାତ୍ର ଜମା କରିବାକୁ ପଡ଼ିବ । ବଳକା ବୀମା ଦେୟ ରାଜ୍ୟ ଓ କେନ୍ଦ୍ର ସରକାର ଦେବେ । ତେବେ ଚାଷୀଙ୍କ ଜମିରେ ଚକଡ଼ା ପୋକ ଲାଗି କ୍ଷତି ହେବା କି ଯା ଅନ୍ୟାନ୍ୟ ପ୍ରାକୃତିକ ଦୈବିଦୁର୍ବିପାକରେ ଫସଲ ନଷ୍ଟ ହେଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ବୀମା ଟଙ୍କା ମିଳୁ ନଥିବାରୁ ଜିଲ୍ଲାର ଚାଷୀ ମାନେ ଏହି ବୀମା କରିବାରୁ ମୁହଁ ଫେରାଇଛନ୍ତି । ଚଳିତ ଖରିଫ ଋତୁରେ ଜିଲ୍ଲାର ୧୪ଟି ବ୍ଲକରେ ୧ଲକ୍ଷ ୬୬ହଜାର ୭୩୪ଜଣ ବିଭିନ୍ନ ବର୍ଗର ଚାଷୀ ପରିବାର ୨ ଲକ୍ଷ ୮୯ହଜାର ୫୫୦ହେକ୍ଟର ଜମିରେ ଚାଷ କରୁଛନ୍ତି । ଯେତିକି ପରିମାଣର ଜମିରେ ଚାଷ କରାଯାଉଛି ତାହାର ମାତ୍ର ୧୪.୪୩ ପ୍ରତିଶତ ଅର୍ଥାତ ୨୦୦୫୭.୭୪ହେକ୍ଟର ଜମିର ବୀମା କରାଯାଇଛି । ଯାହାକି ଚାଷୀ ଓ ଚାଷ କରୁଥିବା ଜମିର ପରିମାଣକୁ ଦେଖାଗଲେ ସମୁଦ୍ରକୁ ଶଙ୍ଖେ । ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ୧ଲକ୍ଷ ୬୬ହଜାର ୭୩୪ଜଣ ବିଭିନ୍ନ ବର୍ଗର ଚାଷୀ ପରିବାର ବସ ବାସ କରୁଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ୧୦ହେକ୍ଟରରୁ ଅଧିକା ଜମି ୪୯୪(୦.୨୯%) ଜଣ ବଡ ଚାଷୀ ରହିଛନ୍ତି । ସେପରି ୪ହେକ୍ଟରରୁ ୧୦ହେକ୍ଟର ମଧରେ ୪ହଜାର୫୯୬(୨.୭୫%)ଜଣ ମଧ୍ୟମ ଚାଷୀ, ୨ରୁ ୪ହେକ୍ଟର ମଧରେ ୨୨ହଜାର ୮୩୦(୧୩.୭%) ଜଣ ସେମି-ମଧ୍ୟମ ଚାଷୀ, ଏକ ହେକ୍ଟରୁ ୨ହେକ୍ଟର ମଧରେ ୫୩ହଜାର ୭୪୩(୩୨.୨%) ଜଣ କ୍ଷୁଦ୍ର ଚାଷୀ, ଏକ ହେକ୍ଟର ମଧରେ ୮୫ହଜାର ୦୭୧ଜଣ (୫୧ପ୍ରତିଶତ) ଚାଷୀ ପରିବାର ଏଭଳି ସର୍ବମୋଟ ୧ଲକ୍ଷ ୬୬ହଜାର ୭୩୪ଜଣ ଚାଷୀ ୨ଲକ୍ଷ ୮୯ହଜାର ୫୫୦ହେକ୍ଟର ଜମିରେ ଚାଷ କରୁଛନ୍ତି । ଖରିଫ ଋତୁରେ ଏହି ବୀମା ଧାନ, ହରଡ଼, ମକା, ଚିନାବାଦାମ,କପା, ମାଣ୍ଡିଆ, ଅଦା ଏବଂ ହଳଦୀ ଚାଷୀ ମାନେ ପଂଜୀକରଣ କରିପାରିବେ । ଏମାନଙ୍କ ମଧରୁ ବିଭିନ୍ନ ବ୍ୟାଙ୍କ, ସମବାୟ ସଂସ୍ଥା, ଲ୍ୟାମ୍ପ ଆଦିରୁ ଋଣ ନେଇଥିବା ୨୧୧୫୯ଜଣ ଓ ଋଣ ନେଇ ନଥିବା ୪୨୨୬୬ଜଣ ଏଭଳି ୬୩ହଜାର ୪୨୫ ଜଣ ଚାଷୀ ୨୦୦୫୭.୭୪ହେକ୍ଟର ଜମି ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଛନ୍ତି । ଏଥିରେ ୫୦ହଜାର ୯୦୫ଜଣ ପୁରୁଷ ଓ ୧୨୬୧୭ଜଣମହିଳା ଓ ୯ଜଣ ଅନ୍ୟ ଲିଙ୍ଗର ଚାଷୀ ବୀମା କରିଛନ୍ତି । ଏମାନଙ୍କ ମଧରୁ ୫୦ହଜାର ୩୩୩ଜଣ କ୍ଷୁଦ୍ର, ୧୪୦୮ଜଣ ନାମକୁ ମାତ୍ର ଓ ୧୧ହଜାର ୭୯୦ଜଣ ମଧ୍ୟମ ଚାଷୀ ପଂଜୀକରଣ କରିଥିବା ଜଣାଯାଇଛି । ଜିଲ୍ଲାରେ ଖରିଫ ଋତୁରେ ଧାନ,ମକା, ଚିନାବାଦାମ, ମାଣ୍ଡିଆ, ଅଦା ଏବଂ ହଳଦୀ ଚାଷ ଚାଷୀମାନେ କରୁଛନ୍ତି । ତେବେ ବଳକା ଚାଷୀମାନେ ଏହି ଯୋଜନାରେ ସାମିଲ ହେବାରୁ କାହିଁକି ମୁହଁ ଫେରାଉଛନ୍ତି ତାହାର ସଠିକ ଭାବେ ଯାଂଚ କରି ଏଭଳି ଭଲ ଯୋଜନାରେ ଅଧିକାରୁ ଅଧିକ ଚାଷୀ ଯେଭଳି ସାମିଲ ହୋଇ ପାରିବେ ସେ ଦିଗରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଚାଷୀ ମହଲରେ ମତ ପ୍ରକାଶ ପାଇଛି ।

# ବିକଶିତ ଭାରତ, ଦିବ୍ୟ ଭାରତ- ମାନବୀୟ ସଂସ୍କୃତିର ଧାରା ଶୀର୍ଷକରେ ଆଲୋଚନା ଚକ୍ର

ଭୁବନେଶ୍ୱର, ୧୬/୯ (ନି.ପ୍ର): ବିକଶିତ ଭାରତ, ଦିବ୍ୟ ଭାରତ- ମାନବୀୟ ସଂସ୍କୃତିର ଧାରା ଶୀର୍ଷକରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଶ୍ରୁତି ସଭାଗାରରେ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଂଚ,କଟକ ଶାଖ ଆନୁକୂଲ୍ୟରେ ଆୟୋଜିତ ଦିନିକିଆ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ , ଶିକ୍ଷା, ଶ୍ରମ ଓ ନିୟୋଜନ ମନ୍ତ୍ରୀ, ବିମ୍ବାଧର କୁଅଁର ଭାରତକୁ ପରମ ବୈଭବଶାଳୀ କରିବା ପାଇଁ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ବିକଶିତ ଭାରତ କେବଳ ଆମର ନୁହଁ ବରଂ ବିଶ୍ୱର ଆବଶ୍ୟକତା ଓ ଏହାହିଁ ବିଶ୍ୱଶାନ୍ତି ସୁନିଶ୍ଚିତ କରିପାରିବ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଂଚର ଅଖିଳ ଭାରତୀୟ ସଂଗଠନ ସଂପାଦକ ଗୋଲକ ବିହାରୀ ରାୟ କହିଲେ, ଆଧ୍ୟାତ୍ମିକ ଉତ୍ତରଣ ହିଁ ମହାଭାରତୀୟ ପରମ୍ପରାର ସର୍ବଶ୍ରେଷ୍ଠ ଉପଲବ୍ଧି । ଭୌତିକ ବିକାଶ ନୁହଁ, ଭୋଗବିଳାସ ନୁହଁ ବରଂ ତ୍ୟାଗ, ତପସ୍ୟା, ଆଧ୍ୟାତ୍ମିକ ଉତ୍ତରଣ ଭାରତୀୟ ସମାଜର ବୈଶିଷ୍ଟ୍ୟ ରହିଆସିଛି । ଏହି ଦିବ୍ୟତ୍ୱ ବିକଶିତ ଭାରତର ଆଧାରଶିଳା ହେବ, ଶ୍ରେଷ୍ଠ ଭାରତ ପରିକଳ୍ପନାକୁ ସାକାର କରିବ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ଓ ଦାର୍ଶନିକ ପ୍ରଫେସର ନିରଞ୍ଜନ ପାଢୀ ମାନବୀୟ ସଂସ୍କୃତିର ଧାରାର ଉତ୍ସ ମହାଭାରତୀୟ ଜୀବନଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱାମୀ ବିବେକାନନ୍ଦ ମହାଭାରତୀୟ ସଂସ୍କୃତିର ଆଧୁନିକ ପ୍ରବକ୍ତା ଓ ତାଙ୍କ ବ୍ୟାଖ୍ୟା ଅପରୂପ ଓ ଅନନ୍ୟ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ ପ୍ରତାପ ଭାରତର ଏକତା ଓ ଅଖଣ୍ଡତା ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ ବୋଲି କହିଥିଲେ । ଭାରତକୁ ପଡୋଶୀ ଦେଶମାନଙ୍କୁ ସାଥିରେ ନେଇ ଚାଲିବାକୁ ହେବ । ତଳୁ ଉପର ପର୍ଯ୍ୟନ୍ତ ସବୁଠି ମିଳିମିଶି କରିବାକୁ ହେବ । ବିଶିଷ୍ଟ ଅତିଥି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଆଧ୍ୟାତ୍ମ ଓ ଶିକ୍ଷା କିପରି ଏକାତ୍ମ ହେବ ତାର ପ୍ରତୀକ ଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଶିକ୍ଷାବିତ୍ ଓ ମଂଚର କାର୍ଯ୍ୟକାରିଣୀ ସଦସ୍ୟ ଡଃ ସଚ୍ଚିନ୍ଦ୍ର ରାଉଳ ଇଶାବାସ୍ୟ ଉପନିଷଦରେ ବିଦ୍ୟା ଓ ଅବିଦ୍ୟା ବିଷୟରେ ବର୍ଣ୍ଣନାକୁ ବ୍ୟାଖ୍ୟା କରିଥିଲେ । ସେ କହିଲେ ଜନ୍ମମରଣର ସଂସାରରେ ସଫଳ ହେବାକୁ ହେଲେ ଭୌତିକ ଜ୍ଞାନ ବା ଅବିଦ୍ୟାରେ ଉତ୍କର୍ଷ ଆବଶ୍ୟକ ଓ ମୋକ୍ଷ ପାଇଁ, ମୁକ୍ତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ବା ବିଦ୍ୟା ରେ ପ୍ରବୀଣ ହେବାକୁ ହେବ । ଉଭୟ ବିଦ୍ୟା ଓ ଅବିଦ୍ୟା ଆମର ଧେୟ ହେବା ବିଧେୟ । ମଂଚର କାର୍ଯ୍ୟକାରିଣୀ ସଦସ୍ୟ ଡଃ ମାନଭଞ୍ଜନ କଅଁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡଃ ପ୍ରୋଣେମା ବାଗଚି ଅତିଥି ପରିଚୟ ପ୍ରଦାନ କରିଥିଲେ । ମଂଚର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଧିବକ୍ତା ସଂଘମିତ୍ରା ରାଜଗୁରୁ, ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବର ଉପଦେଷ୍ଟା ସୁବେଦାର ଯାଦବ ଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା ।

## ବ୍ଲକ ଅଧ୍ୟକ୍ଷଙ୍କ ମାତୃ ବିୟୋଗ

ଭଦ୍ରକ, ୧୬/୯ (ନି.ପ୍ର): ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ମାଆ ତଥା ବଳରାମ ଘଡ଼େଇଙ୍କ ପତ୍ନୀ କମଳାଙ୍କ ୭୧ ବର୍ଷ ବୟସରେ ବିୟୋଗ ଘଟିଛି । ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧିନ ଥିଲେ । ସେ ଜଣେ ପରୋପକାରୀ, ସରଳ, ଧାର୍ମିକ ମହିଳା ଥିଲେ । ବିୟୋଗ ବେଳକୁ ପୁଅ ନିରଞ୍ଜନ, ମନୋରଞ୍ଜନ, ଚିତ୍ତରଞ୍ଜନଙ୍କ ସମେତ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବମାନେ ଉପସ୍ଥିତଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ,ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା,ବିଜେଡ଼ି ବରିଷ୍ଠ ନେତା ଇଂ ପ୍ରୟାସକାନ୍ତି ସାମଲ,ବିଜେଡ଼ି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ନିର୍ବାଚନ ମଣ୍ଡଳୀ ସଭାପତି ବିପିନ ନାୟକ,ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ,ଛାତ୍ର ସଭାପତି ପ୍ରଣବ ଲେଙ୍କା,ସରପଂଚ ନିହାର ରଂଜନ ପଣ୍ଡା,ସମିତିସଭ୍ୟ ନିର୍ମଳ ନାୟକ,ବସନ୍ତ ପତି,ସପନ ସିଂହ,ପପୁ ମହାନ୍ତି,ଟିକନ ପାଣିଗ୍ରାହୀ ପ୍ରମୁଖ ମରଶରୀରକୁ ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ ।

# ୬ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ବେଲପଡା ପୋଲିସ

ବଲାଙ୍ଗିର, ୧୬/୯ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଦାଦନ ଋତୁ ଏବଂ ବର୍ଷର ପ୍ରଥମ ବେଆଇନ ଦାଦନ ଚାଲାଣ କେସ ପଞ୍ଜିକୃତ ହୋଇଛି ବେଲପଡା ଥାନାରେ । ଦାଦନ ଶ୍ରମିକମାନେ କାମ କରିବା ପାଇଁ ନିଜ ସ୍ତ୍ରୀ, ପିଲାଛୁଆଙ୍କୁ ସାଙ୍ଗରେ ଧରି ବର୍ଷଟେ ପାଇଁ ଚାଲିଯାଉଛନ୍ତି ବାହାର ରାଜ୍ୟକୁ । କିଏ ମୁଣ୍ଡରେ ମୁଣ୍ଡାଇ, କିଏ ହାତରେ ଧରି ଆବଶ୍ୟକୀୟ ଜିନିଷପତ୍ର ନେଇ ନିଜ ଗାଁ, ମାଟିକୁ ଛାଡି ଅଜଣା ସ୍ଥାନକୁ ଚାଲିଯାଉଛନ୍ତି । ବେଲପଡା ପୋଲିସ ଦ୍ୱାରା ରବିବାର ୬ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି । ଉଦ୍ଧାର ଶ୍ରମିକ ମାନେ ବେଲପଡା ଥାନା ଡୁଙ୍ଗରିଗୁଡା ଗ୍ରାମର ୯ ଜଣ ପାଟଣାଗଡ଼ ଥାନା କର୍ଲାମାଲ ଗ୍ରାମର ୨ ଜଣ ଖପ୍ରାଖୋଲ ଥାନା ଭରୁଆମୁଣ୍ଡା ଗ୍ରାମର ୪ ଜଣ ଏବଂ ସୁଦୂର ଛତିଶଗଡ ରାଜ୍ୟର ୫ ଜଣ ବୋଲି ଜଣାପଡିଛି । ସୂଚନା ଅନୁସାରେ, ବେଆଇନ ଭାବେ ଦାଦନ ଚାଲାଣ ହେଉଥିବା ବେଲପଡା ଥାନାଧିକାରୀ ଅନନ୍ତ ପଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ପୋଲିସ ଟିମ୍ ସହ ଡୁଙ୍ଗରିଗୁଡା ବସଷ୍ଟାଣ୍ଡ ଠାରେ ଆତର୍କିତ ଭାବେ ଚଢ଼ଉ କରି ୬ ଜଣ ଶିଶୁ ସମେତ ୧୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଦାଦନ ସର୍ଦ୍ଦାର ରନ୍ ବାଗଙ୍କୁ ମଧ ଗିରଫ କରିବାରେ ସଫଳ ହୋଇଥିଲେ । ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ବେଲପଡା ଥାନାକୁ ଅଣାଯାଇଥିବା ବେଳେ ସେମାନଙ୍କୁ ପଚରାଉଚରା ପରେ ବେଲପଡା ଥାନା ଡୁଙ୍ଗରିଗୁଡା ଗ୍ରାମର ଦାଦନ ସର୍ଦ୍ଦାର ରନ୍ ବାଗ ସେମାନଙ୍କୁ ପ୍ରଥମେ କଂଟାବାଞ୍ଜି ଓ ପରେ କର୍ଣ୍ଣାଟକ ରାଜ୍ୟ ଅନ୍ତର୍ଗତ ବାଙ୍ଗାଲୁର ସିଟିକୁ ଇଟା ଭାଟିରେ କାମ କରେଇବା ପାଇଁ ବେଆଇନ ଭାବେ ଚାଲାଣ କରୁଥିବା ଜଣାପଡିଥିଲା । ବେଆଇନ ଦାଦନ ଚାଲାଣ କରୁଥିବା ନେଇ ବେଲପଡା ଥାନା କେସ୍ ନଂ ୨୬୫/ ୨୦୨୪ରେ ଭାରତୀୟ ପେନାଲ କୋର୍ଡ ଧାରା ୧୪୩/୧୪୫/ ୩୧୮(୨) ବିଏନ୍ଏସ୍ ୨୫ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସମସ୍ତ ଶ୍ରମିକଙ୍କୁ ନିଜ ନିଜ ଘରକୁ ପଠାଇ ଦେଇଥିବା ବେଳେ କେସ୍ କୁ ନେଇ ଅଧିକ ତଦନ୍ତ ଚାଲିଥିବା ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ପ୍ରକାଶ କରିଛନ୍ତି ।

# ଫଣି ଭୂଷଣ ବୈଦ୍ୟଙ୍କ ବିୟୋଗରେ ରାଜ୍ୟସ୍ତରୀୟ ଶୋକସଭା ଅନୁଷ୍ଠିତ

ଜୟପୁର, ୧୬/୯ (ନି.ପ୍ର): ଓଡ଼ିଶା ଅମଲା ସଂଘର ୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ଫଣି ଭୂଷଣ ବୈଦ୍ୟଙ୍କ ବିୟୋଗରେ ରାଜ୍ୟ ଓଡ଼ିଶା ଅମଲା ସଂଘର ଶୋକସଭା ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି ।ସ୍ୱର୍ଗତ ବୈଦ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଜଣେ ଦୃଢ଼ ସଙ୍ଗଠକ ସହିତ ଓଡ଼ିଶା ଅମଲା ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ଥିଲେ ।ସେ ଗ୍ରାମ୍ୟ ଉନ୍ନୟନ ବିଭାଗରେ କର୍ମଚାରୀ ଥିଲେ ସେ ଜୟପୁର, କୋରାପୁଟ, ମାଲକାନଗିରି ଭଳି ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଓ ରାଜ୍ୟ ନେତୃବୃନ୍ଦ ଗଭୀର ଦୁଃଖ ପ୍ରକାଶ କରିଥିଲେ । ସ୍ୱର୍ଗତ ବୈଦ୍ୟଙ୍କ ବିୟୋଗରେ ଓଡ଼ିଶା ଅମଲା ସଂଘ ସଭାପତି ନବରଙ୍ଗପୁର ଜିଲ୍ଲା ଶାଖା ଶ୍ରୀ ବୁଲୁ ହତା ଏକ ଶୋକସଭା ଆଭାସି ମାଧ୍ୟମରେ ଆୟୋଜନ କରିବା ସହିତ ଆଭାସି ସଭାରେ ସଭାପତିତ୍ୱ କରିଥିଲେ । ରାଜ୍ୟ ବ୍ୟାପି ସମଗ୍ର ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ ସ୍ତରୀୟ ନେତୃବୃନ୍ଦ ଯୋଗଦାନ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାନ କରିଥିଲେ । ନବରଙ୍ଗପୁରରୁ ଶ୍ରୀ ବୁଲୁ ହତା, ଶ୍ରୀମତି ସିଦ୍ଧେଶ୍ୱେରି ବେନିଆ,ଜୟପୁରରୁ ଶ୍ରୀ ଶଶୀ ଭୂଷଣ ଦାଶ, ଶ୍ରୀ ସଞ୍ଜୟ କୁମାର ଷଡ଼ଙ୍ଗୀ, ବୋରିଗୁମ୍ମାରୁ ଶ୍ରୀ ବୃନ୍ଦାବନ ପଣ୍ଡା, କୋରାପୁଟରୁ ସୁନାକର ରାଉତ, ମାଲକାନଗିରିରୁ ଶ୍ରୀ ଶ୍ୟାମସୁନ୍ଦର ନାୟକ, ରାୟଗଡ଼ାରୁ ଶ୍ରୀ ଗୋପୀନାଥ ପଣ୍ଡା, ବ୍ରହ୍ମପୁରରୁ ଶ୍ରୀ ପ୍ରସନ୍ନ କୁମାର ତ୍ରିପାଠୀ, ପର୍ଶୁରାମ ପାତ୍ର, ଖୋର୍ଦ୍ଧାରୁ ଶ୍ରୀ ନାରାୟଣ ଦାଶ, ଶ୍ରୀ ଅଶୋକ ପଣ୍ଡା, କଳାହାଣ୍ଡିରୁ ଶ୍ରୀ ସୁକାନ୍ତ ମହାପାତ୍ର, ଶ୍ରୀ ରୁପକେଶରୀ ଦଳେଇ, ପୁରିରୁ ଜ୍ଞାନ ରଞ୍ଜନ ଦାଶ ମହେନ୍ଦ୍ର କୁମାର ମହାପାତ୍ର, ସୋନପୁରରୁ ଶ୍ରୀ ଚିତ୍ତରଞ୍ଜନ ତରାସିଆ,କଟକରୁ ହୃଦୟ ବିହାରୀ ମହାପାତ୍ର, ଶ୍ରୀ ଅଜୟ କୁମାର ନାୟକ ,କେଉଁଝରରୁ ପ୍ରସନ୍ନ କୁମାର ବେହେରାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରି ସ୍ୱର୍ଗତ ଫଣି ବୈଦ୍ୟଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କର ପରିବାରକୁ ଭଗବାନ ସାହାସ ଦେବା ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ବୃକ୍ଷ ରୋପଣ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ, ୧୬/୯ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବୃକ୍ଷ ରୋପଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ ବୃକ୍ଷ ମନୁଷ୍ୟର ମିତ, ଜନ୍ମରୁ ସେକ ଓ ମୃତ୍ୟୁ ପରେ ସଂସ୍କାର ଯାଏଁ ସେବା ଦିଏ । ବୃକ୍ଷର ଜୀବନ ଅଛି, ସୂର୍ଯ୍ୟମୁଖୀ ସକାଳେ ସୂର୍ଯ୍ୟକୁ ଚାହେଁ, ଲାଜକୁଳୀ ଛୁଇଁଲେ ସରମି ଯାଏ । ତମାଳ ଜାତୀୟ ବୃକ୍ଷ କୀଟ ପତଙ୍ଗ ଖାଇ ଭୂମିକୁ କ୍ୟାଲସିୟମ୍ ଯୋଗାଏ । ଚାକୁଣ୍ଡା ଜାତୀୟ ଗଛର ପତ୍ର ସଂଧ୍ୟା ହେଲେ ବୁଜି ହୋଇଯାଏ । ସମସ୍ତ ଗଛର ଔଷଧୀୟ ଗୁଣ ରହିଛି, ସବୁ ରୋଗ ଭଲ କରେ । ସୁମନ ମନକୁ ପ୍ରସନ୍ନ ଓ ଶାନ୍ତି ଦିଏ । ଫଳ ମୂଳ ଖାଦ୍ୟ ଦିଏ । କାଣ୍ଡ ଘର ତିଆରିରେ ଲାଗେ । ଛାଇ ଓ ବଂଚିବା ପାଇଁ ପ୍ରଶ୍ୱାସ ଦିଏ ଏଣୁ ଏହି ପାଗରେ ଗଛ ଘରର ସମସ୍ତଙ୍କ ନାମରେ ଲଗାଇ ଦିଅନ୍ତୁ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ ।

ମଙ୍ଗଳବାର, ୧୭ ସେପ୍ଟେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କପ୍ତିପଦା ବ୍ଲକରେ 'ସୁଭଦ୍ରା' ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ

କପ୍ତିପଦା, ୧୬/୯ (ନି.ପ୍ର): କପ୍ତିପଦା ବ୍ଲକ ମିଶନଶକ୍ତି ତରଫରୁ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ଓ ବ୍ଲକସ୍ତରୀୟ ମହାସଂଘ ପକ୍ଷରୁ 'ସୁଭଦ୍ରା' ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକସ୍ତରରେ ଏହି ପଦଯାତ୍ରାରେ ବିଡିଓ ସିଦ୍ଧେଶ୍ୱର ନାୟକ, ସମନ୍ୱୟ ଶିଶୁ ବିକାଶ ଅଧିକାରିଣୀ ଦିପ୍ତିମୟୀ ପୋଥାଳ, ବିପିସି ମିଶନଶକ୍ତି କମଳାକାନ୍ତ ଶଙ୍ଖୁଆ, ବିପିଏ ମିଶନଶକ୍ତି ଚମ୍ପାମଣୀ ନାଏକ, ବିପିଏମ୍ ଏଏଲଏମ ବସନ୍ତ କୁମାର ମଲ୍ଲିକ, ବିଏଲସି ଓଏଲଏମ୍ ସବିତା ବେହେରା, ବ୍ଲକ ମହାସଂଘର ସମସ୍ତ କାର୍ଯ୍ୟକାରୀ କମିଟିର ସଭ୍ୟାମାନେ ଉପସ୍ଥିତ ଥିଲେ । ପଦଯାତ୍ରା ପ୍ରଥମେ ମିଶନଶକ୍ତି ଭବନରୁ ବାହାରି ବଜରା ପରିକ୍ରମା କରି ପୁଣିଥରେ ମିଶନଶକ୍ତି ଭବନରେ ପହଞ୍ଚିଥିଲା । ଏହାପରେ ବିଡିଓ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁଭଦ୍ରା ଯୋଜନା ସଂପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ସେହିପରି ପ୍ରତି ଗ୍ରାମ ପଞ୍ଚାୟତସ୍ତରରେ ମହାସଂଘ ଦ୍ୱାରା ପଦଯାତ୍ରା ଅନୁଷ୍ଠି ହୋଇଥିଲା । ସବୁ ପଞ୍ଚାୟତରେ କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏସଏଚଜି ସଭ୍ୟା ଏହି ପଦଯାତ୍ରାରେ ସାମିଲ ଥିଲେ ।




## ସୁବର୍ଣ୍ଣରେଖାରେ ଜଳ ପତ୍ତନ ବୃଦ୍ଧି: ତଳିଆ ଅଞ୍ଚଳରେ ବନ୍ୟା ଜଳ



ଲଙ୍ଗଳେଶ୍ୱର , ୧୬/୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଓ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖା ନଦୀର ଜଳ ପତନ ବୃଦ୍ଧି ପାଇଛି । ଫଳରେ କୂଳ ବର୍ତ୍ତୀ ତଳିଆ ଅଞ୍ଚଳରେ ବନ୍ୟା ଜଳ ଦେଖିବାକୁ ମିଳିଛି । ବନ୍ୟା ଜଳ କୁମ୍ଭୀର, ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ଡଗରା ଆଦି ପଞ୍ଚାୟତର ତଳିଆ ଅଞ୍ଚଳରେ ପଶିଛି । ତେବେ ବନ୍ୟା ଜଳ ବୃଦ୍ଧିକୁ ଦେଖି ସ୍ଥାନୀୟ ଅଂଚଳର ଲୋକ ମାନେ ଆଶଙ୍କାରେ ରହି ଛନ୍ତି । ଚଢ଼ପାଳପଢ଼ା, ଚଢ଼ବଢ଼ାପାଳ, ମନୁ ନଗର, ଚୌଧୁରୀ କୁଦ, ପାଳ ଚମ୍ପେଇ ଆଦି ଗ୍ରାମର ଲୋକ ମାନେ ବନ୍ୟା ଜଳ ଘେରରେ ରହିଛନ୍ତି । ନଦୀର ଜଳ ପତନ ଏବେ ରାଜଘାଟ ଠାରେ ସତର୍କ ସୂଚନା ପାଖରେ ରହିଛି । ଏଠାରେ ସତର୍କ ସୂଚନା ୯. ୪୫ ମିଟର ହୋଇ ଥିବାବେଳେ ବିପଦ ସଂକେତ ୧୦. ୩୬ମିଟର । ତେବେ ଜଳ ପତନ ବୃଦ୍ଧି ନେଇ ଲୋକେ ଭୟଭୀତ ନ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ଜଳ ପତନ ଯେଉଭଳି ଭାବରେ ବୃଦ୍ଧି ପାଉଛି, ସେମିତ ଲାଗି ରହିଲେ ବନ୍ୟା ପରିସ୍ଥିତି ଅଧିକ ହେବ ବୋଲି ବନ୍ୟା ଅଞ୍ଚଳର ଲୋକ ମାନେ କହିଛନ୍ତି ।

## ବେତନଟୀଠାରେ ରେଳ ଧାରଣାରେ କଟି ପରିବା ବ୍ୟବସାୟୀଙ୍କ ମୃତ୍ୟୁ

ବେତନଟୀ, ୧୬/୯ (ନି.ପ୍ର): ବାଙ୍ଗିରିପୋଷି ରୁପସା ରେଳପଥରେ ବେତନଟୀ ନିକଟରେ ଆଜି ମଧାହ୍ନରେ ଜନୈକ ବ୍ୟକ୍ତିଙ୍କ ମୁଣ୍ଡ ଓ ଶରୀର ଅଲଗା ଅଲଗା ପଡ଼ିଥିବା ଦେଖିବାକୁ ମିଳିଥିଲା । ପ୍ରାଥମିକ ଅବସ୍ଥାରେ ମୃତ ବ୍ୟକ୍ତିଙ୍କ ଚିହ୍ନଟ କରାଯାଇ ପାରିନଥିଲା । ତେବେ ବାରିପଦାରୁ ଜିଆରପି ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ତଦନ୍ତ ଆରମ୍ଭ କଲାପରେ ଏହା ବେତନଟୀ ଥାନା ଅନ୍ତର୍ଗତ ଶୁଖିଲାହାର ଗ୍ରାମର ପରିବା ବ୍ୟବସାୟୀ ବିଶ୍ୱେଶର ଦେହୁରୀଙ୍କ ବୋଲି ଜଣାପଡିଥିଲା । ମୃତକଙ୍କ ଭାଇ ଦୀପକଙ୍କ କହିବା ଅନୁଯାୟୀ ବିଶ୍ୱେଶର ରବିବାର ରାତିରେ ବଜାର ଯାଉଛନ୍ତି କହି ବାହାରି ଯାଇଥିଲେ । ହେଲେ ଆଉ ଘରକୁ ଫେରି ନଥିଲେ । ସେବେଠାରୁ ତାଙ୍କୁ ଖୋଜାଖୋଜି ଚାଲିଥିଲା । ଆଜି ଦିନ ଗୋଟାଏ ବେଳେ ବିଏସଏନଏଲ ଅଫିସ ସମ୍ମୁଖସ୍ଥ ରେଳଧାରଣା ଉପରେ ମୃତକଙ୍କ ଶବ ଜବତ କରି ଜିଆରପି ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୬/୯ (ନି.ପ୍ର): ଜିଲ୍ଲାସ୍ତରୀୟ ବିକାଶ ମେଳାର ଆୟୋଜନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନ ଘ. ୫ ଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଆସନ୍ତା ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ରିଜର୍ଭ ପୋଲିସ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ଜିଲ୍ଲାର ସମସ୍ତ ବିଭାଗର ସମନ୍ୱୟରେ ସଠିକ ଭାବରେ ପରିଚାଳନା କରିବା ଦିଗରେ ଜିଲ୍ଲାପାଳ ଆଲୋଚନା କରିଥିଲେ ଓ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନମୂଳକ ଫଳପ୍ରସୂ ଯୋଜନା ଗୁଡିକୁ ଜନସାଧାରଙ୍କୁ ଅବଗତ ଓ ସଚେତନ କରିବା ପାଇଁ ଏହି ବିକାଶ ମେଳା ଆୟୋଜିତ କରାଯାଉଛି ଓ ଓଡିଶା ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ମିଶନ ଶକ୍ତି, ସୂଚନା ଓ ଲୋକସମ୍ପର୍କ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କୃଷି, ଉଦ୍ୟାନ କୃଷି, ପର୍ଯ୍ୟଟନ, ଶିକ୍ଷା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମନ୍ୱିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି ଓ ୩ ଦିନ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲୋକକଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ମାଧ୍ୟମରେ ସାଂସ୍କୃତିକ ସ୍ପର୍ଦ୍ଧା ମଧ୍ୟ ଆୟୋଜନ କରାଯିବ ଓ ୨୫ ଷ୍ଟଲ ବିଶିଷ୍ଟ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀର ଆୟୋଜନ କରାଯିବ ଓ ୩ ରୁ ୫ ହଜାର ଜନସାଧାରଣଙ୍କ ସମାଗମ ହେବ । ପ୍ରାପ୍ତ ସୂଚନା ଅନୁଯାୟୀ ୨୨ ତାରିଖରେ ହେବାକୁ ଥିବା ଉଦ୍ଘାଟନ ସମାରୋହରେ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ବିଭାଗ, ଓଡିଶା ସରକାର ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ।

## ଛାଉଣୀ ପକ୍ଷରୁ ଛଉ କନେକ୍ଟ-୨ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାରିପଦା , ୧୬/୯ (ନି.ପ୍ର): ମୟୁରଭଞ୍ଜ ଛଉର ବିକାଶ ପାଇଁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଜାରି ରହିଥିବା ସ୍ୱତନ୍ତ୍ର ଅଭିଯାନ ଛଉ କନେକ୍ଟ-୨ ବାରିପଦା ସହିଦ ସ୍ମୃତି ଭବନ ଠାରେ ଉଦଯାପିତ ହୋଇଯାଇଛି. ମୟୂରଭଞ୍ଜ ଛଉ ନୃତ୍ୟର ସଂରକ୍ଷଣ ତଥା ଅଧିକ ପ୍ରଚାର ପ୍ରସାର କରି ଏହାର ହୃତଗୌରବକୁ ପୁନଃ ସ୍ଥାପିତ କରିବା ପାଇଁ ବିଗତ ୮ବର୍ଷ ଧରି କାର୍ଯ୍ୟ କରି ଆସିଥିବା ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଓଡ଼ିଶା ଖଣି ନିଗମର ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୟୂରଭଞ୍ଜର ବିଭିନ୍ନ ଗ୍ରାମରେ ଥିବା ଛଉନୃତ୍ୟ ଦଳଗୁଡିକୁ ଉଚ୍ଚତର ତାଲିମ ପ୍ରଦାନ କରାଯିବା ସାଙ୍ଗକୁ ସୁନ୍ଦର ପୋଷାକ ଏବଂ ପରିପାଟି ଇତ୍ୟାଦିର ବ୍ୟବସ୍ଥା କରାଯାଇ ସେଗୁଡିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଅଭିଯାନ ଛଉ କନେକ୍ଟ-୨ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଜିଲ୍ଲାର ୧୧ଟି ଦଳ ଯୋଗଦେଇଥିଲେ । ମୋରଡା ବ୍ଲକର ବଡଜାମବଣୀ, ଶୁଳିଆପଦା ବ୍ଲକର ବଗୁନାଡିହା, ରାଇରଙ୍ଗପୁର ବ୍ଲକର ରେଙ୍ଗାଲବେଡା ଓ ବଡଗାଁ, ବହଳଦା ବ୍ଲକର ଅଁଳାଯୋଡି ଓ ତିଖୁଆ, ତିରିଂ ବ୍ଲକର ରେଙ୍ଗାଲବେଡା, କୁସୁମୀ ବ୍ଲକର ତିଳାପାଡି, ରଙ୍ଗାମାଟିଆ ଓ ଟେଣ୍ଟପୋଷି ଏବଂ ଯଶିପୁର ବ୍ଲକର ଏକତାଳି ଗ୍ରାମରଛଉ ନୃତ୍ୟ ଦଳକୁ ଏହି ଅଭିଯାନରେ ସାମିଲ କରାଯାଇଥିଲା । ଏହି ଦଳଗୁଡିକୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଗୁରୁ ପାଗୁଲୁ ଜେନା, ସୁନୀଲ ମହାନ୍ତ, ଲକ୍ଷ୍ମୀଧର ଘୁନିଆ, କୈଳାସ ପାତ୍ର ଓ ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ନିୟମିତ ଭାବେ ତାଲିମ ପ୍ରଦାନ କରିଥିଲେ । ଏହି ଛଉ ପ୍ରତିଯୋଗିତାରେ ରେଙ୍ଗାଲବେଡାର ଭଞ୍ଜଭୂମି ଛଉନୃତ୍ୟ ପ୍ରତିଷ୍ଠାନ ପ୍ରଥମ ସ୍ଥାନ, ବଡଜାମବଣୀଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ଏବଂ ତିଖୁଆ ଛଉ ନୃତ୍ୟ ପ୍ରତିଷ୍ଠାନ ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରୋଜେକ୍ଟ ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥ ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ବିଶିଷ୍ଟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ଲାଲସାହେବା ପୂର୍ଣ୍ଣିମା ଭଞ୍ଜଦେଓ ଏବଂ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଛଉ କେନ୍ଦ୍ର ମୁଖ୍ୟ ଡ. ସଞ୍ଜୟ ଚୌଧୁରୀ ପ୍ରମୁଖ ଯୋଗଦେଇଥିବା ବେଳେ, ପ୍ରୋଜେକ୍ଟ ଛାଉଣୀର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଭଦ୍ରକ, ୧୬/୯ (ନି.ପ୍ର): ଆଗରପଡ଼ା ସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବନ୍ତ ବ୍ଲକ ସ୍ତରୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ପୁରୁଷଣ୍ଡ ନଂଚାୟତ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବ୍ଲକ କ୍ରୀଡା ସଂପାଦକ ମନୋଜ ଶଙ୍ଖୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଆଝାରୁଦ୍ଦିନ ଅତିଥି ପରିଚୟ ଏବଂ ଧୀରେନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକର ମୋଟ ୩୩ ଗୋଟି ବିଦ୍ୟାଳୟରୁ ୨୮୫ ଜଣ ପ୍ରତିଯୋଗୀ ଉଭୟ ଜୁନିୟର ଓ ସିନିୟର ବର୍ଗରେ ଅଂଶ ଗ୍ରହଣ କରିଥିଲେ । ବ୍ଲକ କ୍ରୀଡ଼ା ସଂପାଦକ ମନୋଜ ଶଂଖୁଆଙ୍କ ନେତୃତ୍ୱରେ ହାଇସ୍କୁଲ ପ୍ରଧାନଶିକ୍ଷକ ଶରତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆଥେଲେଟିକର ୧୦୦, ୨୦୦,୪୦୦ ତଥା ୮୦୦ ମି.ଦୌଡ଼, ସଟ୍‌ପୁଟ ଡ଼ିସ୍କସ୍, ଖୋଖୋ, ଲଙ୍ଗଜମ୍ପ ଓ ହାଇଜମ୍ପ ଆଦି ପ୍ରତିଯୋଗିତା୧୫ ବର୍ଷ ଓ ୧୭ବର୍ଷରୁ କମ୍ ବୟସର ବାଳକ ଓ ବାଳିକାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଯଶୋବନ୍ତ ସିଂହ, ଶିଶିର ଶଂଖୁଆ,ବୀରଭଦ୍ର ପଣ୍ଡା, ଗଣେଶ ଦାସ,ଡ଼ଲିରାଣୀ ଦାସ, ଶମ୍ଭୁନାଥ ମହାନ୍ତି,ବଳଭଦ୍ର ଜେନା,ଉପମନ୍ୟୁ ଖୁଣ୍ଟିଆ, ଅଜୟ ନାୟକ, କୋଦଣ୍ଡଧର ସେଠୀ, ଜନ୍ମେଜୟ ନାୟକ ପ୍ରମୁଖ ଖେଳ ଶିକ୍ଷକମାନେ ବିଭିନ୍ନ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ । ଶେଷରେ କୃତି ପ୍ରତିଯୋଗୀଙ୍କୁ ଅଥିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

## ଜାମକୁଣ୍ଡା ପାଣିଖାଳ ପୋଲ ଭାଙ୍ଗିଲା: ଯାତାୟାତ ବାଧାପ୍ରାପ୍ତ

ଲଙ୍ଗଳେଶ୍ୱର , ୧୬/୯ (ନି.ପ୍ର): ବର୍ଷା ଯୋଗୁଁ ବ୍ରିଟିଶ ଅମଳରୁ ଥିବା ଜାମକୁଣ୍ଡା ପାଣି ଖାଳ ପୋଲ ଏବେ ଭାଙ୍ଗି ଯାଇଛି । ଫଳରେ ଯାତାୟାତ ନେଇ ସ୍ଥାନୀୟ ଲୋକ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ଏବେ ବାଲି ବସ୍ତା ପକାଇ ବିପଦ ଶଂକୁଳ ଅବସ୍ଥାରେ ବାଧ ହୋଇ ଯାଆ ଆସ କରୁଛନ୍ତି । ଏହି ପୋଲ ପାରି କରି ଜାମକୁଣ୍ଡା ପଶ୍ଚିମସାହି, ଜୁଣପାହି, ବଡ଼ାଶ, କେନ୍ଦୁ ଅଡିଆ, ଗୋପୀନାଥପୁର ଆଦି ଗ୍ରାମର ଲୋକମାନେ ଦୈନନ୍ଦିନ ଯିବା ଆସିବା କରିଥାନ୍ତି । ପୋଲରେ ମଧ ଲକ ବ୍ୟବସ୍ଥା ରହିଛି ଯାହା କି ଉଦବୃତ୍ତ ବର୍ଷା ଓ ବନ୍ୟା ଜଳ କୁ ନିଷ୍କାସନ ଓ



ନିୟନ୍ତ୍ରଣରେ କାମ କରୁ ଥିଲା । ଏବେ ପୋଲ ଭାଙ୍ଗି ଯାଇ ଥିବାରୁ ସମସ୍ୟା ଦେଖା ଦେଇଛି । ଜଳ ସେଚନ ବିଭାଗ ଯୁଦ୍ଧ କାଳୀନ ଭିତ୍ତିରେ ପୋଲ ନିର୍ମାଣ କରିବା ସହିତ ଲକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଗ୍ରାମର ମୁଖ୍ୟ ଶଶାଙ୍କ ଦୀକ୍ଷିତ, ବିନୟ କୁମାର ଜେନା, ରବୀନ୍ଦ୍ର ନାଥ ମୁଖି, ମିହିର କୁମାର ପ୍ରଧାନ, ଫକୀର କୁମାର ପାଳ, ଭାନୁ ଚରଣ ମିର୍ଦ୍ଧା, ଲକ୍ଷ୍ମୀ ନାଥ ମିର୍ଦ୍ଧା ପ୍ରମୁଖ ଦୃଢ଼ ଦାବି କରିଛନ୍ତି । ତେବେ ଏ ବାବଦରେ ଜଳ ସେଚନ ବିଭାଗ ଯନ୍ତ୍ରୀଙ୍କ ସହ ଯୋଗା ଯୋଗ ହୋଇ ପାରି ନାହିଁ ।

## ଖଣ୍ଡଗିରି ଓ ଉଦୟଗିରି ବୁଲିଲେ ରାଜ୍ୟପାଳ

ଭୁବନେଶ୍ୱର, ୧୬/୯ (ନି.ପ୍ର): ଖଣ୍ଡଗିରି ଓ ଉଦୟଗିରି ବୁଲିଲେ ରାଜ୍ୟପାଳ ରଘୁବର ଦାସ । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପଖଣ୍ଡରେ ଥିବା ଉଦୟଗିରି ଓ ଖଣ୍ଡଗିରିର ପାହାଡଗୋ ସୌନ୍ଦର୍ଯ୍ୟ ଭରିରହିଛି । ପୁରାତତ୍ତ୍ୱବିତ, ଐତିହାସିକ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ଏଠାକାର ଗୁମ୍ଫା ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଜି ମୁଁ ଏଠାରେ କିଛି ସମୟ ଅତିବାହିତ କରିଛି । ଜୈନ ଧର୍ମ ସହିତ ଜଡିତ ଇତିହାସ ଜାଣିଲି । ଆଧ୍ୟାତ୍ମିକ ଓ ପ୍ରାକୃତିକ ମାହୋଲ ମଧ୍ୟରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସହ କଥା ହେଲି । ଏଠାକୁ ଆସି ମୋତେ ବହୁତ ଭଲ ଲାଗିଲା ।

## ଜାତୀୟ ସୁନାମି ରେଡ଼ି ବୋର୍ଡ଼ର ବାଲେଶ୍ୱର ଗସ୍ତ ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ବାଲେଶ୍ୱର, ୧୬/୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୮ ଓ ୧୯ ତାରିଖରେ ହେବାକୁ ଥିବା ଜାତୀୟ ସୁନାମି ପ୍ରସ୍ତୁତି ବୋର୍ଡ (ଏନଟିଆରବି) ଗସ୍ତ ନେଇ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା ନିମନ୍ତେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ଘ. ୧୧. ୩୦ ମି ସମୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ଓ ଆଭାସୀ ମାଧ୍ୟମରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଭୋଗରାଇ, ସଦର ଓ ବାହାନଗର ର ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାର ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲ୍ଲାର ସୁନାମି ପ୍ରବଣ ୪ ଗୋଟି ଗ୍ରାମ ଯଥା ସଦର ବ୍ଲକର ଜୟଦେବକସବା ପାହି, ବାହାନଗା ବ୍ଲକର ଜଗନ୍ନାଥପୁର ଏବଂ ଭୋଗରାଇ ବ୍ଲକର କନ୍ୟାନଗରୀ ଓ ସାହାପୁରଠାରେ ସୁନାମି ପ୍ରସ୍ତୁତି ସ୍ୱୀକୃତି କାର୍ଯ୍ୟକ୍ରମ (ଟିଆରଆରପି)ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ଯାଞ୍ଚ କରିବା ପାଇଁ ଏହି ଗସ୍ତ ଚୂଡାନ୍ତ ହୋଇଛି ଓ ଉକ୍ତ ଦଳ ଇଣ୍ଡିଆନ ନ୍ୟାସନାଲ ସେଣ୍ଟର ଫର ଓସେନ ଇନଫରମେସନ ସର୍ଭିସେସ୍ (ଆଇଏନସିଓଆଇଏସ), ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ) ଏବଂ ଗୃହ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ହୋଇଛି । ସେପଟ୍ଟେମ୍ବର ୧୮ ତାରିଖରେ ଏହି ଟିମ୍ ଜୟଦେବକସବା ପାହି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ଓ ସଂଲଗ୍ନ ସ୍କୁଲକୁ ଗସ୍ତ କରିବା ପରେ ଜଗନ୍ନାଥପୁର ଗସ୍ତ କରିବେ । ସେପଟ୍ଟେମ୍ବର ୧୯ ତାରିଖରେ ଭୋଗରାଇ ବ୍ଲକର କନ୍ୟାନଗରୀ ଓ ସାହାପୁର ପରିଦର୍ଶନ ପାଇଁ ନିର୍ଦ୍ଧାରିତ କରାଯାଇଛି ଓ ଏହି ଗସ୍ତରେ ଜିଲ୍ଲାର ସୁନାମି ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତୁତି କରାଯାଇଛି । ସେଥିମଧ୍ୟରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ଏନଜିଓ ସହିତ ସୁନାମି ପ୍ରସ୍ତୁତି ନେଇ ଆଲୋଚନା କରାଯିବାର ଚୂଡାନ୍ତ ହୋଇଛି । ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଦଳ ମୁତୟନ କରାଯିବା ସହ ବିଦ୍ୟାଳୟ, ସାଗର ମିତ୍ର ଓ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସ୍ଥାନରେ ମୁତୟନ କରାଯାଇ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ପକ୍ଷରୁ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ । ଏହି ବୈଠକରେ ଜିଲ୍ଲାପାଳ ଏନଟିଆରବି ଟିମର ଗସ୍ତ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ୪୯ ମତ୍ସ୍ୟଜୀବୀ ନିଖୋଜ

କୋଲକାତା, ୧୬/୯ (ନି.ପ୍ର): ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବରର ସୁଲତାନପୁର ମାଛଧରା ବନ୍ଦରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ୪୯ ମତ୍ସ୍ୟଜୀବୀ ତିନୋଟି ଟ୍ରଲର ସହିତ ନିଖୋଜ ହୋଇଯାଇଛନ୍ତି । ପ୍ରଶାସନ ପକ୍ଷରୁ ହେଲିକପ୍ଟର ଯୋଗେ ସୋମବାର ସକାଳୁ ଏହି ମତ୍ସ୍ୟଜୀବୀଙ୍କୁ ଖୋଜା ଯାଉଛି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁରାକ ମିଳିପାରିନାହିଁ । ମତ୍ସ୍ୟଜୀବୀଙ୍କ ପରିବାର ଚିନ୍ତା ପ୍ରକାଶ କରିବା ସହ ଯଥାଶୀଘ୍ର ପ୍ରଶାସନ ଠାରୁ ସୂଚନା ମାଗିଛନ୍ତି ।

## ସମାଜସେବୀ ଲକ୍ଷ୍ମୀଧର ମହାପାତ୍ରଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର, ୧୬/୯ (ନି.ପ୍ର): ସହର ଉପକଣ୍ଠରେ ଥିବା କୁରୁଡ଼ା ଗ୍ରାମପଞ୍ଚାୟତର ଶ୍ରୀବନ୍ତପୁର ଗ୍ରାମନିବାସୀ ତଥା ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତରର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଓ ସମାଜସେବୀ ସ୍ୱର୍ଗତ ଲକ୍ଷ୍ମୀଧର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମହାପାତ୍ରଙ୍କ ବାସଭବନ ପରିସରରେ ଅନୁଷ୍ଠିତ ଶୋକସଭାରେ ଡ. କେଶବ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ଏହି ସଭାରେ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଜଣେ ସଚ୍ଚୋଟ କର୍ମଚାରୀ ଭାବେ ସରକାରୀ ଚାକିରିରୁ ଅବସର ନେବା ପରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ବହୁ ସାମାଜିକ ସଂଗଠନରେ ମୃତ୍ୟୁ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଶ୍ରୀରାମ ଚରିତ ମାନସ କମିଟିର ଉପସଭାପତି କବି ଜଳଧର ପଣ୍ଡା ସ୍ୱଲିଖିତ କବିତା ପାଠ କରିଥିଲେ । ଏହି ଶୋକସଭାରେ ରେମୁଣା ବ୍ଲକ୍ ଅଧକ୍ଷ ରାଜେନ୍ଦ୍ର ରାଉତ, ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ସରପଞ୍ଚ ଗଣେଶ ପଣ୍ଡା, ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶରତ କୁମାର ଜେନା, ମହେଶ ଚଣ୍ଡ, ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସାମ୍ବାଦିକ ରବି ପାଣିଗ୍ରାହୀ, ଅବସରପ୍ରାପ୍ତ ପୋଲିସ୍ ଅଫିସର ଭାସ୍କର ଚନ୍ଦ୍ର ପଣ୍ଡା, ମନୋଜ ପଣ୍ଡା, ନୟନ ରାୟ, ଗଜେନ୍ଦ୍ର ଚଣ୍ଡ ଓ ପରିବାରର ସଦସ୍ୟ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ମହାପାତ୍ରଙ୍କ ସୁଗୁଣାବଳୀର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଲେ । ସଭାକାର୍ଯ୍ୟ ଆରମ୍ଭରେ ନିରବ ପ୍ରାର୍ଥନା କରାଯାଇଥିଲା ।

## ସମ୍ବାଦ ପରିବେଷଣ ପରେ 'ଝାମ୍ପିଡ଼ି'ଙ୍କୁ ମିଳିଲା ଭତ୍ତା: ୧୨ ବର୍ଷ ପ୍ରତୀକ୍ଷାର ପଡ଼ିଲା ପୂର୍ଣ୍ଣଛେଦ

ଉଦଳା , ୧୬/୯ (ନି.ପ୍ର): ଉଦଳା ବ୍ଲକର ବହୁବଂଧ ପଂଚାୟତ ଅନ୍ତର୍ଗତ ନାବରା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଝାମ୍ପିଡ଼ି ହେମ୍ବ୍ରମ ଦିର୍ଘ ୧୨ ବର୍ଷ ଧରି ବିଧବା ଜୀବନ ବିତାଉଥିଲେ ମଧ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇପାରି ନଥିଲେ । ତାଙ୍କର ସ୍ୱାମି ଗୁଲ ହେମ୍ବ୍ରମ ଯକ୍ଷ୍ମା ରୋଗରେ ପିଡ଼ିତ ହୋଇ ଉଦଳା ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର, ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ସବୁକିଛି ଠିକ୍ ଠାକ୍ ଥିଲେ ମଧ 'ଝାମ୍ପିଡ଼ି' କାହିଁକି ଭତା ପାଇପାରୁ ନଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଏପରିକି ଏଠାରେ ଆଦିବାସି ଲୋକଙ୍କର ସବୁ ପ୍ରକାର ସୁଖ, ଦୁଃଖ ବୁଝିବା ପାଇଁ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିଲେ ମଧ ସାମାଜିକ ସୁରକ୍ଷା ଯୋଜନାରେ ଆଦିବାସି ବିଧବାଙ୍କୁ ଭତା ପାଇବା ପାଇଁ ଦିର୍ଘ ୧୨ ବର୍ଷ ଅପେକ୍ଷା କରିବାକୁ ପଡୁଛି । ଏତିକି ବେଳେ ପ୍ରକଳ୍ପରେ ମୋଟା ଅଙ୍କରେ ଦରମା ନେଇ କାର୍ଯ୍ୟରତ ସରକାରି ବାବୁ ମାନଙ୍କ ବିରୁଦ୍ଧରେ ପ୍ରବଳ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଉକ୍ତ ଘଟଣା ସମ୍ପର୍କରେ ଜନଜାଗୃତି ମଂଚର ସ୍ୱେଚ୍ଛାସେବକ ମାନେ ଖବର ପାଇ ଏହାକୁ ସାମ୍ବାଦିକ ମାନଙ୍କ ନଜରକୁ ଆଣିଥିଲେ । ଖବର କାଗଜରେ ସମ୍ବାଦ ପରିବେଷଣ ପରେ ଜିଲ୍ଲା ପ୍ରଶାସନ କଳର ତତ୍ପରତା ପ୍ରକାଶ ପାଇବା ସହିତ 'ଝାମ୍ପିଡ଼ି'ଙ୍କୁ ଭତା ପ୍ରଦାନ କରିଥିବାର ଜଣାଯାଇଛି । ଏଥିରେ 'ଝାମ୍ପିଡ଼ି' ମଧ ଖୁସି ହୋଇ ମଂଚର ସ୍ୱେଚ୍ଛାସେବି ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo